# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୯/୨୦୨୦ (୧୨ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, August 9/2020 | ★★★★

୪୬ଶ ଭାଗ ୨୫୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଯୁଜବେନ୍ଦ୍ର ଚହଲଙ୍କ ନିର୍ବନ୍ଧ ସମ୍ପନ୍ନ**

ୟୁ ଟ୍ୟୁବର ତଥା କୋରିଓଗ୍ରାଫର ଧନଶ୍ରୀ ବର୍ମାଙ୍କ ସହ ଭାରତୀୟ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କ ନିର୍ବନ୍ଧ ହୋଇଛି।

୧୨

୧୦

**ଅନାଥ ଶିଶୁଙ୍କ ଦାୟିତ୍ୱ ନେଲେ ସୋନୁ**

ପଞ୍ଜାବରେ ବାପା-ମା' ଛେଉଣ୍ଡ ୪ଜଣ ଅନାଥ ଶିଶୁଙ୍କ ଦାୟିତ୍ୱ ଗ୍ରହଣ କରିଛନ୍ତି ଅଭିନେତା ସୋନୁ ସୁଦ୍। ଏବେ ଏହି ଶିଶୁମାନେ ନିଜ କକାଙ୍କ ପାଖରେ ଅଛନ୍ତି।




# ବିଲ୍ ସାଇକଲ: କାହିଁକି ଏ ପରିବର୍ତ୍ତନ

**ଭୁବନେଶ୍ୱର,୮।୮(ବ୍ୟୁରୋ)**


ଉପଭୋକ୍ତାଙ୍କୁ ଉନ୍ନତମାନର ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ଯୋଗାଇ ଦେବା ଲକ୍ଷ୍ୟରେ ରାଜ୍ୟର ବିଦ୍ୟୁତ୍ ବ୍ୟବସ୍ଥାକୁ ଗୋଟିଏ ପରେ ଗୋଟିଏ ଘରୋଇ ସଂସ୍ଥା ହାତକୁ ଟେକି ଦିଆଯାଉଛି। ପ୍ରଥମେ ଆମେରିକା କମ୍ପାନୀ ଏଇଏସ୍(୧୯୯୯ ରୁ ୨୦୦୧ ), ଏହାପରଠାରୁ ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଏ ୟୁଟିଲିଟି (ସେସୁ) ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି) ଦ୍ୱାରା ୨୦୨୦ ମେ ୩୧ ପର୍ଯ୍ୟନ୍ତ ପରିଚାଳିତ ହେଉଥିଲା। ଏବେ ଗତ ଜୁନ୍ ୧ରୁ ଟାଟା ପାୱାର କମ୍ପାନୀ ଲିମିଟେଡ(ଟିପିସିଏଲ୍)କୁ ସେସୁର ପରିଚାଳନା ଦାୟିତ୍ୱ ଦିଆଯାଇଛି। ଏଥିସହିତ ଟାଟା ପାୱାର ସେସୁର ନାମ ପରିବର୍ତ୍ତନ କରି ଟାଟା ପାୱାର ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍(ଟିପିସିଓଡିଏଲ୍) ରଖିଛି। ଗ୍ରୀଡ୍‌କୋ ସହ ଚୁକ୍ତି ସମୟରେ ଗ୍ରାହକଙ୍କୁ ଉନ୍ନତ ସେବା, ବୈଷୟିକ ଓ ବାଣିଜ୍ୟ କ୍ଷତି କମାଇବା, ନୂତନ ପ୍ରକଳ୍ପ ପାଇଁ ପୁଞ୍ଜି ନିବେଶ କରିବା ଆଦି ଚୁକ୍ତିରେ ଉଲ୍ଲେଖ ରହିଥିଲା। ହେଲେ ଗ୍ରାହକଙ୍କୁ ଉତ୍ତମ ସେବା ଦେବା ପରିବର୍ତ୍ତେ ଟିପିସିଓଡିଏଲ୍ ପ୍ରଥମରୁ ଶୋଷଣ କରିବା ଆରମ୍ଭ କଲାଣି। ଜୁନ ମାସରୁ ବିଲ୍ ସାଇକଲ ଫନ୍ଦି ଆରମ୍ଭ କରିଛି। ସେସୁଠାରୁ ମାଲିକାନା ମଙ୍ଗ ଧରିବା ମାତ୍ରକେ ଟାଟା ପାୱାର ଗ୍ରାହକଙ୍କୁ ମିଳୁଥିବା ୧୫ ଦିନିଆ ବିଲ୍ ପଇଠ ସୁବିଧାକୁ ଛଡ଼ାଇ ନେଇଛି। ସପ୍ତାହକ ମଧ୍ୟରେ ବିଦ୍ୟୁତ୍ ଦେୟ ଦାଖଲ ନ କଲେ କୌଣସି ରିହାତି ମିଳିବ ନାହିଁ ବୋଲି ଟାଟା କମ୍ପାନୀ ଗ୍ରାହକଙ୍କୁ ନୋଟିସ ଧରାଇ ଦେଇଛି। ଟାଟା କମ୍ପାନୀର ଏଭଳି ଷଡ଼ଯନ୍ତ୍ରକୁ ନେଇ ଉପଭୋକ୍ତା ମହଲ୍‌ରେ ଅସନ୍ତୋଷ ଦେଖା ଦେଇଛି। ଆଧୁନିକ ମାର୍କେଟିଂ ପାଠରେ କୁହାଯାଏ ଯେ, ଅର୍ଥର ସମୟ ଓ ସୁଯୋଗର ମୂଲ୍ୟ ଗ୍ରାହକ ପାଇବା ଦରକାର। ଟାଟା ପାୱାର ବିଲ୍ ପରିବର୍ତ୍ତନ ସମୟକୁ ଦେଖିଲେ, ସେହି ଅର୍ଥକୁ ଖୁବ୍‌ଶୀଘ୍ର ଗ୍ରାହକଙ୍କ ଠାରୁ ଛଡ଼ାଇନେବା ଫଳରେ କମ୍ପାନୀର ଲାଭ ବୃଦ୍ଧି ହେବା ସହିତ ଗ୍ରାହକଙ୍କର କ୍ଷତି ଘଟୁଛି। ଉଲ୍ଲେଖଯୋଗ୍ୟ ଯେ, ଟାଟା ପାୱାର ନେଇଥିବା ସେସୁ ହେଉଛି ଓଡ଼ିଶାର ୪ଟି ଡିଭିଜନ୍ ମଧ୍ୟରୁ ସର୍ବବୃହତ୍ ଏବଂ ସର୍ବାଧିକ ଲାଭ କରିଥାଏ। ଏଠାରେ ଆମେ ଅନେକ କୋଟି ଘରୋଇ ଗ୍ରାହକଙ୍କ ସମେତ ବହୁଳ ପରିମାଣର ବ୍ୟବସାୟିକ ସଂସ୍ଥା ଏବଂ ଶିଳ୍ପାନୁଷ୍ଠାନର ବିଲ୍ ସମ୍ପର୍କରେ ଆଲୋଚନା କରୁଛେ।

ସେସୁ ମାଲିକାନାରେ ବିଦ୍ୟୁତ୍ ବ୍ୟବସ୍ଥା ଥିବାବେଳେ ଉପଭୋକ୍ତାମାନେ ବିଲ୍ ଦାଖଲ କରିବାକୁ ୧୫ଦିନ ସମୟ ପାଉଥିଲେ। ଅର୍ଥାତ୍ ଯଦି ଜଣେ ଗ୍ରାହକଙ୍କୁ ମାସର ୧୩ ତାରିଖରେ ବିଲ୍ ଦିଆଯାଏ ତେବେ ସେ ସେହି ମାସର ୨୮ତାରିଖ ମଧ୍ୟରେ ଦେୟ ଜମା କରିପାରୁଥିଲେ। ଏଭଳି ଏକ ବିଲ୍‌ର ନକଲ ପାର୍ଶ୍ୱରେ ଦିଆଯାଇଛି। ଉକ୍ତ ସମୟ ସୀମା ମଧ୍ୟରେ ବିଲ୍ ପଇଠ କଲେ ଉପଭୋକ୍ତାମାନେ ୨ପ୍ରତିଶତ ରିହାତି ପାଇପାରୁଥିଲେ। ପୂର୍ବରୁ ଦିଆଯାଉଥିବା ୧୫ଦିନିଆ ସମୟ ସୀମା ଗ୍ରାହକଙ୍କୁ ବିଦ୍ୟୁତ୍ ଦେୟ ପଇଠ କରିବାରେ ସୁବିଧା ହେଉଥିଲା। ଏହି ବ୍ୟବସ୍ଥାକୁ କାହିଁକି ଟିପିସିଓଡିଏଲ୍ ବଦଳାଇଲା ତାହା ବୁଝିବା ଅତି ସହଜ। ଓଇଆର୍‌ସି ଅଧୀନରେ ଥିବା ଅନ୍ୟ ୩ଟି ବିଦ୍ୟୁତ୍ ଯୋଗାଣ କମ୍ପାନୀ ନେସ୍‌କୋ, ୱେସ୍‌କୋ ଏବଂ ସାଉଥ୍‌କୋରେ ବିଲ୍ ପଇଠ ପାଇଁ ଏବେ ମଧ୍ୟ ୧୫ ଦିନିଆ ସମୟ ରହିଛି। ଟାଟା ପାୱାର ସେସୁ ମାଲିକାନା ନେବା ପରେ ଗତ ଜୁନ ଓ ଜୁଲାଇ ମାସରେ ୫୦୯.୯୧କୋଟି ଟଙ୍କା ବିଦ୍ୟୁତ୍ ବିଲ୍ ଆଦାୟ କରିଛି। ଜୁନ ମାସରେ ୨୪୫.୩୬କୋଟି ଏବଂ ଜୁଲାଇରେ ୨୬୪.୫୫କୋଟି ଟଙ୍କା ଆଦାୟ କରିଥିବା ଜଣାପଡ଼ିଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ମୋଟ ବିଲ୍‌ର ପରିମାଣ ଆଦାୟ ପରିମାଣଠାରୁ ଅଧିକ। ହେଲେ ଟାଟା ପାୱାର ସରକାରଙ୍କ ହାତରୁ ସେସୁର ଦାୟିତ୍ୱ ନେବା ସମୟରେ ଏହାର ମୂଲ୍ୟ ମୋଟ ୩୫୦କୋଟି ଟଙ୍କାର ଆକଳନ କରାଯାଇଥିଲା।

ଭୁବନେଶ୍ୱର ବାସିନ୍ଦା ଉପଭୋକ୍ତା ପ୍ରଫୁଲ୍ଲ ଦାସ କହିଛନ୍ତି, ଟାଟା ପାୱାର ବିଦ୍ୟୁତ ଦାୟିତ୍ୱ ନେବା ପରେ ଆମେମାନେ ହଇରାଣ ହେଉଛୁ। ୭ଦିନ ମଧ୍ୟରେ ବିଲ୍ ପଇଠ ନ କଲେ ରିହାତି ମିଳୁ ନାହିଁ। ଘନ ଘନ ବିଦୁତ୍ କାଟ ମଧ୍ୟ ହେଉଛି ବୋଲି ସେ କହିଛନ୍ତି। ସେସୁ ଓଇଆର୍‌ସି ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଥିବାବେଳେ ଗ୍ରାହକଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ସେବା ମିଳି ପାରୁଥିଲା। ଟାଟା ହାତକୁ ଯିବାପରେ ☞ପୃଷ୍ଠା-୪




ପୂର୍ବରୁ ସେସୁ ପକ୍ଷରୁ ମିଳୁଥିବା ବିଲ୍।




ଟିପିସିଓଡିଏଲ୍ ପକ୍ଷରୁ ଦିଆଯାଉଥିବା ବିଲ୍।

## ହସ୍ପିଟାଲରେ ସଞ୍ଜୟ ଦତ୍ତ



**ମୁମ୍ବାଇ, ୮।୮**

ଅଭିନେତା ସଞ୍ଜୟ ଦତ୍ତ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଶନିବାର ସନ୍ଧ୍ୟାରେ ମୁମ୍ବାଇର ଲୀଳାବତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଛାତିରେ ଯନ୍ତ୍ରଣା ହେବା ସହ ନିଃଶ୍ୱାସ ନେବାରେ ସେ କଷ୍ଟ ଅନୁଭବ କରିଥିଲେ। ତାଙ୍କର ରାପିଡ୍ ଆଣ୍ଟିଜେନ ମାଧ୍ୟମରେ କରୋନା ପରୀକ୍ଷା କରାଯାଇଥିଲା । ରିପୋର୍ଟ ନେଗେଟିଭ୍ ଆସିବା ପରେ ପୁନଃପରୀକ୍ଷା ଲାଗି ସ୍ୱାବ୍ ନିଆଯାଇଥିବା ଜଣାପଡ଼ିଛି। ଏବେ ସଞ୍ଜୟ ଅଣକୋଭିଡ୍ ଆଇସିୟୁରେ ଅଛନ୍ତି। ତାଙ୍କ ଅବସ୍ଥା ସ୍ଥିର ରହିଥିବାବେଳେ ଡାକ୍ତରମାନେ ଚିକିତ୍ସା ଜାରି ରଖିଛନ୍ତି।

## ମୁକେଶ ଅମ୍ବାନୀ ଚତୁର୍ଥ ଧନୀ



**ନୂଆଦିଲ୍ଲୀ,୮।୮**

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ବିଶ୍ୱର ୪ର୍ଥ ଧନୀ ବ୍ୟକ୍ତି ଭାବେ ବିବେଚିତ ହୋଇଛନ୍ତି। ଶନିବାର ପ୍ରକାଶ ପାଇଥିବା ବ୍ଲୁମ୍‌ବର୍ଗ ବିଲିୟନେୟାର୍ସ ସୂଚୀରେ ଜେଫ୍ ବେଜସ୍ ପ୍ରଥମ ସ୍ଥାନରେ ରହିଥିବା ବେଳେ ଦ୍ୱିତୀୟରେ ବିଲ୍ ଗେଟସ୍ ଏବଂ ମାର୍କ ଜୁକରବର୍ଗ ତୃତୀୟ ସ୍ଥାନରେ ରହିଛନ୍ତି। ରିଲାଏନ୍ସର ଅଧ୍ୟକ୍ଷ ଥିବା ମୁକେଶଙ୍କର ସମ୍ପତ୍ତି ପରିମାଣ ୮୦.୬ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ଚଳିତ ବର୍ଷ ତାଙ୍କ ସମ୍ପତ୍ତିରେ ପ୍ରାୟ ୨୨ ବିଲିୟନ ଡଲାର ବୃଦ୍ଧି ଘଟିଥିବା ଜଣାପଡିଛି। ମୁକେଶ ବର୍ତ୍ତମାନ ସୁଦ୍ଧା ସିଲିକନ୍ ଭ୍ୟାଲିର ପ୍ରମୁଖ ବିଜ୍‌ନେସ୍ ଟାଇକୁନ୍ ଭାବେ ପରିଚିତ ଟେସ୍‌ଲା ଇଙ୍କ୍‌ର ଏଲନ୍ ☞ପୃଷ୍ଠା-୪


# 'ମୋଦି ଜିନ୍ଦାବାଦ' ନ କହିବାରୁ ମାଡ଼

## ୨ ଗିରଫ

**ଜୟପୁର, ୮।୮**

'ମୋଦି ଜିନ୍ଦାବାଦ' ନ କହିବାରୁ ଜଣେ ରିକ୍ସାଚାଳକଙ୍କୁ ମାଡ଼ ମାରିଥିବା ୨ ଜଣଙ୍କୁ ରାଜସ୍ଥାନ ପୋଲିସ ସିକର ଜିଲାରୁ ଗିରଫ କରିଛି। ରିକ୍ସାଚାଳକ ଗଫର ଅହମଦ କଚାୱା ଦେଇଥିବା ଏତଲା ଅନୁଯାୟୀ ଶୁକ୍ରବାର ଭୋର ୪ଟାରେ ତାଙ୍କ ଉପରେ ଆକ୍ରମଣ ହୋଇଥିଲା। ସେ ଚୋଟି ଝିଗର ଗ୍ରାମରେ ଯାତ୍ରୀଙ୍କୁ ଛାଡ଼ି ଫେରୁଥିବାବେଳେ ଏସ୍‌ୟୁଭିରେ ଥିବା ୨ ଅଭିଯୁକ୍ତ ତାଙ୍କୁ ଅଟକାଇ ତମାଖୁ ମାଗିଥିଲେ। ଗଫର ତାଙ୍କୁ ତମାଖୁ ଦେବାରୁ ସେ ତାହା ଗ୍ରହଣ ନ କରି ତାଙ୍କୁ 'ମୋଦି ଜିନ୍ଦାବାଦ' ସ୍ଲୋଗାନ ଦେବାକୁ କହିଥିଲେ। ଏହା ସହ ଅନ୍ୟାନ୍ୟ ଧର୍ମୀୟ ସ୍ଲୋଗାନ ଦେବା ପାଇଁ ତାଗିଦ କରିଥିଲେ। ସେ ମନା କରିବାରୁ ଜଣେ ଅଭିଯୁକ୍ତ ତାଙ୍କୁ ଚାପୁଡ଼ା ମାରିଥିଲେ। ଗଫର ଦୌଡ଼ିବାରୁ ସେମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ ବୋଲି ଏତଲାରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତମାନେ ଧର୍ମୀୟ ସ୍ଲୋଗାନ ଦେବାକୁ ଗଫରଙ୍କୁ ବାଧ୍ୟ କରିବା ସହ ତାଙ୍କ ପର୍ସ, ଘଣ୍ଟା ଓ ନଗଦ ୭୦୦ ଟଙ୍କା ଛଡ଼ାଇ ନେଇଥିଲେ ବୋଲି ସିକର ଏସ୍‌ପି ଗଗନଦୀପ ସିଙ୍ଗ୍‌ଲା ସୂଚନା ଦେଇଛନ୍ତି। ପୋଲିସ ଅଭିଯୁକ୍ତ ରାଜେନ୍ଦ୍ର ଜାଟ୍(୩୫) ଓ ଶମ୍ଭୁଦୟା ଜାଟ୍(୩୫)ଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

**ଗଗନୟାନରେ ଓଡ଼ିଆ ପୁଅ।**




# ମହାକାଶ ଯାତ୍ରା ଅପେକ୍ଷାରେ ନିଖିଳ

**ଭୁବନେଶ୍ୱର, ୮।୮ (ବ୍ୟୁରୋ)/ ବଲାଙ୍ଗୀର ଅଫିସ**

■ 'ଗଗନୟାନ' ପାଇଁ ସରିଲା ପ୍ରଥମ ପର୍ଯ୍ୟାୟ ତାଲିମ



ନିଖିଳ ରଥ

'ମିଶନ ଗଗନୟାନ'ରେ ମହାକାଶକୁ ଯିବା ପାଇଁ ମନୋନୀତ ହୋଇଥିବା ଭାରତୀୟ ବାୟୁସେନାର ୱିଙ୍ଗ୍ କମାଣ୍ଡର ତଥା ବଲାଙ୍ଗୀରର ନିଖିଳ ରଥ ତାଙ୍କର ପ୍ରଥମ ପର୍ଯ୍ୟାୟ ତାଲିମ ସଫଳତାର ସହ ଶେଷ କରିଛନ୍ତି। ରୁଷିଆର ଗାଗାରିନ୍ କସ୍‌ମୋନୋଟ୍ ଟ୍ରେନିଂ ସେଣ୍ଟରରେ ଅନ୍ୟ ୪ଜଣଙ୍କ ସହ ନିଖିଳ ତାଲିମ ନେଉଥିବାବେଳେ ଏବେ ସେ ଶର୍ଟ ଲିଷ୍ଟେଡ୍ ହୋଇଛନ୍ତି। ଆଉ ଅଳ୍ପକିଛି ତାଲିମ ପରେ ଅନ୍ତରୀକ୍ଷକୁ ଯାତ୍ରା କରିବେ ନିଖିଳ। ଏହି ଖବର ମିଳିବା ପରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, କୃଷିମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି। ୨୦୨୨ରେ ଭାରତ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିବ। ☞ପୃଷ୍ଠା-୪

## ଆଉ ଏକ ଦୁର୍ଘଟଣାରୁ ବର୍ତ୍ତିଲା ବିମାନ

**ନୂଆଦିଲ୍ଲୀ, ୮।୮**

ରାଞ୍ଚି ବିମାନବନ୍ଦରରୁ ଶନିବାର ସକାଳେ ଉଡ଼ାଣ ଆରମ୍ଭ କରିଥିବା ଏୟାରଏସିଆ ଇଣ୍ଡିଆର ଏକ ବିମାନ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି। ମୁମ୍ବାଇ ଯାଉଥିବା ଏହି ବିମାନରେ ଏକ ପକ୍ଷୀ ମାଡ଼ ହୋଇଥିଲା। କୋଝିକୋଡ ବିମାନ ଦୁର୍ଘଟଣାର ଦିନକ ପରେ ଏଭଳି ଘଟଣା ଘଟିଛି। ଶନିବାର ପୂର୍ବାହ୍ନ ୧୧ଟା ୫୦ରେ ଭିଟି-ଏର୍‌କେଜି ବିମାନ ଉଡ଼ାଣ ଆରମ୍ଭ କରିବା ବେଳେ ପକ୍ଷୀ ମାଡ଼ ହୋଇଥିଲା। ଫଳରେ ପାଇଲଟ ଉଡ଼ାଣ ବନ୍ଦ କରିଦେଇଥିଲେ। ବିମାନର ସୁରକ୍ଷା ଯାଞ୍ଚ କରାଯାଉଥିବା ଏୟାରଏସିଆ ଇଣ୍ଡିଆର ମୁଖପାତ୍ର କହିଛନ୍ତି।


**ଆଜିର ସମ୍ପାଦକୀୟ**

**ମହାଭାରତ ନୁହେଁ, ଧୈର୍ଯ୍ୟର ସଂଗ୍ରାମ**


# ବିମାନ ଦୁର୍ଘଟଣାର ସାକ୍ଷୀ 'ବ୍ଲାକ୍ ବକ୍ସ'

**କୌଣସି କାରଣରୁ ବିମାନ ଦୁର୍ଘଟଣାଗ୍ରସ୍ତ ହେଲେ 'ବ୍ଲାକ୍ ବକ୍ସ'କୁ ନେଇ ଆରମ୍ଭ ହୋଇଯାଏ ଚର୍ଚ୍ଚା। 'ବ୍ଲାକ୍ ବକ୍ସ' ହେଉଛି ଏଭଳି ଏକ ସ୍ୱତନ୍ତ୍ର ଯନ୍ତ୍ର, ଯାହା ବିମାନର ସମସ୍ତ ଗତିବିଧି ଉପରେ ରଖିଥାଏ ନଜର। ଫ୍ଲାଇଟ୍‌ରେ ନିଆଁ ଲାଗିଗଲେ ଅଥବା ସମୁଦ୍ରର ଅତଳ ଜଳରାଶିରେ ଖସିପଡ଼ିଲେ ବି 'ବ୍ଲାକ୍ ବକ୍ସ' ନଷ୍ଟ ହେବା ଆଶଙ୍କା କ୍ଷୀଣ।**




**ନୂଆଦିଲ୍ଲୀ, ୮।୮**

ବର୍ଷା ବିପ୍ରାତ ମଧ୍ୟରେ ଗତ ଶୁକ୍ରବାର କେରଳ ଦେଖିଛି ବିମାନ ଦୁର୍ଘଟଣାର ଭୟାବହ ଦୃଶ୍ୟ। କୋଝିକୋଡ୍ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଏକ ବିମାନ ଅବତରଣ କଲାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୧୮ଜଣ ଯାତ୍ରୀଙ୍କ ଜୀବନ ଯାଇଥିବାବେଳେ ଶତାଧିକ ଗୁରୁତର ହୋଇଛନ୍ତି। ଏହି ଘଟଣାର ଯାଞ୍ଚ ଚାଲିଥିବାବେଳେ ଦୁର୍ଘଟଣାଗ୍ରସ୍ତ ବିମାନରୁ ଉଦ୍ଧାର କରାଯାଇଥିବା 'ବ୍ଲାକ୍ ବକ୍ସ' ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି କୁହାଯାଉଛି।

କୌଣସି ସ୍ଥାନରେ ବିମାନ ଦୁର୍ଘଟଣା ହେଲେ ସମସ୍ତଙ୍କ ନଜର ଅଟକିଥାଏ 'ବ୍ଲାକ୍ ବକ୍ସ' ଉପରେ। ଫ୍ଲାଇଟ୍‌ରେ ଖଞ୍ଜାଯାଇଥିବା ଏହି ଯନ୍ତ୍ରରେ ରେକର୍ଡ ହୋଇ ରହିଥାଏ ବିମାନ ଉଡ଼ାଣର ପ୍ରତି ସେକେଣ୍ଡର ଗତିବିଧି। ତେଣୁ ଏହାକୁ 'ଫ୍ଲାଇଟ୍ ଡାଟା ରେକର୍ଡର' (ଏଫ୍‌ଡିଆର୍) ବୋଲି ମଧ୍ୟ କୁହାଯାଏ। ସମସ୍ତ ପ୍ରକାର ଜଟିଳ ପରିସ୍ଥିତିରେ ଅକ୍ଷତ ରହିବା ଲାଗି ଏଥିରେ ବ୍ୟବହାର କରାଯାଇଥାଏ ଶକ୍ତିଶାଳୀ ଧାତୁ ଟିଟାନିୟମ। ଏହାର ଭିତର ପାର୍ଶ୍ୱ ଏଭଳି ସୁରକ୍ଷିତ ଭାବେ ନିର୍ମାଣ କରାଯାଇଥାଏ ଯେ, ନିଆଁ କିମ୍ବା ପାଣି ସଂସ୍ପର୍ଶରେ ଆସିଲେ ବି କ୍ଷତିଗ୍ରସ୍ତ ହୁଏନାହିଁ। ଫଳରେ ରେକର୍ଡ ହୋଇଥିବା ସମସ୍ତ ତଥ୍ୟ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇପାରେ, ଯେଉଁଥିରୁ ବିମାନ ଦୁର୍ଘଟଣାର କାରଣ ଖୋଜିବା ସହଜ ହୋଇଥାଏ।

ବିମାନ ଦୁର୍ଘଟଣାର ଶେଷ ସାକ୍ଷୀ ଭାବେ ପରିଚିତ ଏହି 'ବ୍ଲାକ୍ ବକ୍ସ' ନିର୍ମାଣ ଆରମ୍ଭ ହୋଇଥିଲା ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ। ଏହି ସମୟରେ ବିମାନ ଚଳାଚଳ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ☞ପୃଷ୍ଠା-୪

## ଆଇଏକ୍ସ-୧୩୪୪ର ବ୍ଲାକ୍ ବକ୍ସ ମିଳିଲା

**କୋଝିକୋଡ, ୮।୮**


କେରଳର କୋଝିକୋଡ ବିମାନବନ୍ଦରରେ ଶୁକ୍ରବାର ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏୟାରଇଣ୍ଡିଆ ଏକ୍ସପ୍ରେସ୍‌ର ବିମାନ ଆଇଏକ୍ସ-୧୩୪୪ର ବ୍ଲାକ୍ ବକ୍ସ (ଡିଜିଟାଲ ଫ୍ଲାଇଟ୍ ଡାଟା ରେକର୍ଡର ଏବଂ କକ୍‌ପିଟ୍ ଭଏସ୍ ରେକର୍ଡର) ଦୁର୍ଘଟଣାସ୍ଥଳରୁ ଶନିବାର ସକାଳେ ମିଳିଛି। ଦୁର୍ଘଟଣାର କାରଣ ଜାଣିବା ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରନ୍‌ୱେରୁ ବିମାନଟି ଖସିଯିବା ପୂର୍ବ ମୁହୂର୍ତ୍ତର ତଥ୍ୟ ଉକ୍ତ ବ୍ଲାକବକ୍ସରୁ ମିଳିପାରିବ। ବ୍ଲାକ୍ ବକ୍ସରେ ବିମାନର ପ୍ରଦର୍ଶନ, ବେଗ, ବ୍ରେକିଂ ଏବଂ ସିଷ୍ଟମ ଷ୍ଟାଟସ୍ ଆଦି ଶହ ଶହ ତଥ୍ୟ ରହିଥାଏ। ଏଥିସହିତ ପାଇଲଟଙ୍କ ମଧ୍ୟରେ କଥୋପକଥନ ମଧ୍ୟ ଏଥିରେ ରେକର୍ଡ ହୋଇଥାଏ। ଦୁର୍ଘଟଣା ତଦନ୍ତରେ ଏହା ସହାୟକ ହୋଇଥାଏ। ଏହାର ଅନୁଧ୍ୟାନ ପାଇଁ ଦିଲ୍ଲୀ ପଠାଯିବ। ଭାରତର ବିମାନ ବନ୍ଦର କର୍ତ୍ତୃପକ୍ଷ (ଏଏଆଇ)ଙ୍କ କହିବା ଅନୁଯାୟୀ ଦୁବାଇରୁ ଫେରୁଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ ବିମାନରେ ୨ ପାଇଲଟଙ୍କ ସମେତ ୧୯୦ ଜଣ ଥିଲେ। ପ୍ରବଳ ବର୍ଷା ☞ପୃଷ୍ଠା-୪

**ଜାହାଜରୁ ତେଲ ଲିକ୍: ଇମର୍ଜେନ୍ସି ଘୋଷଣା**

ଭାରତ ମହାସାଗରରେ ଫସି ରହିଥିବା ଏମ୍ଭି ଓ୍ଵାକାଶିଓ ଜାହାଜରୁ ତେଲ ନିର୍ଗତ ହେବା ଫଳରେ ପରିବେଶ ଦୂଷିତ ହେବାର ଆଶଙ୍କା ଦେଖାଦେଇଛି। ଜୁଲାଇ ୨୫ରୁ ଏହି ଜାହାଜ ପ୍ରବାଳ ମଧ୍ୟରେ ଛନ୍ଦିହୋଇ ରହିଛି। ଏଥିରେ ଥିବା କର୍ମଚାରୀମାନେ ଚାଲିଯାଇଥିବାବେଳେ ଅନର୍ଗଳ ଟନ୍ ଟନ୍ ତେଲ ବୋହି ଚାଲିଛି। ପରିସ୍ଥିତିକୁ ଦେଖି ମରିସସ୍ ପ୍ରଧାନମନ୍ତ୍ରୀ ପ୍ରବିନ୍ଦ ଜୁଗନାଥ ଇମର୍ଜେନ୍ସି ଘୋଷଣା କରିଛନ୍ତି।

# ୧୦ ବର୍ଷ ପୂର୍ବରୁ ସତର୍କ କରାଯାଇଥିଲା

## ଅବତରଣ ପାଇଁ ରନ୍‌ୱେ ବିପଦ




**କୋଝିକୋଡ/ନୂଆଦିଲ୍ଲୀ, ୮।୮**

କୋଝିକୋଡ ବିମାନବନ୍ଦରର ଟେବୁଲ-ଟପ୍ ରନ୍‌ୱେ ବିମାନ ଅବତରଣ ପାଇଁ ବିପଦ ବୋଲି ୧୦ ବର୍ଷ ପୂର୍ବରୁ ସତର୍କ କରିଦିଆଯାଇଥିଲା। ୨୦୧୦ରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଏକ ବିମାନ ମାଙ୍ଗାଲୋରରେ ଦୁର୍ଘଟଣାଗ୍ରସ୍ତ ହୋଇ ୧୬୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ବିମାନଟି ରନ୍‌ୱେ ବାହାରକୁ ଚାଲିଯିବାରୁ ଏଭଳି ଦୁର୍ଘଟଣା ଘଟିଥିଲା। ସେତେବେଳେ ପ୍ରଥମ ଥର ଲାଗି ରନ୍‌ୱେକୁ ନେଇ ଚିନ୍ତା ପ୍ରକଟ କରାଯାଇଥିଲା। ଏହାର ତଦନ୍ତ କରିଥିବା ପୂର୍ବତନ ବାୟୁସେନା ମୁଖ୍ୟ ଏୟାର ମାର୍ଶାଲ ବି.ଏନ୍. ଗୋଖଲେ ଟେବୁଲ୍-ଟପ୍ ରନ୍‌ୱେରେ ବିମାନ ଉଡ଼ାଣ ଓ ଅବତରଣ ବେଳେ ବିପଦ ରହିଥିବା ନେଇ ସତର୍କ କରାଇଥିଲେ। ଏଭଳି ରନ୍‌ୱେରେ ଅଧିକ ଦକ୍ଷତା ଓ ସତର୍କତାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଶୁକ୍ରବାରର ବିମାନ ଦୁର୍ଘଟଣା ୨୦୧୦ର ଉକ୍ତ ଘଟଣାକୁ ମନେ ପକାଇଦେଇଛି।

**ନୋଟିସ କରିଥିଲା ଡିଜିସିଏ**

କୋଝିକୋଡ ବିମାନବନ୍ଦର ରନ୍‌ୱେ, ଆପ୍ରୋନ୍ ସମେତ ବିଭିନ୍ନ ସ୍ଥାନରେ ଗୁରୁତର ସୁରକ୍ଷାଜନିତ ତ୍ରୁଟି ଥିବା ଜଣାପଡ଼ିବା ପରେ ଗତବର୍ଷ ଜୁଲାଇ ୧୧ରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ଏୟାରପୋର୍ଟ ନିର୍ଦ୍ଦେଶକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ରନ୍‌ୱେରେ ଫାଟ ସାଙ୍ଗକୁ ପାଣି ଜମିବା ଓ ଅତ୍ୟଧିକ ରବର ଜମା ହେବା ଆଦିକୁ ନେଇ ଡିଜିସିଏ ବିମାନବନ୍ଦର କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନ କରିଥିଲେ।

ଗତବର୍ଷ ଜୁଲାଇ ୨ରେ ସାଉଦି ଆରବର ଡମାମରୁ ଆସିଥିବା ଏୟାରଇଣ୍ଡିଆ ଏକ୍ସପ୍ରେସ୍‌ର ଏକ ବିମାନ କୋଝିକୋଡ ବିମାନବନ୍ଦରରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।ସେତେବେଳେ ଡିଜିସିଏ କର୍ତ୍ତୃପକ୍ଷ ତଦନ୍ତ କରି ସୁରକ୍ଷାରେ ଗୁରୁତର ତ୍ରୁଟି ଥିବା ଜାଣିବାକୁ ପାଇଥିଲେ ଏବଂ ବିମାନବନ୍ଦର ନିର୍ଦ୍ଦେଶକ କେ. ଶ୍ରୀନିବାସ ରାଓଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିଥିଲେ।

**୧୦୦୦ ମିଟର ଦୂରରେ ଅବତରଣ କରିଥିଲା ବିମାନ**

ଏୟାରଇଣ୍ଡିଆ ଏକ୍ସପ୍ରେସ୍ ବିମାନ ଦୁଇଖଣ୍ଡ ହେବା ପୂର୍ବରୁ କେରଳର କୋଝିକୋଡ ବିମାନବନ୍ଦର ରନ୍‌ୱେ ଆରମ୍ଭର ୧୦୦୦ ମିଟର ଦୂରରେ ଟ୍ୟାକ୍ସିୱେ ନିକଟରେ ଅବତରଣ କରିଥିଲା ବୋଲି ଭାରତର ବିମାନବନ୍ଦର କର୍ତ୍ତୃପକ୍ଷ (ଏଏଆଇ) ପକ୍ଷରୁ କୁହାଯାଇଛି। ପ୍ରବଳ ବର୍ଷା ଯୋଗୁ ପ୍ରଥମ ଅବତରଣ ଉଦ୍ୟମ ବେଳେ ପାଇଲଟ ୨୮ ନମ୍ବର ରନ୍‌ୱେ ଦେଖିପାରି ନ ଥିଲେ। ଫଳରେ ସେ ୧୦ ନମ୍ବର ରନ୍‌ୱେରେ ଅବତରଣ ପାଇଁ ଅନୁରୋଧ କରିଥିଲେ। ଏୟାର ଟ୍ରାଫିକ୍ କଣ୍ଟ୍ରୋଲର (ଏଟିସି) ସୂଚନା ଅନୁଯାୟୀ ବିମାନଟି ଟ୍ୟାକ୍ସିୱେ ସି ନିକଟରେ ଅବତରଣ କରିଥିଲା। ରନ୍‌ୱେର ଦୈର୍ଘ୍ୟ ୨୭୦୦ ମିଟର ହୋଇଥିବାବେଳେ ଏହା ୧୦୦୦ ମିଟର ପରେ ଅବତରଣ କରିବାରୁ ନିୟନ୍ତ୍ରଣ କରି ନ ପାରି ଟେବୁଲ-ଟପ୍ ରନ୍‌ୱେ ବାହାରକୁ ଚାଲିଯାଇଥିଲା। ଫଳରେ ପାଖରେ ଥିବା ୩୫ ଫୁଟ ଗଭୀର ଖାତକୁ ଖସି ଦୁଇଖଣ୍ଡ ହୋଇଯାଇଥିଲା। ଏହି ଦୁର୍ଘଟଣାରେ ଦୁଇ ପାଇଲଟଙ୍କ ସମେତ ୧୮ ଜଣଙ୍କ ମୃତ୍ୟୁ ଘଟିଛି।

**୧୦ ଲକ୍ଷ ଟଙ୍କା ସହାୟତା ଘୋଷଣା**

କୋଝିକୋଡ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀମାନଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ପ୍ରଦାନ ପାଇଁ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ପକ୍ଷରୁ ଘୋଷଣା କରାଯାଇଛି। ଶୁକ୍ରବାର ରାତିରେ ଘଟିଥିବା ଏହି ଦୁର୍ଘଟଣାରେ ୨ ପାଇଲଟଙ୍କ ସମେତ ୧୮ ଜଣଙ୍କର ମୃତ୍ୟୁ ଘଟିଛି। ବିମାନରେ ୬ କର୍ମଚାରୀଙ୍କ ସମେତ ୧୯୦ ଜଣ ଥିଲେ। ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ, କେରଳ ରାଜ୍ୟପାଳ ଏବଂ ଏୟାର ଇଣ୍ଡିଆର ଅଧିକାରୀମାନେ କୋଝିକୋଡ ବିମାନବନ୍ଦରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ସିଏଜି ଭାବେ ଶପଥ ନେଲେ ଗିରୀଶ ମୁର୍ମୁ



**ନୂଆଦିଲ୍ଲୀ, ୮।୮ (ପି.ଟି.)**

ଓଡ଼ିଆ ଆଇଏଏସ୍ ଅଫିସର ଗିରୀଶ ଚନ୍ଦ୍ର ମୁର୍ମୁ ଭାରତର କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ଭାବେ ଶନିବାର ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭବନର ଅଶୋକା ହଲ୍‌ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ଶପଥ ପାଠ କରାଇଥିଲେ। ଜମ୍ମୁ-କଶ୍ମୀରର ପୂର୍ବତନ ଉପରାଜ୍ୟପାଳ ଗିରୀଶ ୧୯୮୫ ବ୍ୟାଚ୍‌ର ଗୁଜରାଟ କ୍ୟାଡର ଆଇଏଏସ୍ ଅଫିସର। ସିଏଜି ପଦରେ ସେ ୨୦୨୪ ନଭେମ୍ବର ୨୦ ପର୍ଯ୍ୟନ୍ତ ରହିବେ ବୋଲି ରାଷ୍ଟ୍ରପତି ଭବନ ପକ୍ଷରୁ କୁହାଯାଇଛି। ସାମ୍ବିଧାନିକ ପଦାଧିକାରୀ ସିଏଜି କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକର ଆକାଉଣ୍ଟ ଅଡିଟ୍ କରିଥାନ୍ତି। ସିଏଜି ରିପୋର୍ଟ ପାର୍ଲାମେଣ୍ଟ ଓ ରାଜ୍ୟ ବିଧାନସଭାରେ ଉପସ୍ଥାପନ କରାଯାଇଥାଏ।

# ଆମେରିକା ନିର୍ବାଚନ ପ୍ରଭାବିତ କରିବାକୁ ଚାଇନା, ରୁଷିଆ, ଇରାନର ଉଦ୍ୟମ

**ୱାଶିଂଟନ, ୮।୮ (ଆଇଏଏନ୍ଏସ୍)**

ଆମେରିକାରେ ନଭେମ୍ବର ୩ରେ ଅନୁଷ୍ଠିତ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନକୁ ପ୍ରଭାବିତ କରିବା ଲାଗି ଚାଇନା, ରୁଷିଆ ଓ ଇରାନ ଉଦ୍ୟମ ଚଳାଇଥିବା ଜଣାପଡିଛି। ଆମେରିକାର ଶୀର୍ଷ ଗୋଇନ୍ଦା ଅଧିକାରୀ ଏନେଇ ସତର୍କ କରିଦେଇଛନ୍ତି। ବିଦେଶୀ ରାଷ୍ଟ୍ରଗୁଡ଼ିକ ଭୋଟରମାନଙ୍କ ପସନ୍ଦକୁ ପ୍ରଭାବିତ କରିବାକୁ ଉଦ୍ୟମ କରୁଛନ୍ତି। ସେମାନେ ଆମେରିକା ନୀତିକୁ ବଦଳାଇବା ସହ ଦେଶରେ ବିବାଦ ବଢ଼ାଇବାକୁ ଚେଷ୍ଟା ଚଳାଇଛନ୍ତି। ଗଣତାନ୍ତ୍ରିକ ପ୍ରକ୍ରିୟା ଉପରେ ଆମେରିକାବାସୀଙ୍କ ଆସ୍ଥାକୁ ଦୁର୍ବଳ କରିଦେବା ସେମାନଙ୍କର ଉଦ୍ଦେଶ୍ୟ ବୋଲି ନ୍ୟାଶନାଲ କାଉଣ୍ଟର-ଇଣ୍ଟେଲିଜେନ୍ସ ଆଣ୍ଡ ସିକ୍ୟୁରିଟି ସେଣ୍ଟର (ଏନ୍‌ସିଏସ୍‌ସି)ର ମୁଖ୍ୟ ୱିଲିୟମ ଏଭାନିନା କହିଛନ୍ତି। ତେବେ ଭୋଟ ପ୍ରକ୍ରିୟାରେ ହସ୍ତକ୍ଷେପ କରି ଫଳାଫଳକୁ ବଦଳାଇବା ସେମାନଙ୍କ ପାଇଁ କଷ୍ଟକର ହେବ। ଏଭାନିନାଙ୍କ ମତରେ ଡୋନାଲ୍ଡ ଟ୍ରମ୍ପ୍ ପୁନର୍ବାର ନିର୍ବାଚିତ ହୁଅନ୍ତୁ ଏହା ଚାଇନା ଚାହୁଁନାହିଁ। ଟ୍ରମ୍ପଙ୍କୁ ଜଣେ ଅପ୍ରତ୍ୟାଶିତ ନେତା ଭାବେ ବେଜିଂ ଦେଖୁଛି। ସେଥିପାଇଁ ଭୋଟକୁ ପ୍ରଭାବିତ କରିବା ଲାଗି ଚାଇନା ଉଦ୍ୟମ ଚଳାଇଛି। ଅନ୍ୟପକ୍ଷରେ ଡେମୋକ୍ରାଟ ପ୍ରାର୍ଥୀ ଜୋ ବିଡେନଙ୍କୁ ବଦନାମ କରିବାକୁ ରୁଷିଆ ଚାହୁଁଥିବା ଏଭାନିନା କହିଛନ୍ତି। ଏହି କାର୍ଯ୍ୟରେ ରୁଷିଆ ସହିତ ଅନ୍ୟ କେତେକ ଦେଶ ମଧ୍ୟ ସାମିଲ ହୋଇଛନ୍ତି। ସେମାନେ ସୋସିଆଲ ମିଡିଆ ଓ ରୁଷିଆ ଟେଲିଭିଜନରେ ଟ୍ରମ୍ପଙ୍କ ପ୍ରାର୍ଥିତ୍ୱକୁ ପ୍ରୋତ୍ସାହିତ କରିବାକୁ ଚାହୁଁଛନ୍ତି। ଇରାନ ଅନ୍‌ଲାଇନରେ ଆମେରିକା ବିରୋଧୀ ପ୍ରଚାର ଚଳାଇଛି। ଭୋଟରଙ୍କ ମଧ୍ୟରେ ଭୁଲ୍ ସୂଚନା ପ୍ରସାର କରି ଆମେରିକାର ଗଣତନ୍ତ୍ର, ଟ୍ରମ୍ପଙ୍କୁ ଦୁର୍ବଳ କରିବାକୁ ଇରାନ ଉଦ୍ୟମ କରିବା ସହ ଦେଶକୁ ଭାଗ ଭାଗ କରିବାକୁ ଚେଷ୍ଟା ଚଳାଇଥିବା ଗୋଇନ୍ଦା ମୁଖ୍ୟ କହିଛନ୍ତି।

## ଜନ୍ମଦିନରେ ମାଆଙ୍କୁ ଭେଟିବାକୁ ଚାହୁଁଥିଲେ ପାଇଲଟ

**ନାଗପୁର, ୮।୮**

ଦୁର୍ଘଟଣାଗ୍ରସ୍ତ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନର ପାଇଲଟ କ୍ୟାପ୍‌ଟେନ ଦୀପକ ସାଠେ ଶନିବାର ନାଗପୁର ଯାଇ ମାଆଙ୍କୁ ଜନ୍ମଦିନରେ ଅଚାନକ ଭେଟି ବିସ୍ମିତ କରାଇବାକୁ ଯୋଜନା କରିଥିଲେ। ତେବେ ଦୁର୍ଭାଗ୍ୟକୁ ମାଆଙ୍କ ୮୪ତମ ଜନ୍ମଦିନ ପାଳନ ପୂର୍ବରୁ ଦୀପକଙ୍କର ବିମାନ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ୫୮ ବର୍ଷୀୟ ଦୀପକ ଗତ ମାର୍ଚ୍ଚ ମାସରେ ଶେଷ ଥର ପାଇଁ ତାଙ୍କ ମାଆବାପାଙ୍କୁ ଭେଟିଥିଲେ। ସେ ଶନିବାର ମାଆଙ୍କୁ ଭେଟିବାକୁ ଯିବେ ବୋଲି ତାଙ୍କ ସମ୍ପର୍କୀୟମାନଙ୍କୁ କହିଥିଲେ। କ୍ୟାପଟେନ ଦୀପକ ତାଙ୍କ ସ୍ତ୍ରୀଙ୍କ ସହ ମୁମ୍ବାଇରେ ରହୁଥିବାବେଳେ ମାଆ ନୀଳ ସାଠେ ତାଙ୍କ ସ୍ୱାମୀ ଅବସରପ୍ରାପ୍ତ କର୍ଣ୍ଣେଲ ବସନ୍ତ ସାଠେଙ୍କ ସହ ନାଗପୁରର ଭରତ ନଗରରେ ରହୁଛନ୍ତି।


କ୍ୟାପ୍‌ଟେନ ଦୀପକ ସାଠେ

## ବାପା ହୋଇଥାନ୍ତେ ସହପାଇଲଟ

**କୋଝିକୋଡ, ୮।୮**



ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ସହପାଇଲଟ ଅଖିଳେଶ କୁମାର ଶର୍ମା ଦିନ କେଇଟା ପରେ ବାପା ହୋଇଥାନ୍ତେ। ୩୨ ବର୍ଷୀୟ ଅଖିଳେଶଙ୍କ ମୃତ୍ୟୁ ସମ୍ପର୍କରେ ଜାଣିବା ପରେ ତାଙ୍କ ପରିବାର ସ୍ତବ୍ଧ ହୋଇଯାଇଛନ୍ତି। ସ୍ତ୍ରୀ ମେଘା (୨୯) ଦୁଇସପ୍ତାହ ମଧ୍ୟରେ ମାଆ ହେବାକୁ ଯାଉଥିବାରୁ ଅଖିଳେଶଙ୍କ ମୃତ୍ୟୁ ସମ୍ପର୍କରେ ତାଙ୍କୁ ସୂଚନା ଦିଆଯାଇନାହିଁ।

## ଅଭିଷେକ କରୋନା ମୁକ୍ତ



**ନୂଆଦିଲ୍ଲୀ, ୮।୮:** ବଲିଉଡ୍ ଅଭିନେତା ଅଭିଷେକ ବଚ୍ଚନ ଶନିବାର କରୋନା ମୁକ୍ତ ହୋଇଛନ୍ତି। ତାଙ୍କ ରିପୋର୍ଟ ନେଗେଟିଭ ଆସିଛି। ତାଙ୍କୁ ହସ୍ପିଟାଲରୁ ମୁକ୍ତି ମିଳିଥିବା ଜଣାପଡ଼ିଛି। ଅଭିଷେକ ସୋସିଆଲ ମିଡିଆରେ ଫଟୋ ଛାଡ଼ି ଏ କଥା ଦର୍ଶାଇଛନ୍ତି। ଚିକିତ୍ସା କରୁଥିବା ନାନାବତୀ ହସ୍ପିଟାଲର ଡାକ୍ତର ଓ ନର୍ସମାନଙ୍କୁ ସେ ସହଯୋଗ ଲାଗି ଧନ୍ୟବାଦ ଜଣାଇଛନ୍ତି। ପ୍ରକାଶଥାଉକି, ଜୁଲାଇ ୧୨ରେ ଅମିତାଭ ଓ ଅଭିଷେକ କରୋନା ଆକ୍ରାନ୍ତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ପୂର୍ବରୁ ଅମିତାଭ, ଐଶ୍ୱର୍ଯ୍ୟା ଓ ଆରାଧ୍ୟା କରୋନାରୁ ମୁକ୍ତ ହୋଇଥିବାବେଳେ ଏବେ ଅଭିଷେକ ସୁସ୍ଥହୋଇ ଘରକୁ ଫେରିଛନ୍ତି।

## ଦୁଇ କେନ୍ଦ୍ରମନ୍ତ୍ରୀଙ୍କୁ କରୋନା

**ଜୟପୁର, ୮।୮**

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଓ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପରେ ଆଉ ଦୁଇଜଣ କେନ୍ଦ୍ରମନ୍ତ୍ରୀ କରୋନା ଆକ୍ରାନ୍ତ ହୋଇଛନ୍ତି। କେନ୍ଦ୍ର କୃଷି ରାଷ୍ଟ୍ରମନ୍ତ୍ରୀ କୈଳାସ ଚୌଧୁରୀ ଶନିବାର କରୋନା ଆକ୍ରାନ୍ତ ହୋଇଥିବା ଟୁଇଟ କରି ଜଣାଇଛନ୍ତି। ରାଜସ୍ଥାନର ଯୋଧପୁରସ୍ଥିତ ଏକ ହସ୍ପିଟାଲରେ ସେ ଚିକିତ୍ସାଧୀନ ଅଛନ୍ତି। କରୋନା ଲକ୍ଷଣ ଦେଖାଦେବା ପରେ ଶୁକ୍ରବାର ରାତିରେ ତାଙ୍କ ପରୀକ୍ଷା କରାଯାଇଥିଲା। ତାଙ୍କ ସଂସ୍ପର୍ଶରେ ଆସିଥିବା ବନ୍ଧୁମାନେ କୋଭିଡ୍ ପରୀକ୍ଷା କରାଇନେବାକୁ ସେ ପରାମର୍ଶ ଦେଇଛନ୍ତି। ଚୌଧୁରୀ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା ସହ ଜ୍ୱରାକ୍ରାନ୍ତ ଅଛନ୍ତି। ସେହିପରି କେନ୍ଦ୍ର ଜଳସମ୍ପଦ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ମଧ୍ୟ କରୋନା ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ସେ ଦିଲ୍ଲୀ ଏମ୍ସରେ ଭର୍ତ୍ତି ହୋଇଛନ୍ତି।


କୈଳାସ ଚୌଧୁରୀ


ଅର୍ଜୁନ ରାମ ମେଘୱାଲ

## ସପ୍ତାହବ୍ୟାପୀ ସ୍ୱଚ୍ଛତା ଅଭିଯାନ ଆରମ୍ଭ କଲେ ମୋଦି

**ନୂଆଦିଲ୍ଲୀ, ୮।୮ (ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାରଠାରୁ ସପ୍ତାହବ୍ୟାପୀ ଆବର୍ଜନାମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏଥିସହିତ ସେ ରାଜଘାଟସ୍ଥିତ ଗାନ୍ଧୀ ସ୍ମୃତି ଓ ଦର୍ଶନ ସମିତିଠାରେ ରାଷ୍ଟ୍ରୀୟ ସ୍ୱଚ୍ଛତା କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି। କରୋନା ମହାମାରୀରୁ ରକ୍ଷା ପାଇବା ପାଇଁ ସାମାଜିକ ଦୂରତ୍ୱ ନିୟମ ପାଳନ କରିବା ସହ ମାସ୍କ ପରିଧାନ କରିବାକୁ ମୋଦି କାର୍ଯ୍ୟକ୍ରମରେ ଯୋଗଦେଇଥିବା ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ସ୍ୱଚ୍ଛତା ଓ ପରିମଳ ଅଭିଯାନକୁ ସୁଦୃଢ଼ କରିବା ପାଇଁ ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ଆବର୍ଜନାମୁକ୍ତ ଭାରତ ଅଭିଯାନ ଚାଲିବ। କରୋନା ମୁକାବିଲାରେ ସ୍ୱଚ୍ଛ ଭାରତ ଅଭିଯାନ ସହାୟକ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ୨୦୧୪ ପୂର୍ବରୁ ଦେଶରେ ପାଇଖାନାର ଘୋର ଅଭାବ ଥିଲା। ସେତେବେଳେ କରୋନା ମହାମାରୀ ଆସିଥିଲେ ଲକ୍‌ଡାଉନ ସମ୍ଭବ ହୋଇ ନ ଥାନ୍ତା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।


ସ୍ୱିଜରଲାଣ୍ଡର ଜେନେଭାସ୍ଥିତ 'ମ୍ୟୁଜିୟମ୍ ଅଫ୍ ନାଚୁରାଲ ହିଷ୍ଟ୍ରି'ରେ ଜଣେ କର୍ମଚାରୀ ଦୁଇମୁଣ୍ଡିଆ କଇଁଛ 'ଜାନୁସ୍'କୁ ଦେଖାଉଛନ୍ତି।

## ୧୦ରେ ଆସ୍ଥାଭୋଟ ଲୋଡ଼ିବେ ମଣିପୁର ମୁଖ୍ୟମନ୍ତ୍ରୀ

**ଗୁଆହାଟୀ, ୮।୮**

ମଣିପୁର ମୁଖ୍ୟମନ୍ତ୍ରୀ ୧୦ ତାରିଖରେ ବିଧାନସଭାରେ ଆସ୍ଥାଭୋଟ ଲୋଡ଼ିବେ। ଭାଜପା ନେତୃତ୍ୱାଧୀନ ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ବିରୋଧୀ କଂଗ୍ରେସ ଦେଇଥିବା ନୋଟିସ୍‌କୁ ବିଧାନସଭା ସଚିବ ଖାରଜ କରିଦେଇଛନ୍ତି। ଏହା ପରିବର୍ତ୍ତେ ସରକାରଙ୍କ ଆସ୍ଥାପ୍ରସ୍ତାବ ନୋଟିସକୁ ସଚିବ ଗ୍ରହଣ କରିଛନ୍ତି। ତଦନୁଯାୟୀ ମୁଖ୍ୟମନ୍ତ୍ରୀ ତଥା ଗୃହର ନେତା ଏନ୍. ବୀରେନ୍ ସିଂ ସୋମବାର ଆସ୍ଥାଭୋଟ ଲୋଡ଼ିବେ। ଆସ୍ଥାଭୋଟରେ ସରକାର ହାରିବା ନେଇ ଆଶାବାଦୀ ଥିବା କଂଗ୍ରେସ ଏହାର ୨୪ ବିଧାୟକଙ୍କୁ ଗୃହରେ ଉପସ୍ଥିତ ରହିବା ଲାଗି ହୁଇପ୍ ଜାରି କରିଛି।

# ସୁପ୍ରିମକୋର୍ଟରେ କାଉଣ୍ଟର ଆଫିଡେଭିଟ୍ ଦାଖଲ

**ସୁଶାନ୍ତ ସିଂ ମୃତ୍ୟୁ ମାମଲା**

**ନୂଆଦିଲ୍ଲୀ, ୮।୮**

ଅଭିନେତା ସୁଶାନ୍ତ ସିଂ ମୃତ୍ୟୁ ମାମଲାରେ ଅଭିଯୁକ୍ତ ଅଭିନେତ୍ରୀ ତଥା ସୁଶାନ୍ତଙ୍କ ପ୍ରେମିକା ରିଆ ଚକ୍ରବର୍ତ୍ତୀ ସୁପ୍ରିମକୋର୍ଟରେ ମାମଲା ସ୍ଥାନାନ୍ତର ନେଇ କରିଥିବା ଆବେଦନ ବିରୋଧରେ ଶନିବାର କାଉଣ୍ଟର ଆଫିଡେଭିଟ୍ ଦାଖଲ କରାଯାଇଛି। ସୁଶାନ୍ତଙ୍କ ବାପା କେ. କେ. ସିଂ ଏହି କାଉଣ୍ଟର ଆଫିଡେଭିଟ୍ ଦାଖଲ କରିଥିବାବେଳେ ମାମଲାର ଶୁଣାଣି ୧୧ରେ କରାଯିବ। କାଉଣ୍ଟର ଆଫିଡେଭିଟ୍‌ରେ ସିଂ ଦର୍ଶାଇଛନ୍ତି ତଦନ୍ତ ଦାୟିତ୍ୱ ସିବିଆଇକୁ ଦିଆଯାଇଥିବାବେଳେ ମାମଲାର ମୁମ୍ବାଇ ସ୍ଥାନାନ୍ତର ଲାଗି ରିଆ କରିଥିବା ଆବେଦନର ମାନେ କିଛିନାହିଁ। ଏଥିସହ ମୁଖ୍ୟ ଅଭିଯୁକ୍ତ ରିଆ ସାକ୍ଷୀମାନଙ୍କୁ ପ୍ରଭାବିତ କରୁଥିବା ସିଂ ଅଭିଯୋଗ କରିଛନ୍ତି। ମାମଲାର ମୁଖ୍ୟ ସାକ୍ଷୀ ସିଦ୍ଧାର୍ଥ ପିଠାନିଙ୍କୁ ସେ ପ୍ରଭାବିତ କରିଥିବା ସୁଶାନ୍ତଙ୍କ ବାପା ଦର୍ଶାଇଛନ୍ତି। ପୂର୍ବରୁ ସିଂ ରିଆ ଓ ଅନ୍ୟ ୫ ଜଣଙ୍କ ବିରୋଧରେ ଏତଲା ଦାଏର କରିଥିଲେ।


ରିଆ ଚକ୍ରବର୍ତ୍ତୀ

# କରୋନା ନେଲାଣି ୧୯୬ ଡାକ୍ତରଙ୍କ ଜୀବନ

**ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ଆଇଏମ୍ଏ**

**ନୂଆଦିଲ୍ଲୀ, ୮।୮**



ମହାମାରୀ କରୋନା ଉଗ୍ର ରୂପ ଧାରଣ କରିଥିବାବେଳେ ଦେଶରେ କରୋନା ଯୋଦ୍ଧା ସାଜି ରୋଗୀସେବା କରୁଥିବା ଡାକ୍ତରଙ୍କ ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ରୋଗୀଙ୍କୁ ଉପଯୁକ୍ତ ବେଡ୍, ଚିକିତ୍ସା ସୁବିଧା ଯୋଗାଇଦେବା ଲାଗି ସେମାନଙ୍କୁ ବିଭିନ୍ନ ପ୍ରତିକୂଳ ପରିସ୍ଥିତି ଦେଇ କାର୍ଯ୍ୟ କରିବାକୁ ପଡୁଛି। ଦେଶରେ ୧୯୬ ଡାକ୍ତର କରୋନାରେ ପ୍ରାଣ ହରାଇବା ଦ୍ୱାରା ସ୍ୱାସ୍ଥ୍ୟସେବା ପ୍ରଭାବିତ ହୋଇଛି। ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ମନୋବଳ ଦୁର୍ବଳ ହୋଇପଡୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିରେ ହସ୍ତକ୍ଷେପ କରିବା ସହ ଡାକ୍ତର ଓ ସେମାନଙ୍କ ପରିବାର ପ୍ରତି ଅଧିକ ଯତ୍ନଶୀଳ ହେବାକୁ ଭାରତୀୟ ଡାକ୍ତରୀ ସଂଘ (ଆଇଏମ୍ଏ) ପକ୍ଷରୁ ଦାବି କରାଯାଇଛି। ଏନେଇ ଏକ ପତ୍ର ପ୍ରଧାନମନ୍ତ୍ରୀଙ୍କ ପାଖକୁ ଶନିବାର ପଠାଯାଇଛି। କରୋନା ଯୋଦ୍ଧା ସାଜି ଲୋକଙ୍କ ସେବା କରିଆସୁଥିବା ଡାକ୍ତରଙ୍କ ପରିବାର ଲୋକଙ୍କୁ ଅନେକ ସ୍ଥାନରେ ଆଡ୍‌ମିଶନ ଲାଗି ବେଡ୍ ମିଳୁନି କି ଔଷଧ ଠିକ୍ ଭାବେ ଦିଆଯାଉନାହିଁ ବୋଲି ଆଇଏମ୍ଏ ପକ୍ଷରୁ ଅଭିଯୋଗ କରାଯାଇଛି। ସେମାନଙ୍କୁ ସହଯୋଗ କରିବା ଲାଗି ପତ୍ରରେ ଉଲ୍ଲେଖ କରାଯାଇଛି। ସେବା କଲାବେଳେ ଅନେକ ଡାକ୍ତର କରୋନା ଆକ୍ରାନ୍ତ ହେଉଛନ୍ତି ଓ କେତେଜଣ ପ୍ରାଣ ମଧ୍ୟ ହରାଉଛନ୍ତି ବୋଲି ଆଇଏମ୍ଏ ମହାସଚିବ ଆର୍. ଭି. ଅଶୋକନ ପ୍ରକାଶ କରିଛନ୍ତି। ବିଭିନ୍ନ ସେକ୍ଟରରେ କାମ କରୁଥିବା ଡାକ୍ତରଙ୍କ ମେଡିକାଲ ଓ ଲାଇଫ୍ ଇନ୍‌ସ୍ୟୁରାନ୍ସ ସୁବିଧା ବୃଦ୍ଧିକରିବା ଲାଗି ମଧ୍ୟ ଦାବି କରାଯାଇଛି।

ଆଇଏମ୍ଏ ରିପୋର୍ଟ ଅନୁଯାୟୀ କରୋନାରେ ପ୍ରାଣ ହରାଇଥିବା ଡାକ୍ତରଙ୍କ ମଧ୍ୟରୁ ୮୭%ଙ୍କ ବୟସ ୫୦ ବର୍ଷରୁ ଅଧିକ ହେବ। କେବଳ ତାମିଲନାଡୁରେ ୪୩ ଡାକ୍ତର କରୋନାରେ ପ୍ରାଣ ହରାଇଥିବାବେଳେ ମହାରାଷ୍ଟ୍ର, ଗୁଜରାଟରେ ୨୩ ଜଣ ଲେଖାଏ ଜୀବନ ହାରିଥିବା ଅଶୋକନ ଦର୍ଶାଇଛନ୍ତି। ଏଭଳି ସ୍ଥିତିରେ ରୋଗୀସେବା ଜାରି ରଖିଥିବା ଡାକ୍ତର ଓ ସେମାନଙ୍କ ପରିବାର ପ୍ରତି ଯତ୍ନଶୀଳ ହେବା ଲାଗି ପ୍ରଧାନମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରିବାକୁ ଆଇଏମ୍ଏ ପକ୍ଷରୁ ପତ୍ର ଦ୍ୱାରା ଦର୍ଶାଯାଇଛି।

## ୨୪ ଘଣ୍ଟାରେ ୬୧ ହଜାର ପଜିଟିଭ୍

**ନୂଆଦିଲ୍ଲୀ, ୮।୮**

ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୫ ଲକ୍ଷ ୯୮ ହଜାରରୁ ଅଧିକ ଲୋକଙ୍କ ନମୁନା ପରୀକ୍ଷା କରାଯାଇଥିବାବେଳେ ୬୧,୫୩୭ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିସହ ଦେଶରେ କରୋନା ରୋଗୀଙ୍କ ସଂଖ୍ୟା ୨୧.୩୪ ଲକ୍ଷରେ ପହଞ୍ଚିଛି। ମୋଟ ୪୩,୪୦୫ ଲୋକଙ୍କ ଜୀବନ ଯାଇଥିବାବେଳେ ଗତ ୨୪ ଘଣ୍ଟାରେ ୯୩୩ ଲୋକଙ୍କ ପ୍ରାଣହାନି ଘଟିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରିପୋର୍ଟରୁ ଜଣାପଡ଼ିଛି। ଯଦିଓ ଦେଶରେ ୧୪.୬୫ ଲକ୍ଷରୁ ଅଧିକ ଲୋକ ସୁସ୍ଥ ହେଲେଣି, ତଥାପି ପ୍ରାୟ ୬.୨୫ ଲକ୍ଷ ଆକ୍ଟିଭ୍ ମାମଲା ଏବେ ବି ରହିଛି। ବର୍ତ୍ତମାନ ସୁଦ୍ଧା ୨.୩୩ କୋଟିରୁ ଅଧିକ ଲୋକଙ୍କ କୋଭିଡ୍ ପରୀକ୍ଷା କରାଯାଇସାରିଲାଣି।

ମହାରାଷ୍ଟ୍ର, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ସ୍ଥିତି କ୍ରମଶଃ ଜଟିଳ ହେବାରେ ଲାଗିଛି। ମହାରାଷ୍ଟ୍ରରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୫.୦୩ ଲକ୍ଷରେ ପହଞ୍ଚିଥିବାବେଳେ ୧୭,୩୭୬ ଲୋକଙ୍କ ଜୀବନ ଗଲାଣି। ତାମିଲନାଡୁରେ ୨.୮୫ ଲକ୍ଷ ସଂକ୍ରମିତ ହୋଇଥିବାବେଳେ ୪,୬୯୦ ଲେଶକ ପ୍ରାଣ ହରାଇଲେଣି। ଆନ୍ଧ୍ରପ୍ରଦେଶରେ ୨.୧୭ ଲକ୍ଷରୁ ଅଧିକ ଓ କର୍ଣ୍ଣାଟକରେ ୧.୭୨ ଲକ୍ଷ ରୋଗୀ ଚିହ୍ନଟ ହୋଇଛନ୍ତି। ଏହି ୨ ରାଜ୍ୟରେ ମୋଟ ୫ ହଜାର ଲୋକଙ୍କ କରୋନା ଯୋଗୁ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ କ୍ରମଶଃ ରୋଗୀ ସଂଖ୍ୟା ବଢ଼ିବାରେ ଲାଗିଛି।

ଧରିତ୍ରୀ
DHARITRI
ରବିବାର, ୯ ଅଗଷ୍ଟ, ୨୦୨୦

**ପଞ୍ଜୀକରଣ, ନବୀକରଣ ପାଇଁ ଚାଷୀଙ୍କୁ ମନ୍ତ୍ରୀଙ୍କ ଅନୁରୋଧ**

ଚାଷୀମାନେ ଆସନ୍ତା ଖରିଫ ଋତୁ ପାଇଁ ନିଜ ନାମ ପଞ୍ଜୀକରଣ କରାଇ ନିଅନ୍ତୁ ବୋଲି ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶନିବାର ଟୁଇଟ୍ ଯୋଗେ ଅନୁରୋଧ କରିଛନ୍ତି। ରାଜ୍ୟର ମୋଟ ୨୦୬୨ ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ୩୦୫୫ ଜଣଙ୍କ ନୂତନ ପଞ୍ଜୀକରଣ ହୋଇଛି। ୪୭୭୩୪ ଜଣ ଚାଷୀ ନବୀକରଣ କରିଥିବାବେଳେ ଏହି ପ୍ରକ୍ରିୟା ଜାରି ରହିଛି। ତେଣୁ ସମସ୍ତ ଚାଷୀଭାଇ ଆସନ୍ତା ଖରିଫଋତୁ ଲାଗି ନିଜର ନାମ ପଞ୍ଜୀକରଣ କିମ୍ବା ନବୀକରଣ କରାନ୍ତୁ। ଏହି ସମୟରେ ସମସ୍ତେ ମାସ୍କ ଏବଂ ସାନିଟାଇଜର ବ୍ୟବହାର କରିବା ସହିତ ଶାରୀରିକ ଦୂରତା ବଜାୟ ରଖନ୍ତୁ ବୋଲି ମନ୍ତ୍ରୀ ଅନୁରୋଧ କରିଛନ୍ତି।



## ସଂକ୍ଷେପରେ

### ହୀରାକୁଦ ଡ୍ୟାମ୍: ୮ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

**ସମ୍ବଲପୁର, ୮।୮ (ବ୍ୟୁରୋ):** ସମ୍ବଲପୁର ହୀରାକୁଦ ଡ୍ୟାମ୍‌ର ଜଳସ୍ତର ଶନିବାର ୬୨୮.୫୦ ଫୁଟ୍ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୧ଲକ୍ଷ ୪୫ହଜାର ୬୫୩ କ୍ୟୁସେକ ଜଳ ପ୍ରବେଶ କରୁଛି । ଡାହାଣ ପାର୍ଶ୍ୱର ୩ଟି ଓ ବାମ ପାର୍ଶ୍ୱର ୫ଟି ସ୍ଲୁଇସ୍ ଗେଟ୍, ବିଭିନ୍ନ କେନାଲ ଓ ପାୱାର ଚ୍ୟାନେଲ ଦେଇ ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୧ଲକ୍ଷ ୩୫ ହଜାର ୪୪୫ କ୍ୟୁସେକ ଜଳ ନିଷ୍କାସିତ ହେଉଛି । ମିଳିଥିବା ରିପୋର୍ଟ ଅନୁସାରେ ପଥର୍ଲାରେ ୨୮ ହଜାର ୫୨୩, ଖଇରମାଳରେ ୧ ଲକ୍ଷ ୮୬ ହଜାର, ବରମୁଲାରେ ୧ ଲକ୍ଷ ୨୯ ହଜାର ୬୨୫, ମୁଣ୍ଡଳୀରେ ୧ ଲକ୍ଷ ୫୯ ହଜାର ୫୭୨ କ୍ୟୁସେକ ଜଳ ପ୍ରବାହିତ ହେଉଛି ।

### ସୁରେଶ ପୂଜାରୀ କରୋନା ଆକ୍ରାନ୍ତ



**ସମ୍ବଲପୁର, ୮।୮(ବ୍ୟୁରୋ):** ବରଗଡ ଏମ୍‌ପି ସୁରେଶ ପୂଜାରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏ ନେଇ ସେ ତାଙ୍କ ଟୁଇଟର ଆକାଉଣ୍ଟରେ ସୂଚନା ଦେଇଛନ୍ତି। ଏମ୍‌ପି ପୂଜାରୀ ସମ୍ବଲପୁର ଓ ବରଗଡ ଜିଲାପାଳଙ୍କ ସହ ଆଲୋଚନା କରି ଡାକ୍ତରଙ୍କ ପରାମର୍ଶ କ୍ରମେ ସମ୍ବଲପୁର ସ୍ଥିତ ଘରେ ହୋମ୍ ଆଇସୋଲେଶନରେ ରହିଛନ୍ତି ଏବଂ ସୁସ୍ଥ ଥିବା ଜଣାଇଛନ୍ତି। କୌଣସି ଲକ୍ଷଣ ନ ଥିଲେ ମଧ୍ୟ ଶୁକ୍ରବାର ସେ କୋଭିଡ ପରୀକ୍ଷା କରାଇଥିଲେ। ଶନିବାର ବରଗଡ ଜିଲାପାଳ କରୋନା ପଜିଟିଭ ଥିବା ତାଙ୍କୁ ସୂଚନା ଦେଇଥିଲେ ବୋଲି ଏମ୍‌ପି ପୂଜାରୀ କହିଛନ୍ତି।

### ଗଞ୍ଜାମ, ଗଜପତିରେ ମୃଦୁ ଭୂକମ୍ପ

**ପାରଳାଖେମୁଣ୍ଡି/ଆର୍.ଉଦୟଗିରି/ଦିଗପହଣ୍ଡି/ପାତ୍ରପୁର, ୮।୮(ସ୍ୱ.ପ୍ର./ଡି.ଏନ.ଏ.):** ଆନ୍ଧ୍ର ସୀମାନ୍ତ ଅଞ୍ଚଳରେ ଶନିବାର ସକାଳୁ ମୃଦୁ ଭୂକମ୍ପ ଅନୁଭୂତ ହୋଇଛି। ଗଞ୍ଜାମ, ଗଜପତି ଓ ଆନ୍ଧ୍ରର କେତେକ ଅଞ୍ଚଳରେ ମାତ୍ର କେଇ ସେକେଣ୍ଡ ପାଇଁ ଏହା ଅନୁଭୂତ ହୋଇଥିଲା। ଏହାର ତୀବ୍ରତା ରିକ୍ଟର ସ୍କେଲରେ ୩.୮ ଥିଲା। ଗଜପତି ଜିଲା ଆର୍.ଉଦୟଗିରି, ନୂଆଗଡ଼ ଓ ମୋହନା ବ୍ଲକର ବିଭିନ୍ନ ଅଞ୍ଚଳରେ ସକାଳ ପ୍ରାୟ ୭ଟା ୧୦ ମିନିଟ୍‌ରେ କମ୍ପନ ଅନୁଭୂତ ହୋଇଥିଲା। ଲୋକେ ଭୟଭୀତ ହୋଇ ବାହାରକୁ ପଳାଇ ଆସିଥିଲେ। ପାତ୍ରପୁର ବ୍ଲକର କିଛି ଗ୍ରାମରେ ମଧ୍ୟ ଭୂକମ୍ପ ଅନୁଭୂତ ହୋଇଥିଲା। ବ୍ଲକର ଖାରିଆଗୁଡା, ତୁରୁବୁଡି, ସୁରଙ୍ଗି, ମନ୍ଦରଡା, ପଦାଦିଗି, ତଣ୍ଡିପୁର, ଆଙ୍ଖୁଲି ପଞ୍ଚାୟତର ବିଭିନ୍ନ ଗ୍ରାମସହ ଟିକିଟି ବ୍ଲକ ଓ ଆନ୍ଧ୍ରର ଇଚ୍ଛାପୁର ଏବଂ ରାଜପୁର ଅଞ୍ଚଳରେ ଲୋକେ ଘରୁ ବାହାରକୁ ବାହାରି ଆସିଥିଲେ। ଦିଗପହଣ୍ଡିର ଏସ୍.ଟିକରପଡା, ଫାଶିଗୁଡାରେ ମଧ୍ୟ କମ୍ପନ ଅନୁଭୂତ ହୋଇଥିବା ଜଣାପଡିଛି।

# କେନ୍ଦ୍ରକୁ ଟ୍ରିବ୍ୟୁନାଲ ନୋଟିସ

**ଭୁବନେଶ୍ୱର,୮।୮(ବ୍ୟୁରୋ)**




**ମହାନଦୀ ଜଳ ବିବାଦ**
- ସମସ୍ତ ତଥ୍ୟ କମନ୍ ଫର୍ମାଟ୍‌ରେ ଦେବାକୁ ଓଡ଼ିଶାକୁ ନିର୍ଦ୍ଦେଶ
- ୨୯ରେ ପରବର୍ତ୍ତୀ ଶୁଣାଣି

ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ କେତୋଟି ବ୍ୟାରେଜ ନିର୍ମାଣ କରିଛି ସେ ନେଇ ତଥ୍ୟ ଦେବାକୁ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଶନିବାର କେନ୍ଦ୍ର ସରକାରଙ୍କୁ ନୋଟିସ କରିଛନ୍ତି। ଜଳ ବିବାଦ ଶୁଣାଣି କରି ଓଡ଼ିଶା ସରକାରଙ୍କ ଆବେଦନ ଉପରେ ଏହି ନୋଟିସ୍ ଦିଆଯାଇଛି। ଏଥିସହିତ ମହାନଦୀ ଜଳ ବିବାଦ ସମ୍ପର୍କିତ ସମସ୍ତ ତଥ୍ୟ କମନ୍ ଫର୍ମାଟ୍‌ରେ ଦେବାକୁ ଜଷ୍ଟିସ୍ ଏ.ଏମ୍. ଖାନୱିଲକରଙ୍କ ଅଧ୍ୟକ୍ଷତାରେ ତଥା ଇନ୍ଦରମିତ କୌର ଏବଂ ରବି ରଞ୍ଜନଙ୍କୁ ନେଇ ଗଠିତ ଖଣ୍ଡପୀଠ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କ୍ରିଷ୍ଣା ଓ କାବେରୀ ନଦୀ ଜଳ ବିବାଦ ଢାଞ୍ଚାରେ ମହାନଦୀ ଜଳ ବିବାଦର ସଂକ୍ଷିପ୍ତ ବିବରଣୀ ପ୍ରସ୍ତୁତ କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି। ଏଥିସହିତ ଓଡ଼ିଶା ସରକାର ମହାନଦୀ ଜଳ ବିବାଦ ନେଇ ଆବଶ୍ୟକ କରୁଥିବା ସମସ୍ତ ତଥ୍ୟ ଦେବାକୁ ଖଣ୍ଡପୀଠ କେନ୍ଦ୍ରୀୟ ଜଳ ଆୟୋଗ, ଭାରତୀୟ ପାଣିପାଗ ବିଭାଗ ଏବଂ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨୯ରେ ହେବ।

ଓଡ଼ିଶା ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ମୋହନ କାର୍ତ୍ତିକ କ୍ରିଷ୍ଣା ଓ କାବେରୀ ନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଭଳି ସମସ୍ତ ତଥ୍ୟ ଥିବା କମନ ଫର୍ମାଟ୍ ଦାଖଲ କରିଛନ୍ତି । ସେହି ଫର୍ମାଟ୍ ଅନୁଯାୟୀ ମହାନଦୀ ଜଳ ବିବାଦ ମାମଲା ପରିଚାଳନା କରାଯିବ। ଓଡ଼ିଶା, ଛତିଶଗଡ଼ ଓ ଅନ୍ୟାନ୍ୟ ରାଜ୍ୟ ଦ୍ୱାରା ବ୍ୟବହାର କରାଯାଉଥିବା ମହାନଦୀ ଜଳର ସମସ୍ତ ତଥ୍ୟକୁ ନେଇ ଏକ କମନ ଫର୍ମାଟ୍‌ରେ ପ୍ରସ୍ତୁତ କରାଯାଉ, ଯଦ୍ୱାରା ଟ୍ରିବ୍ୟୁନାଲ ଶୁଣାଣି ବେଳେ ସେହି ତଥ୍ୟଗୁଡ଼ିକୁ ବ୍ୟବହାର କରିପାରିବେ ବୋଲି କାର୍ତ୍ତିକ ଦର୍ଶାଇଥିଲେ। କିନ୍ତୁ ଛତିଶଗଡ଼ର ପ୍ରତିପକ୍ଷ ଓକିଲ କହିଥିଲେ ଯେ, କେନ୍ଦ୍ରୀୟ ଜଳ ଆୟୋଗଙ୍କ ଦ୍ୱାରା କମନ ଫର୍ମାଟ୍ ପ୍ରସ୍ତୁତ କରାଯାଇପାରିବ।

ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ବହୁ ସଂଖ୍ୟାରେ ବ୍ୟାରେଜ ନିର୍ମାଣ କରିବା ଦ୍ୱାରା ନଭେମ୍ବରରୁ ମେ ପର୍ଯ୍ୟନ୍ତ ଅର୍ଥାତ୍ ଅଣମୌସୁମୀ ସମୟରେ ଜଳପ୍ରବାହ ହ୍ରାସପାଇଛି। ଛତିଶଗଡ଼ ନିର୍ମାଣ କରୁଥିବା ବ୍ୟାରେଜଗୁଡ଼ିକ ଉପରେ ରୋକ ଲଗାଇବାକୁ ଓଡ଼ିଶା ସରକାରଙ୍କ ପକ୍ଷରୁ ଆବେଦନ କରାଯାଇଛି। ଟ୍ରିବ୍ୟୁନାଲ ଜୁଲାଇ ୧୧ରେ ଭିଡିଓ କନଫରେନ୍ସ ମାଧ୍ୟମରେ ମାମଲାର ଶୁଣାଣି ପାଇଁ ୩୬ ଇସ୍ୟୁ ପ୍ରସ୍ତୁତ କରିଥିଲେ। ସେଥିରୁ ଓଡ଼ିଶା ପକ୍ଷରୁ ୨୩ଟି ଦାଖଲ କରାଯାଇଥିବାବେଳେ ଛତିଶଗଡ ପକ୍ଷରୁ ୧୩ଟି ଦାଖଲ କରାଯାଇଥିଲା। ଶନିବାର ଶୁଣାଣି ପୂର୍ବରୁ ଓଡ଼ିଶା ପକ୍ଷରୁ ସମସ୍ତ ପ୍ରମାଣ ଟ୍ରିବ୍ୟୁନାଲଙ୍କ ନିକଟରେ ଦାଖଲ କରାଯାଇଛି। ଛତିଶଗଡ଼ ଓ ଅନ୍ୟ ରାଜ୍ୟଗୁଡ଼ିକ ତଥ୍ୟ ପ୍ରମାଣ ଦାଖଲ କରିନାହାନ୍ତି। ଛତିଶଗଡ଼ର ୬ ବ୍ୟାରେଜ୍ ଓ ୫୧୬ ଆନିକଟ୍ ଯୋଗୁ ଅଣମୌସୁମୀ ସମୟରେ ଓଡ଼ିଶା ଦେଇ ପ୍ରବାହିତ ହେଉଥିବା ଜଳର ପରିମାଣ ହ୍ରାସ ଘଟିଛି କି ନାହିଁ ଟ୍ରିବ୍ୟୁନାଲ ତାହା ଅନୁଧ୍ୟାନ କରିବେ।



## କରୋନା ସଂକ୍ରମଣ ସ୍ଥିତି

ଶନିବାର ରାତି ୧୦ଟା ସୁଦ୍ଧା

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧,୯୬,୩୮,୮୦୮ | ୭,୨୫,୮୭୭ | ୧,୨୬,୧୫,୪୯୫ |
| ଭାରତ | ୨୧,୨୯,୧୫୪ | ୪୩,୧୪୪ | ୧୪,୬୧,୭୭୨ |
| ଓଡ଼ିଶା | ୪୪,୧୯୩ | ୨୫୯(+୪୮) | ୩୦,୨୪୨ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ରାଜ୍ୟରେ ଖୋଲିବ ୬୫ ସିଭିଲ ଜଜ୍ କୋର୍ଟ

**କଟକ ଅଫିସ,୮।୮**



ରାଜ୍ୟରେ ଆଉ ୬୫ଟି ସିଭିଲ୍ ଜଜ୍ କୋର୍ଟ (ଜୁନିୟର ଡିଭିଜନ୍) ତଥା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ (ଜେଏମ୍ଏଫ୍‌ସି) କୋର୍ଟ ଖୋଲାଯିବ। ଏନେଇ ଓଡ଼ିଶା ହାଇକୋର୍ଟର ସ୍ୱତନ୍ତ୍ର ଅଧିକାରୀ (ପ୍ରଶାସନିକ)ଙ୍କ ପକ୍ଷରୁ ୨୩ଟି ଜିଲାର ଜିଲା ଜଜ୍‌ମାନଙ୍କୁ ଚିଠି ଲେଖାଯାଇଛି।

ଏଥିରେ କେନ୍ଦୁଝର ଜିଲାର ତେଲକୋଇ, ହାଟଡିହି, ବଡ଼ବିଲ, ଘଟଗାଁ ଓ ହରିଚନ୍ଦନପୁର, ସୁନ୍ଦରଗଡ଼ ଜିଲାର କୋଇଡା, ବୀରମିତ୍ରପୁର, ଲହୁଣୀପଡ଼ା, ବଡ଼ଗାଁ, ଲେଫ୍ରିପଡ଼ା ଓ ହେମଗିରିରେ କୋର୍ଟ ଖୋଲାଯିବ। ସେହିଭଳି ଭଦ୍ରକ ଜିଲାର ବନ୍ତ, କୋରାପୁଟର ନନ୍ଦପୁର, ନାରାୟଣପାଟଣା, ବୈପାରିଗୁଡ଼ା, ପୁରୀ ଜିଲାର କୃଷ୍ଣପ୍ରସାଦ, କାକଟପୁର, କଣାସ ଓ ଅସ୍ତରଙ୍ଗ, ରାୟଗଡ଼ା ଜିଲାର ଚନ୍ଦ୍ରପୁର, ମୁନିଗୁଡ଼ା, ପଦ୍ମପୁର, ମାଲକାନଗିରି ଜିଲାର ମାଥିଲି, କୁଡୁମୁଲୁଗୁମ୍ମା, ବାଲେଶ୍ୱର ଜିଲାର ଔପଦା ଓ ଖଇରା, ନୟାଗଡ଼ ଜିଲାର ଗଣିଆ, ଗଞ୍ଜାମ ଜିଲାର ବେଲଗୁଣ୍ଠା, ଜଗନ୍ନାଥପ୍ରସାଦ ଓ ପୋଲସରା, ଯାଜପୁର ଜିଲାର ବରିପାଳ, ବିଞ୍ଝାରପୁର ଓ ସୁକିନ୍ଦା, ବରଗଡ଼ ଜିଲାର ଗାଇସିଲଟ, ପାଇକମାଳ ଓ ବିଜେପୁରରେ କୋର୍ଟ ଖୋଲାଯିବ। ଝାରସୁଗୁଡ଼ା ଜିଲାର ଲକ୍ଷ୍ମଣପୁର, ଲଇକେରା ଓ କିରିମିରା, କଳାହାଣ୍ଡି ଜିଲାର ଗୋଲମୁଣ୍ଡା, ଥୁଆମୂଳ ରାମପୁର, କାରିଆମୁଣ୍ଡା ଓ ଲାଞ୍ଜିଗଡ଼, କନ୍ଧମାଳ ଜିଲାର ତୁମୁଡ଼ିବନ୍ଧ, ରାଇକିଆ ଓ ଚକାପାଦ, ଖୋର୍ଦ୍ଧା ଜିଲାର ବେଗୁନିଆ, ବାଲିଅନ୍ତା, ବୋଲଗଡ଼, ବାଲିପାଟଣା ଓ ଚିଲିକା, ଅନୁଗୋଳ ଜିଲାର ବଅଁରପାଳ ଓ କିଶୋରନଗରରେ କୋର୍ଟ ଖୋଲିବ। ସେହିପରି ମୟୂରଭଞ୍ଜ ଜିଲାର ଯଶିପୁର, ରାସଗୋବିନ୍ଦପୁର ଓ ଠାକୁରମୁଣ୍ଡା, କଟକ ଜିଲାର ନିଶ୍ଚିନ୍ତକୋଇଲି, ଡମପଡ଼ା ଓ ମାହାଙ୍ଗା, ବଲାଙ୍ଗୀର ଜିଲାର ବଙ୍ଗମୁଣ୍ଡା, ଜଗତ୍‌ସିଂହପୁର ଜିଲାର ଏରସମା, ନବରଙ୍ଗପୁର ଜିଲାର କୋଷାଗୁମୁଡ଼ା, ଝରିଗାଁ, କେନ୍ଦ୍ରାପଡ଼ା ଜିଲାର ରାଜକନିକା, ସମ୍ବଲପୁର ଜିଲାର ରେଙ୍ଗାଲିରେ ଏହି କୋର୍ଟ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। କୋର୍ଟ ଖୋଲିବା ପାଇଁ ବର୍ତ୍ତମାନ ଉପଲବ୍ଧ ଭିତ୍ତିଭୂମି, କୋର୍ଟ ହଲ୍, ଡାଏସ୍, କାଠଗଡ଼ା, କାର୍ଯ୍ୟାଳୟ ଓ ପ୍ରିଜାଇଡିଂ ଅଫିସରଙ୍କ ଚାମ୍ବର୍ ସମ୍ପର୍କରେ ରିପୋର୍ଟ ଦେବାକୁ ଜିଲା ଜଜ୍‌ମାନଙ୍କୁ କୁହାଯାଇଛି।

# ୩ ଦିନ ପ୍ରବଳ ବର୍ଷିବ

**ଭୁବନେଶ୍ୱର,୮।୮(ବ୍ୟୁରୋ)**

**ଲଘୁଚାପ**

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୩ ଦିନ ଯାଏ ଦକ୍ଷିଣ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ୯ ତାରିଖରୁ ଦକ୍ଷିଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ଏବଂ ଉତ୍ତର ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, କୋରାପୁଟ ଏବଂ ଗଜପତି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ରାୟଗଡ଼ା, ମାଲକାନଗିରି, ଗଞ୍ଜାମ, ବଲାଙ୍ଗୀର ଏବଂ ବରଗଡ଼ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୧୦ ତାରିଖରେ ମଧ୍ୟ ଦକ୍ଷିଣ ଏବଂ ଉତ୍ତର ଓଡ଼ିଶାର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହେବ। ମାଲକାନଗିରି, କୋରାପୁଟ, ବଲାଙ୍ଗୀର, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ରାୟଗଡ଼ା, ନୟାଗଡ଼, ବୌଦ୍ଧ, ଗଜପତି, ବରଗଡ଼ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବା ଅନୁମାନ କରି ୟେଲୋୱାର୍ନିଂ ଜାରି କରାଯାଇଛି। ୧୧ରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, ସମ୍ବଲପୁର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ। ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଯିବାକୁ ବାରଣ କରାଯାଇଛି। ଲଘୁଚାପ ଯୋଗୁ ଦକ୍ଷିଣ ଓଡ଼ିଶାରେ ପ୍ରବାହିତ ବଂଶଧାରା, ଋଷିକୁଲ୍ୟା ଏବଂ ହାତୀନଦୀରେ ବନ୍ୟା ହେବାର ଆଶଙ୍କା ଥିବାରୁ ଜିଲାପାଳମାନଙ୍କୁ ସତର୍କ କରାଯାଇଛି।

# ଦଦରାଲୁଣ୍ଠା ବୋମାମାଡ଼ ଘଟଣା, ଜଣେ ନିହତ

**ଭଞ୍ଜନଗର,୮।୮(ଡି.ଏନ.ଏ)**

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଦଦରାଲୁଣ୍ଠାରେ ଶୁକ୍ରବାର ରାତିରେ ବୋମାମାଡ ହୋଇଥିଲା। ଏଥିରେ ଦଦରାଲୁଣ୍ଠାର କୃଷ୍ଣ ଗୌଡ(୧୯) ନିହତ ହୋଇଥିବାବେଳେ ୨ଜଣ ଆହତ ହୋଇଥିଲେ। ଏନେଇ ପଇତାଗାଁ ଏବଂ ଦଦରାଲୁଣ୍ଠାରେ ଉତ୍ତେଜନା ଲାଗିରହିଛି। ପୋଲିସ କେତେଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। କୃଷ୍ଣଙ୍କ ଭାଇ ଏତଲା ଦେବାପରେ ନଂ. ୪୨୭/୨୦ରେ ହତ୍ୟା ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି। ସନ୍ଧ୍ୟାରେ ଏସ୍‌ପି ବ୍ରିଜେଶ କୁମାର ରଏ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

ପ୍ରକାଶ ଯେ, ପଇତାଗାଁରେ ଗୁରୁବାର ସନ୍ଧ୍ୟାରେ କୌଣସି ଏକ କଥାକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ଶୁକ୍ରବାର ରାତିରେ ପୁଣି ଉଭୟ ଗୋଷ୍ଠୀ ମୁହାଁମୁହିଁ ହେବାସହ ବୋମାମାଡ ହୋଇଥିଲା। ଏଥିରେ କୃଷ୍ଣ ଗୁରୁତର ହୋଇଥିଲେ। ତାଙ୍କୁ ଭଞ୍ଜନଗର ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ମେଡିକାଲକୁ ନେବା ବାଟରେ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ଅଧିକ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସୁଦୀପ୍ତ ସାହୁ କହିଛନ୍ତି। କରୋନା କଟକଣା ବେଳେ ଏଭଳି ବୋମାମାଡ ଯୋଗୁ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।

# କଟାମୁଣ୍ଡ ନେଇ ଥାନାରେ ଅଭିଯୁକ୍ତ

**ଝରିଗାଁ,୮।୮(ସ୍ୱ.ପ୍ର)**

**ସମ୍ପର୍କୀୟ ମାମୁଶ୍ୱଶୁରଙ୍କୁ ହତ୍ୟା**

ନବରଙ୍ଗପୁର ଜିଲା ହାତୀବାଡ଼ି ଗାଁରେ ଡମ୍ବରୁ ଗୌଡ଼(୨୦) ନାମକ ଜଣେ ଯୁବକ ନିଜ ସମ୍ପର୍କୀୟ ମାମୁଶ୍ୱଶୁରଙ୍କୁ ହତ୍ୟା କରି କଟାମୁଣ୍ଡ ନେଇ ଝରିଗାଁ ଥାନାରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ ତାଙ୍କୁ ଗିରଫକରି କୋର୍ଟଚାଲାଣ କରିଛି।

ଡମ୍ବରୁ ବର୍ଷକ ତଳେ ପ୍ରେମ ବିବାହ କରିଥିଲେ। ଗାଁରେ ତାଙ୍କ ସ୍ତ୍ରୀ କମଳାଙ୍କ ସମ୍ପର୍କୀୟ ମାମୁ ରତନ ଗୌଡ଼(୩୫) ରହୁଥିଲେ। ଦୁଇ ପରିବାର ମଧ୍ୟରେ ସମ୍ପର୍କ ଆହୁରି ଘନିଷ୍ଠ ହେବାରେ ଲାଗିଲା। ଡମ୍ବରୁ ଓ କମଳାଙ୍କ ମଧ୍ୟରେ କିନ୍ତୁ ରତନଙ୍କୁ ନେଇ ବିଭିନ୍ନ ସମୟରେ ଝଗଡ଼ା ଲାଗୁଥିଲା। ଗାଁରେ ପ୍ରାୟ ୫ଥର ବୈଠକ ବସି ସେମାନଙ୍କ ଘରୋଇ କଳହ ସମାଧାନ କରାଯାଇଛି। ପୁଣି ଥରେ ଗୁରୁବାର ଝଗଡ଼ାହେବାରୁ କମଳା ଗାଁ ଛାଡି ଭଉଣୀଘରକୁ ପଳାଇଥିଲେ। ଏଥିରେ ରତନଙ୍କ ହାତ ଥିବା ଭାବି ଡମ୍ବରୁ ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଶୁକ୍ରବାର ଅପରାହ୍ନ ପ୍ରାୟ ୩ଟାରେ ଗାଁରୁ କିଛି ଦୂରରେ ଥିବା ଏକ ନାଳ ନିକଟରେ ରତନ ଚଢ଼େଇ ଧରିବାକୁ ଫାଶ ସଜାଉଥିବାବେଳେ ଡମ୍ବରୁ ଏକ ଟାଙ୍ଗିଆରେ ପଛପଟୁ ତାଙ୍କ ବେକକୁ ଆଘାତ କରିଥିଲେ। ଏଥିରେ ରତନଙ୍କ ମୁଣ୍ଡ ଶରୀରରୁ ଅଲଗା ହୋଇଯାଇଥିଲା। ସନ୍ଧ୍ୟାରେ ସେ ରତନଙ୍କ କଟାମୁଣ୍ଡ ଧରି ଝରିଗାଁ ଥାନାରେ ପହଞ୍ଚିଥିଲେ। ପୋଲିସ ୧୨୫/୨୦ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ୧୬୪୩ ନୂଆ ପଜିଟିଭ, ୧୫ ଆକ୍ରାନ୍ତ ମୃତ

**ଭୁବନେଶ୍ୱର, ୮।୮(ବ୍ୟୁରୋ)**

- କରୋନାରେ ୧୨, ଅନ୍ୟ ରୋଗରେ ୩ ମୃତ
- ଆକ୍ରାନ୍ତଙ୍କ ସଂଖ୍ୟା ୪୪ ହଜାର ଟପିଲା
- ମୃତ୍ୟୁ ସଂଖ୍ୟା ୨୫୯କୁ ବୃଦ୍ଧି, ଅଣକୋଭିଡ୍ ୪୮

ଅଗଷ୍ଟ ଆରମ୍ଭରୁ ରାଜ୍ୟରେ କରୋନା ସଂକ୍ରମଣ ଆହୁରି ତୀବ୍ର ହୋଇଥିବାବେଳେ ୩ଦିନ ହେବ ଦିନକୁ ୧୫ଶହ ଉପରେ ନୂଆ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଶୁକ୍ରବାର ଆକ୍ରାନ୍ତ, ମୃତ ଓ ଆରୋଗ୍ୟ ସଂଖ୍ୟାରେ ରେକର୍ଡ ଭାଙ୍ଗିଥିବାବେଳେ ଶେଷ ୨୪ ଘଣ୍ଟାରେ ୨୮ ଜିଲାରୁ ଆଉ ୧୬୪୩ ରିପୋର୍ଟ ପଜିଟିଭ୍ ଆସିଛି। ସଙ୍ଗରୋଧରୁ ୧୦୧୮ ଓ ସ୍ଥାନୀୟ ଆକ୍ରାନ୍ତ ୬୨୫ଜଣ ରହିଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୪୪,୧୯୩କୁ ବୃଦ୍ଧିପାଇଥିବା ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟରୁ ଜଣାପଡିଛି। ଅନ୍ୟପକ୍ଷରେ ରାଜ୍ୟରେ ଆଉ ୧୫ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। କରୋନାରେ ୧୨ ଜଣଙ୍କ ଜୀବନ ଯାଇଥିବାବେଳେ ବାକି ୩ଜଣ ଆକ୍ରାନ୍ତ ଅନ୍ୟ ରୋଗରେ ପ୍ରାଣ ହରାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂଚନା ଦେଇଛି। ଫଳରେ ରାଜ୍ୟରେ ଏବେ କରୋନା ମୃତ୍ୟୁସଂଖ୍ୟା ୨୫୯ରେ ପହଞ୍ଚିଥିବାବେଳେ ଅଣକୋଭିଡ୍ ମୃତ୍ୟୁ ୪୮ ଛୁଇଁଛି।

ଏବେ ବି ଗଞ୍ଜାମରେ ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ସର୍ବାଧିକ ରହିଥିଲେ ମଧ୍ୟ ଖୋର୍ଦ୍ଧାରେ ସଂକ୍ରମଣ ଅଧିକ ବଢୁଛି। ଦୈନିକ ଏହି ଜିଲାରୁ ୨ଶହରୁ ୩ଶହ ମଧ୍ୟରେ ନୂଆ ଆକ୍ରାନ୍ତ ଚିହ୍ନଟ ହେଉଥିବାବେଳେ କେବଳ ଭୁବନେଶ୍ୱରରୁ ଶହେରୁ ଊର୍ଦ୍ଧ୍ୱ ପଜିଟିଭ୍ ବାହାରୁଛନ୍ତି। ସେହିଭଳି ରାୟଗଡ଼ା, ସୁନ୍ଦରଗଡ଼, ସମ୍ବଲପୁର, କଟକ, ପୁରୀ ଆଦି ଜିଲାକୁ ନେଇ ମଧ୍ୟ ଚିନ୍ତା ବଢ଼ିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଗଞ୍ଜାମ ଓ ଖୋର୍ଦ୍ଧାରୁ ସର୍ବାଧିକ ୨୭୪ଜଣ ଲେଖାଏ ଚିହ୍ନଟ ହୋଇଥିବାବେଳେ ଦ୍ୱିତୀୟରେ ଥିବା ରାୟଗଡ଼ା ୧୩୬, ସୁନ୍ଦରଗଡ଼ ୧୧୮, ସମ୍ବଲପୁର ୧୧୨, କଟକ ୯୮, ପୁରୀ ୯୨, ବାଲେଶ୍ୱର ୭୩, କନ୍ଧମାଳ ୫୨, କୋରାପୁଟ ୫୦, ବଲାଙ୍ଗୀର ୪୩, ନୟାଗଡ଼ ୪୦, ମୟୂରଭଞ୍ଜ ୩୯, ଢେଙ୍କାନାଳ ଓ ଯାଜପୁରରୁ ୩୬ ଲେଖାଏ, ଗଜପତି ୩୫ ଜଣ, କଳାହାଣ୍ଡି ୩୦, ମାଲକାନାଗିରି ୨୭, ଜଗତ୍‌ସିଂହପୁର ୨୧, ଅନୁଗୋଳ ୧୬, କେନ୍ଦ୍ରାପଡ଼ା ୧୪, ବରଗଡ଼ ଓ ବୌଦ୍ଧରୁ ୭ଜଣ ଲେଖାଏ, କେନ୍ଦୁଝର ୩, ଭଦ୍ରକ ଓ ଝାରସୁଗୁଡ଼ାରୁ ୨ଜଣ ଲେଖାଏ ଏବଂ ନୂଆପଡ଼ାରୁ ଜଣେ ରହିଛନ୍ତି।

ସେହିପରି କରୋନାରେ ମୃତ ବ୍ୟକ୍ତିଙ୍କ ମଧ୍ୟରେ ୧୧ଜଣ ପୁରୁଷ ଓ ଜଣେ ମହିଳା ରହିଛନ୍ତି। ଏମାନଙ୍କ ବୟସ ୪୮ରୁ ୭୯ ମଧ୍ୟରେ ରହିଛି। ଗଞ୍ଜାମ, କନ୍ଧମାଳ, କେନ୍ଦୁଝର ଓ ଖୋର୍ଦ୍ଧା (ଭୁବନେଶ୍ୱର) ଜିଲାରୁ ୨ଜଣ ଲେଖାଏ ମରିଥିବାବେଳେ ବରଗଡ଼, ସୁନ୍ଦରଗଡ଼, ବାଲେଶ୍ୱର ଓ ଗଜପତିରୁ ଜଣେ ଲେଖାଏ ରହିଛନ୍ତି। ଏମାନେ ମଧ୍ୟ ଏକାଧିକ ରୋଗରେ ପୀଡିତ ଥିଲେ। ଅନ୍ୟପକ୍ଷରେ ୩ଜଣ ଅଣକୋଭିଡ୍ ମୃତକ ହେଲେ ଭୁବନେଶ୍ୱରର ୭୧ ବର୍ଷୀୟା ଓ ବାଲେଶ୍ୱରର ୫୫ବର୍ଷୀୟା ମହିଳା ଏବଂ ମୟୂରଭଞ୍ଜର ଜଣେ ୫୨ବର୍ଷୀୟ ପୁରୁଷ। ଏମାନେ କରୋନାରେ ଆକ୍ରାନ୍ତ ହୋଇଥିଲେ ମଧ୍ୟ ଅନ୍ୟ ରୋଗରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି।

କ'ଣ ଆପଣ ଏବେ ବି ଇମ୍ୟୁନିଟି ବଢ଼ାଇବା ପାଇଁ ନୂଆ ନୂଆ ପ୍ରୟୋଗ କରୁଛନ୍ତି ?
ଯେବେ ପ୍ରଶ୍ନ ଆପଣଙ୍କ ପରିବାରର ସ୍ୱାସ୍ଥ୍ୟର ହୋଇଥାଏ ତେବେ ବିଜ୍ଞ ହୁଅନ୍ତୁ
ଏବଂ କେବଳ ସେହି ଉତ୍ପାଦ ବାଛନ୍ତୁ ଯାହାର ପରିଣାମ ବିଶ୍ୱସନୀୟ ଓ ପ୍ରମାଣିତ ହୋଇଥିବ
JOLLY
CLINICALLY TESTED
ତୁଳସୀ 51 ଡ୍ରପ୍‌ସ
ଲାବ୍ ପ୍ରମାଣିତ ଇମ୍ୟୁନିଟି ବର୍ଦ୍ଧକ
ଜୋଲି ତୁଳସୀ 51 ଡ୍ରପ୍‌ସ ଉପରେ କରାଯାଇଥିବା ଏକ ଲାବ୍ ଟେଷ୍ଟ (Clinical Trial)ରେ ଏହା ପ୍ରମାଣିତ ହୋଇଛି ଯେ ଯେଉଁ ବ୍ୟକ୍ତିମାନେ ଜୋଲି ତୁଳସୀ 51 ଡ୍ରପ୍‌ସ ନିୟମିତ ଭାବେ ସେବନ କରୁଥିଲେ ସେମାନଙ୍କ ଇମ୍ୟୁନିଟି ବହୁ ମାତ୍ରାରେ ବଢ଼ିଯାଇଛି।




କେବଳ Jolly Tulsi 51 Drops ହିଁ କାହିଁକି
- ଇମ୍ୟୁନିଟି ବଢ଼ାଇବା ପାଇଁ Clinically Tested ପରିଣାମ
- ବର୍ଷ ବର୍ଷର ପୁରୁଣା ଓ ବିଶ୍ୱସନୀୟ ଉତ୍ପାଦ
- ଇମ୍ୟୁନିଟି ବଢ଼ାଇବା ସହିତ Body ମଧ୍ୟ Detox କରନ୍ତୁ
- ତୁଳସୀର ସହସ୍ରାଧିକ ଅନ୍ୟାନ୍ୟ ଲାଭ ଆୟୁର୍ବେଦରେ ବର୍ଣ୍ଣିତ
- କୋଟି କୋଟି ସନ୍ତୁଷ୍ଟ ଗ୍ରାହକ

ପାଞ୍ଚ ପ୍ରକାର ତୁଳସୀରୁ ଅତ୍ୟନ୍ତ ବିଶେଷ ବିଧିରେ ପ୍ରସ୍ତୁତ ଅର୍କ
*ଦୈନିକ କେବଳ 5 ବୁନ୍ଦା ପିଅନ୍ତୁ, ସୁସ୍ଥ ନୀରୋଗ ଜିଅନ୍ତୁ...
ଜୋଲି ତୁଳସୀ 51 ଡ୍ରପ୍‌ସର ଲୋକପ୍ରିୟତାର ଫାଇଦା ଉଠାଇବା ପାଇଁ ବଜାରରେ ଏକା ସଦୃଶ ନାମରେ ଅନେକ ତୁଳସୀ ଡ୍ରପ୍‌ସ ଆସିଯାଇଛି ଯାହା ଗ୍ରାହକଙ୍କ ମନରେ ଭ୍ରମ ସୃଷ୍ଟି କରୁଛି ।
ମେଡିକାଲ ଷ୍ଟୋର୍‌ରେ ତୁଳସୀ ଡ୍ରପ୍‌ସ ନୁହେଁ ଜୋଲି ତୁଳସୀ 51 ଡ୍ରପ୍‌ସ ହିଁ ମାଗନ୍ତୁ ।
ଯେମିତି ସବୁ ପୀତବର୍ଣ୍ଣ ବସ୍ତୁ ସୁନା ହୋଇ ନ ଥାଏ, ସେହିଭଳି ସବୁ ତୁଳସୀ ଡ୍ରପ୍‌ସ "ଜୋଲି ତୁଳସୀ 51 ଡ୍ରପ୍‌ସ" ଭଳି ହୋଇ ନ ଥାଏ ।
Odisha : S.S» Jeevan Dhara Enterprises, Bbsr - 90400 34013 ☎ 0161-520-1588

**ଆଜିର ମନ୍ତବ୍ୟ**

“ ଜମ୍ମୁ-କଶ୍ମୀରରେ ଅସ୍ତ୍ରଶସ୍ତ୍ର ଅଭାବ ଆତଙ୍କବାଦୀଙ୍କ ମୁଖ୍ୟ ସମସ୍ୟା ପାଲଟିଛି।

-ଦିଲ୍‌ବାଗ ସିଂ, ଜମ୍ମୁ-କଶ୍ମୀର ପୋଲିସ ମହାନିର୍ଦ୍ଦେଶକ


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି: ଭାଜପା

### ଡିଜିଙ୍କ ନିକଟରେ କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର,୮।୮(ବ୍ୟୁରୋ)

କୋରାପୁଟ ଜିଲା କୋଟପାଡ଼ ବ୍ଲକ ଚିତ୍ରା ପଞ୍ଚାୟତର ଜଣେ ଆଦିବାସୀ ନାବାଳିକାଙ୍କୁ କେତେଜଣ ଦୁର୍ବୃତ୍ତ ଗତ ଜୁଲାଇ ୨୦ରେ ବଳାତ୍କାର ପରେ ହତ୍ୟା କରିଥିବା ଭାଜପା ମହିଳା ମୋର୍ଚ୍ଚା ଅଭିଯୋଗ କରିଛି। ମୋର୍ଚ୍ଚା ସଭାପତି ସ୍ମୃତି ପଟ୍ଟନାୟକ କହିଛନ୍ତି ଯେ, ହତ୍ୟା ପରେ ନାବାଳିକାଙ୍କୁ ଏକ ତେନ୍ତୁଳିଗଛରେ ଦୁର୍ବୃତ୍ତମାନେ ଓହଳାଇ ଦେଇଥିଲେ। ମୃତ୍ୟୁ ପରେ ନାବାଳିକାଙ୍କ ଅବସ୍ଥା ସ୍ଥାନୀୟ ବାସିନ୍ଦା ଏବଂ ପୋଲିସ କର୍ମଚାରୀ ଦେଖିଛନ୍ତି। ତଥାପି ପୋଲିସ ଚାପରେ ଡାକ୍ତର ବ୍ୟବଚ୍ଛେଦ ରିପୋର୍ଟରେ ଏହି ଘଟଣାକୁ ଆତ୍ମହତ୍ୟା ବୋଲି ଦର୍ଶାଇଛନ୍ତି। ଅପରାଧୀଙ୍କୁ ଗିରଫ କରାଯିବା ପରିବର୍ତ୍ତେ ସେମାନଙ୍କୁ ଘଣ୍ଟ ଘୋଡ଼ାଯାଉଛି।ଏହି ଘଟଣାରେ ସ୍ମୃତି ପଟ୍ଟନାୟକ ଏବଂ ଭାଜପା ନେତା ବଳଭଦ୍ର ମାଝିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୋଲିସ ଡିଜିଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ପୋଲିସ ନିରପେକ୍ଷ ତଦନ୍ତ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଏସ୍‌ସି, ଏସ୍‌ଟି ଆଟ୍ରୋସିଟି ଏବଂ ପୋକ୍‌ସୋ ଆକ୍ଟ ଲଗାଇ କାର୍ଯ୍ୟାନୁଷ୍ଠାନ ନେଉ। ଏହାସହ ଜିଲା ପ୍ରଶାସନ ପକ୍ଷରୁ ପୀଡ଼ିତାଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ଦିଆଯାଉ ବୋଲି ପ୍ରତିନିଧି ଦଳ ଡିଜିଙ୍କ ନିକଟରେ ଦାବି କରିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାପ ବୋଲ ଭାଇ ବୋଲ, କାଚର ତଳ**
**ପିଠା ବୋଲ ପଣା ବୋଲ, ଭାତର ତଳ ।**

ପିଠା ପଣା ସାମୟିକ ଭଲ ଲାଗେ, କିନ୍ତୁ ତାହା କେବେ ଭାତ ସମକକ୍ଷ ହୋଇ ପାରି ନ ଥାଏ। ଝିଅ ବାହାହେବା ପର୍ଯ୍ୟନ୍ତ ବାପା ଭାଇ ତା'ର ସମସ୍ତ ଦାୟିତ୍ୱ ତୁଲାଇଥାନ୍ତି। ପରନ୍ତୁ ବାହାହୋଇ ଶାଶୁଘରକୁ ଚାଲିଗଲେ ବାପଭାଇଙ୍କର ଚିନ୍ତା ସରିଯାଇଥାଏ । କିନ୍ତୁ ଯାହାକୁ ସିଏ ବାହା ହୋଇଥାଏ ସେହି ସ୍ୱାମୀ ଜୀବନର ସୁଖଦୁଃଖରେ ସବୁବେଳେ ସାଥୀ ହୋଇ ରହିଥାଏ। ଝିଅ ପାଇଁ ବାପଭାଇ ଅପେକ୍ଷା ସ୍ୱାମୀ ଶ୍ରେଷ୍ଠ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବୋଇତି କଖାରୁ ସାରୁକୁ ଦେଖି**
**ଅରୁଆ ଚିଙ୍ଗୁଡ଼ି ମାରୁଚି ଆଖି ।**

ଖାଦ୍ୟ ସହ ରୁଚିର ସମ୍ପର୍କ ସବୁବେଳେ ରହିଥାଏ। କଖାରୁ ସାରୁ ସହ ଚିଙ୍ଗୁଡ଼ିର ମିଶ୍ରଣ ପାଟିକୁ ସୁଆଦିଆ ଲାଗିଥାଏ । ଏପରି ସ୍ୱାଦିଷ୍ଟ ବ୍ୟଞ୍ଜନ ଭୋଜନର ମଜାକୁ ଦ୍ୱିଗୁଣିତ କରିଦେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏସ୍.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**

## ପ୍ରଥମ ପୃଷ୍ଠାରୁ...

### ଆଇଏକ୍ସ-୧୩୪୪ର ...

ଯୋଗୁ ପାଇଲଟ ରନ୍‌ୱେକୁ ଠିକ୍ ଭାବେ ଦେଖିପାରି ନ ଥିଲେ। ଫଳରେ ରନ୍‌ୱେ ଆରମ୍ଭର ୧୦୦୦ ମିଟର ଦୂର ଟ୍ୟାକ୍ସିୱେ ନିକଟରେ ସେ ବିମାନକୁ ଅବତରଣ କରାଇଥିଲେ। ବିମାନଟି ରନ୍‌ୱେ ବାହାରକୁ ଚାଲିଯାଇ ୩୫ ମିଟର ଗର୍ତ୍ତକୁ ଖସିପଡ଼ିବାରୁ ଦୁଇଖଣ୍ଡ ହୋଇଯାଇଥିଲା ଓ ୨ ପାଇଲଟଙ୍କ ସମେତ ୧୮ ଜଣଙ୍କ ମୃତ୍ୟୁ ଘଟିଲା। ସ୍ୱିଡେନ୍‌ର ଫ୍ଲାଇଟ୍ ଟ୍ରାକର ୱେବ୍‌ସାଇଟ ଫ୍ଲାଇଟରାଡାର୨୪ର ସୂଚନା ଅନୁଯାୟୀ ଆଇଏକ୍ସ-୧୩୪୪ ବିମାନ କୋଝିକୋଡ ବିମାନବନ୍ଦରରେ ଚକ୍କର କାଟିବା ସହ ଅବତରଣ ପାଇଁ ଦୁଇଥର ଉଦ୍ୟମ କରିଥିଲା। ନିର୍ଦ୍ଦିଷ୍ଟ ରନ୍‌ୱେରେ ଅବତରଣ ଲାଗି ପାଇଲଟ ଅସୁବିଧାର ସମ୍ମୁଖୀନ ହୋଇଥିଲେ ବୋଲି ଡିଜିସିଏ ତଦନ୍ତକାରୀ ଅଧିକାରୀ କହିଛନ୍ତି। ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଥିବା ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ୍ ସିଂ ପୁରୀ କହିଛନ୍ତି, ଅନ୍ୟତ୍ର ଅବତରଣ ଉଦ୍ୟମ ପାଇଁ ବିମାନରେ ଯଥେଷ୍ଟ ତେଲ ଥିଲା।ଡିଜିସିଏ ଦୁର୍ଘଟଣାର ତଦନ୍ତ କରୁଥିବାରୁ ଶାନ୍ତ ରହିବା ପାଇଁ ସେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

### ବିଲ୍ ସାଇକଲ: କାହିଁକି ଏ ...

ବାରମ୍ବାର ବିଦ୍ୟୁତ୍ କାଟ ଜନସାଧାରଣଙ୍କୁ ଅସ୍ତବ୍ୟସ୍ତ କରି ପକାଇଛି। ଏ ସମ୍ପର୍କରେ ଟିପିସିଓଡିଏଲର ମୁଖ୍ୟ ବାଣିଜ୍ୟିକ ସେବା ଅଧିକାରୀ ରାଜୀବ ଖରିଆଲଙ୍କୁ ଧରିତ୍ରୀ ପକ୍ଷରୁ ମତ ଲୋଡ଼ାଯାଇଥିଲା। ତାଙ୍କ କହିବା ଅନୁସାରେ ଓଇଆର୍‌ସିଙ୍କ ନିର୍ଦ୍ଦେଶକ୍ରମେ ୧୫ଦିନ ବଦଳରେ ୭ଦିନ ମଧ୍ୟରେ ବିଦ୍ୟୁତ୍ ବିଲ୍ ଆଦାୟ ବ୍ୟବସ୍ଥା ପ୍ରଚଳନ କରାଯାଉଛି। ବିଦ୍ୟୁତ୍ କାଟ ସମ୍ପର୍କରେ ସେ କହିଛନ୍ତି, ରକ୍ଷଣାବେକ୍ଷଣ କାମ ଚାଲୁ ରହିଥିବାରୁ ଅସ୍ଥାୟୀ ବିଦ୍ୟୁତ୍ କାଟ ହେଉଛି। ଆସନ୍ତା ଦେଢମାସ ମଧ୍ୟରେ ସବୁ ଠିକ୍ ହୋଇଯିବ। ଗ୍ରାହକମାନଙ୍କର ଯଦି କିଛି ଅସୁବିଧା ଥିବ ତେବେ ସେମାନେ କଲ୍‌ସେଣ୍ଟରକୁ ଫୋନ କରି ସମସ୍ୟାର ସମାଧାନ କରିପାରିବେ।

### ମୁକେଶ ଅମ୍ବାନୀ ...

ମସ୍କ, ଆଲ୍‌ଫାବେଟ୍ ଇଙ୍କ୍‌ର ସହ ପ୍ରତିଷ୍ଠାତା ସର୍ଜି ବ୍ରିନ୍, ଲାରି ପେଜ୍ ଏବଂ ୱାର୍କଶାୟାର ହାଥାୱେର ୱାରେନ୍ ବଫେଟ୍‌ଙ୍କୁ ପଛରେ ପକାଇ ଦେଇଛନ୍ତି। କରୋନା ମହାମାରୀ ସମୟରେ କମ୍ପାନୀଗୁଡିକ ବର୍ତ୍ତମାନ ସମୟରେ ଆର୍ଥିକ ମାନ୍ଦାବସ୍ଥା ସମ୍ମୁଖୀନ ହୋଇଛନ୍ତି। ଏହି ସମୟ ମଧ୍ୟରେ ରିଲାଏନ୍ସ ଡିଜିଟାଲ ପ୍ଲାଟ୍‌ଫର୍ମ ଜିଓ ସାରା ବିଶ୍ୱର ପ୍ରମୁଖ ନିବେଶକଙ୍କ ଠାରୁ ବହୁଳ ଭାବେ ପୁଞ୍ଜି ଆକୃଷ୍ଟ କରିବାକୁ ସକ୍ଷମ ହୋଇଛି। ଜିଓରେ ଫେସ୍‌ବୁକ, ଗୁଗଲ ଭଳି ବୃହତ୍ କମ୍ପାନୀଗୁଡିକରେ ନିବେଶ ଯୋଗୁ ରିଲାଏନ୍ସର ସ୍ଥିତି ଆହୁରି ମଜବୁତ ହୋଇଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

### ବିମାନ ଦୁର୍ଘଟଣାର ...

ଦେଇ ଗତି କରୁଥିଲା। କାରଣ ୧୯୫୦ ବେଳକୁ ଫ୍ଲାଇଟ୍‌ର ଫ୍ରିକ୍ୱେନ୍ସି ବୃଦ୍ଧି କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା, ଯାହା ବିମାନ ଦୁର୍ଘଟଣା ହାର ବଢ଼ାଇଥିଲା। ସେହି ସମୟରେ ବିମାନଟିଏ ଦୁର୍ଘଟଣାଗ୍ରସ୍ତ ହେଲେ ଏହା ପଛର କାରଣ ଖୋଜିବାରେ ଦୀର୍ଘଦିନ ବିତିଯାଉଥିଲା। ଦୁର୍ଘଟଣା ପାଇଁ କିଏ ଦାୟୀ, ଏହା ମନୁଷ୍ୟକୃତ ନା ଯାନ୍ତ୍ରିକ ଏସବୁର ଠିକ୍ ତଥ୍ୟ ମିଳୁ ନ ଥିଲା। ତେଣୁ ବିମାନ ଦୁର୍ଘଟଣା ପରବର୍ତ୍ତୀ ତଥ୍ୟ ସଂଗ୍ରହ କରିବାକୁ ହୋଇଥିଲା 'ବ୍ଲାକ୍ ବକ୍ସ'ର ପରିକଳ୍ପନା। ଅନେକ ଦିନ ଧରି ଗବେଷଣା ପରେ ୧୯୫୪ରେ ଅଷ୍ଟ୍ରେଲିଆ ଜନ୍ମିତ ଏରୋନଟିକ୍ସ ରିସର୍ଚ୍ଚର ଡେଭିଡ୍ ୱାରେନ୍‌ଙ୍କ ଦ୍ୱାରା ଉଦ୍ଭାବନ ହୋଇଥିଲା 'ବ୍ଲାକ୍ ବକ୍ସ'। ସେତେବେଳେ ଏହାର ରଙ୍ଗ ଲାଲ୍ ଥିଲା। ତେଣୁ ଏହାକୁ 'ରେଡ୍ ଏଗ୍' କୁହାଯାଉଥିଲା। ତେବେ ଭିତର ଭାଗ କଳା ରଙ୍ଗର ହୋଇଥିବାରୁ ଏହାକୁ ପରେ 'ବ୍ଲାକ୍ ବକ୍ସ' ନାମ ଦିଆଯାଇଥିବା କୁହାଯାଏ। ଅଦ୍ୟାବଧି ଏହାର ନାମକରଣ ପଛର କାରଣ ସ୍ପଷ୍ଟ ହୋଇନାହିଁ। ସାଧାରଣତଃ 'ବ୍ଲାକ୍ ବକ୍ସ'ର ଉପରି ପାର୍ଶ୍ୱର ରଙ୍ଗ ଲାଲ୍ କିମ୍ବା ଗୋଲାପୀ ହୋଇଥାଏ। ବିମାନ ଦୁର୍ଘଟଣା ପରେ ଝଟକୁଥିବା ରଙ୍ଗ ଯୋଗୁ ଏହାକୁ ଦୂରରୁ ମଧ୍ୟ ସହଜରେ ଚିହ୍ନି ହୋଇଥାଏ।

'ବ୍ଲାକ୍ ବକ୍ସ'ରେ ସମାନ୍ତରାଳ ଭାବେ ଟିଟାନିୟମର ଏକାଧିକ ପରସ୍ତ ଲାଗିଥାଏ। ଏହାର ତାପ ସହନଶୀଳ ଶକ୍ତି ଖୁବ୍ ବେଶି। ପାଖାପାଖି ୧ ଘଣ୍ଟା ଯାଏ ୧୦,୦୦୦ ଡିଗ୍ରୀ ତାପମାତ୍ରାରେ ଜଳିଲେ ମଧ୍ୟ ଏହା ନଷ୍ଟ ହେବା ଆଶଙ୍କା ନ ଥାଏ। ଏଥିସହ ହାରାହାରି ୨ଘଣ୍ଟା ଯାଏ ୨୬୦ ଡିଗ୍ରୀ ତାପମାତ୍ରକୁ ସହଜରେ ସହନ କରିପାରେ। 'ବ୍ଲାକ୍ ବକ୍ସ'ର ଅନ୍ୟତମ ବିଶେଷତ୍ୱ ହେଉଛି ମାସାଧିକ କାଳ ଏହା ବିନା ବିଜୁଳିଶକ୍ତିରେ କାମ କରିପାରେ। ତେଣୁ ଦୁର୍ଘଟଣାଗ୍ରସ୍ତ ବିମାନକୁ ଖୋଜିବାରେ ବିଳମ୍ବ ହେଲେ ମଧ୍ୟ ଏଥିରେ ଫ୍ଲାଇଂ ଡାଟା ବା ଉଡ଼ାଣ ତଥ୍ୟ ସୁରକ୍ଷିତ ରହିଥାଏ। ବିମାନ ଦୁର୍ଘଟଣା ଘଟିଲେ 'ବ୍ଲାକ୍ ବକ୍ସ'ରୁ ଅନବରତ ଶବ୍ଦ ତରଙ୍ଗ ବାହାରେ। ଦୁର୍ଘଟଣାଗ୍ରସ୍ତ ବିମାନ ସମୁଦ୍ର ଗର୍ଭରେ ୨୦,୦୦୦ ଫୁଟ ତଳେ ଥିଲେ ବି ଏହା ପାଖାପାଖି ୩୦ଦିନ ଯାଏ ସଙ୍କେତ ପ୍ରଦାନ କରିବାରେ ସକ୍ଷମ। ଏହାକୁ ନିରୀକ୍ଷଣ କରି ଉଦ୍ଧାରକାରୀ ଦଳ ବିମାନ ପାଖରେ ସହଜରେ ପହଞ୍ଚି ପାରିଥାନ୍ତି। ସାଧାରଣତଃ ବିମାନର ପଛ ଭାଗରେ 'ବ୍ଲାକ୍ ବକ୍ସ' ରଖାଯାଇଥାଏ। କାରଣ ଦୁର୍ଘଟଣାରେ ଅଧିକାଂଶ ସମୟରେ ବିମାନର ପଛପାର୍ଶ୍ୱ କମ୍ କ୍ଷତିଗ୍ରସ୍ତ ହୋଇଥାଏ। ତେଣୁ 'ବ୍ଲାକ୍ ବକ୍ସ' ପାଇଁ ଏହି ସ୍ଥାନ ସୁରକ୍ଷିତ ବୋଲି ବିବେଚନା କରାଯାଏ। ବିମାନର ଡାଟା ସଂଗ୍ରହ କରିବାକୁ 'କକ୍‌ପିଟ୍ ଭଏସ୍ ରେକର୍ଡର' (ସିଭିଆର୍) ମଧ୍ୟ ସହାୟକ ହୋଇଥାଏ। ଏହା ମଧ୍ୟ 'ବ୍ଲାକ୍ ବକ୍ସ'ର ଏକ ଅଂଶ। ବିମାନ ଉଡ଼ାଣର ଶେଷ ୨ ଘଣ୍ଟାର ସମସ୍ତ ତଥ୍ୟ 'ସିଭିଆର୍' ରେକର୍ଡିଂ କରିଥାଏ। ଏଥିରେ ଇଞ୍ଜିନର ଶବ୍ଦ, ଏମର୍ଜେନ୍ସି ଆଲାର୍ମ, କକ୍‌ପିଟ୍‌ରେ ପାଇଲଟ ଏବଂ କୋ-ପାଇଲଟ୍ ମଧ୍ୟରେ ଚାଲିଥିବା କଥୋପକଥନ ଅନ୍ତର୍ଭୁକ୍ତ।

### ମହାକାଶ ଯାତ୍ରା ...

ଏହା ପୂର୍ବରୁ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) 'ମିଶନ ଗଗନାୟନ'ରେ ଅନ୍ତରୀକ୍ଷକୁ ପ୍ରଥମ ମାନବ ପଠାଇବାକୁ ପ୍ରସ୍ତୁତି ଚଳାଇଛି। ୨୦୧୮ ସ୍ୱାଧୀନତା ଦିବସରେ ଦେଶବାସୀଙ୍କୁ ସମ୍ବୋଧିତ କରିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏ ସମ୍ପର୍କରେ ଘୋଷଣା କରିଥିଲେ। ଜିଏସ୍‌ଏଲ୍‌ଭି-୩ ସହାୟତାରେ ସମ୍ପୂର୍ଣ୍ଣ ଦେଶୀୟ ଜ୍ଞାନ କୌଶଳରେ ନିର୍ମିତ ସ୍ପେସ୍‌କ୍ରାଫ୍ଟ ମହାକାଶକୁ ଯିବ। ଏଥିପାଇଁ ପ୍ରାଥମିକ ଚୟନ ପ୍ରକ୍ରିୟାରେ ୱିଙ୍ଗ କମାଣ୍ଡର ତଥା ଫାଇଟର୍ ପାଇଲଟ୍ ନିଖିଲଙ୍କ ସମେତ ଅନ୍ୟ ୩ଜଣ ପାଇଲଟ୍‌ଙ୍କୁ ମନୋନୀତ କରାଯାଇଥିଲା। ଆବଶ୍ୟକ ତାଲିମ ପାଇଁ ସେମାନଙ୍କୁ ଗତବର୍ଷ ସେପ୍ଟେମ୍ବର ୯ରେ ରୁଷିଆ ପଠାଇଯାଇଥିଲା। ଫେବୃୟାରୀ ୧୦ରୁ ସେମାନଙ୍କର ଟ୍ରେନିଂ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ମହାକାଶର ସମସ୍ତ ପାଣିପାଗ ଓ ଭୂତଳ ମଡ୍ୟୁଲ୍‌ରେ କିପରି ଚଳପ୍ରଚଳ କରିବେ ସେଥିପାଇଁ ତାଲିମ ନେଇଥିଲେ। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଥିବାବେଳେ ଆଗକୁ କିପରି ବାକି ସମସ୍ତ ଟ୍ରେନିଂ ମଡ୍ୟୁଲ ଭଲଭାବେ ଶେଷ ହୋଇପାରିବ ସେଥିପ୍ରତି ଧ୍ୟାନ ଦିଆଯାଉଥିବା ରୁଷିଆନ୍ ସ୍ପେସ୍ କର୍ପୋରେଶନ୍ (ରସ୍‌କୋସ୍‌ମୋସ୍) ପକ୍ଷରୁ କୁହାଯାଇଛି। ତେବେ ଏମାନଙ୍କ ମଧ୍ୟରୁ ୩ଜଣଙ୍କୁ ମହାକାଶକୁ ପଠାଯିବ ଓ ସେମାନେ ସେଠାରେ ୭ଦିନ ରହିବେ।

ନିଖିଲ ହେଉଛନ୍ତି ବଲାଙ୍ଗୀର ସହରର ପ୍ରତିଷ୍ଠିତ ବ୍ୟବସାୟୀ, ରାଜନେତା ତଥା ଆଡ୍‌ଭୋକେଟ ଅଶୋକ ରଥ ଓ ରାଜ୍ୟ ମହିଳା କମିଶନ ସଦସ୍ୟା କୁସୁମ ରଥଙ୍କ ସୁପୁତ୍ର। ସେ ହିନ୍ଦୁ କଲେଜରେ ପଢୁଥିବାବେଳେ ନ୍ୟାଶନାଲ ଡିଫେନ୍ସ ଏକାଡେମୀ (ଏନ୍‌ଡିଏ) ପ୍ରବେଶିକା ପରୀକ୍ଷାରେ ପାସ୍ ହେବାପରେ ସେଠାରେ ନାମ ଲେଖାଇଥିଲେ। ୨୦୦୩ରେ ସେ ସଫଳତାର ସହ ଏନ୍‌ଡିଏରୁ ଉତ୍ତୀର୍ଣ୍ଣ ହୋଇ ଭାରତୀୟ ବାୟୁ ସେନାରେ ଯୋଗ ଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ଚନ୍ଦ୍ରମଙ୍ଗଳ ଯୋଗ ପ୍ରଭାବରୁ ପାରିବାରିକ ସମସ୍ୟାକୁ ସୁଧାରି ନେବାର ପ୍ରଯତ୍ନ କରିବେ। କିନ୍ତୁ ଆବଶ୍ୟକତା ପୂରଣ କରିବା ସକାଶେ ଧାରକରଜ କରିପାରନ୍ତି। ବିଶେଷ ଭ୍ରମଣଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ବନ୍ଧୁମାନଙ୍କ ଗହଣରେ ନୂତନ ସ୍ଥାନ ପରିଦର୍ଶନରେ ଯିବାକୁ ମନ ବଳାଇବେ ।

**ବୃଷ** – ଶୁକ୍ର ଦ୍ୱାଦଶାଧିପଙ୍କ ଦୃଷ୍ଟିରେ ଥିବାରୁ ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ। ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଦଉଡ କରିବାକୁ ପଡିପାରେ। ପୁରାତନ ରୋଗରୁ ପୀଡ଼ା ଅନୁଭବ କରିପାରନ୍ତି। ଶିଳ୍ପ,ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ପାଇଁ ଚେଷ୍ଟିତ ହେବେ।

**ମିଥୁନ** – ଶନିଙ୍କ ନକ୍ଷତ୍ରସ୍ଥ ବୁଧ ଯୋଗୁ ସଂକୋଚବଶତଃ ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ। କର୍ମକ୍ଷେତ୍ରର ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିରତା ରହି ନ ପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ସାମୟିକ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ମକଦ୍ଦମା ବିଚାର ବିଳମ୍ବିତ ହେବାରୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି।

**କର୍କଟ** – କୌଣସି ଅତୀତ ଘଟଣା ବାରମ୍ବାର ଚିନ୍ତାକରି ମାନସିକ ଅଶାନ୍ତି ଅନୁଭବ କରିପାରନ୍ତି। ଅର୍ଥ ସମ୍ପର୍କୀୟ କୌଣସି ଅନୁଚିନ୍ତା ବନ୍ଧୁଙ୍କ ସାହାଯ୍ୟରୁ ଦୂର ହେବ। ଦୀର୍ଘଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ପାରିବାରିକ ପରିସ୍ଥିତି ପୂର୍ବାପେକ୍ଷା ସ୍ୱାଭାବିକ ରହିବ।

**ସିଂହ** – ପରିବାରର ଆବଶ୍ୟକତା ପୂରଣ କରିବାରେ ଅସମର୍ଥତା ପ୍ରକାଶ କରି ଅଶାନ୍ତ ରହିବେ। ଗୁରୁବର୍ଗଙ୍କ ପ୍ରେରଣାରେ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ଶିଳ୍ପ,ବାଣିଜ୍ୟ ଓ ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** – ପାପଯୁକ୍ତ ଚତୁର୍ଥସ୍ଥାନ ଯୋଗୁ ଘରୋଇ ବ୍ୟାପାରକୁ ନେଇ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। କିନ୍ତୁ କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ହେବାରେ କୌଣସି ଅସୁବିଧା ରହିବ ନାହିଁ । ସ୍ୱାର୍ଥର ବଶବର୍ତ୍ତୀ ହୋଇ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି।

**ତୁଳା** – ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। କୌଣସି ଜିନିଷ କ୍ରୟ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡିପାରେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିବାର ସୂଚନା ରହିଛି। କର୍ମକ୍ଷେତ୍ରରେ, ସଭା ସମିତିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା** – ରାଶ୍ୟାଧିପ ଶନିଙ୍କ ଦୃଷ୍ଟିରେ ଥିବାରୁ ସ୍ୱାସ୍ଥ୍ୟ ବିଶେଷ ଭଲ ରହିବନାହିଁ। ହାତକୁ ନେଇଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। ଘରଭଡାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି । ଦୀର୍ଘଦିନରୁ ରହିଯାଇଥିବା ବକେୟା ଅର୍ଥ ପାଇବା ଯୋଗୁଁ ସାମୟିକ ମନ ଖୁସୀ ହୋଇପାରେ।

**ଧନୁ** – ସପ୍ତମ କେନ୍ଦ୍ରରେ ବଳବାନ୍ ରାହୁଥିବାରୁ ପ୍ରତିଦ୍ୱନ୍ଦ୍ୱିତା କିମ୍ବା ବିବାଦରେ ପଶିଲେ ଅପଦସ୍ଥ ହେବେ। ପରିବାରର ଆବଶ୍ୟକତାକୁ ଉପଲକ୍ଷକରି ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ । ଅର୍ଥ ସମ୍ବନ୍ଧିତ କାମ ପାଇଁ ଦିନଟି ଭଲ।


**ମକର** – ମୁଖଭାବରେ ଚନ୍ଦ୍ର ଓ ମଙ୍ଗଳଙ୍କ ସ୍ଥିତି ଯୋଗୁଁ ନିଜର ଲୋକମାନଙ୍କ ତର୍କବିତର୍କ ଲାଗିପାରେ। ଅଧସ୍ତନ କର୍ମଚାରୀମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ । ବ୍ୟବସାୟ ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ।

**କୁମ୍ଭ** – କର୍ମକ୍ଷେତ୍ରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସଭାସମିତିରେ ରୁକ୍ଷ ବ୍ୟବହାର ସହକର୍ମୀଙ୍କ ମନରେ ଆଘାତ ଦେଇପାରେ। ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ** – ରାହୁ ଓ ଶୁକ୍ରଙ୍କ ଚତୁର୍ଥସ୍ଥିତିଜନିତ ପାରିବାରିକ କ୍ଷେତ୍ରରେ କିଛିଟା ଅଭାବ ଓ ଅସୁବିଧା ରହିବ। କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇଯିବେ। ବନ୍ଧୁମାନଙ୍କ ହସ୍ତକ୍ଷେପ ଫଳରେ ପରିସ୍ଥିତିକୁ ସୁଧାରି ନେଇପାରନ୍ତି। ବୃହସ୍ପତିଙ୍କ ଦୁର୍ବଳତା କାରଣରୁ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ।

ଆଜି ଭାଦ୍ରବ କୃଷ୍ଣ ଷଷ୍ଠୀ ରବିବାର, ଖୁଦୁରୁକୁଣୀ ଓଷା ପ୍ରଥମପାଳି, ଅଗଷ୍ଟ ୦୯ ତାରିଖ, ବିଶ୍ୱ ଜନଜାତି ଦିବସ, ଭାରତଛାଡ ଦିବସ, ଅଗଷ୍ଟକ୍ରାନ୍ତି ଦିବସ, ନାଗାସାକି ଦିବସ, ରାଶିନକ୍ଷତ୍ର-ରେବତୀ/ମୀନ, ଧନୁ ରାଶିର ଘାତଚନ୍ଦ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ, ଦିବା ଘ. ୦୬.୧୯ ମି. ଗତେ ଘ.୦୯.୪୪ ମି. ମଧ୍ୟେ, ସନ୍ଧ୍ୟା ଘ.୦୭.୪୫ ମି. ଗତେ ଘ.୦୯.୧୪ ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୦୫.୨୮ ମି. ଗତେ ଘ.୦୬.୧୯ ମି. ମଧ୍ୟେ, ଘ.୦୧.୦୮ ମି. ଗତେ ଘ.୦୧.୫୯ ମି. ମଧ୍ୟେ, ସନ୍ଧ୍ୟା ଘ.୦୭.୦୦ ମି. ଗତେ ଘ.୦୭.୪୫ ମି. ମଧ୍ୟେ, ରାତ୍ରି ଘ.୧୨.୧୪ ମି. ଗତେ ଘ.୦୩.୧୪ ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୪.୩୯ ମି. ଗତେ ଘ.୦୬.୧୫ ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**BRIDE WANTED**

Looking bride for son 31 B.Tech, NIT, Durgapur, MBA Ximb working MNC company, caste no bar 7008986005. D-17917

Khandayat boy 1988 B.Tech, Canara Bank Manager. "VAISNABI". 9337336614 (Whats App). D-69326

**GROOM WANTED**

Girl age 28 B.Tech IIT, BBSR; M.Tech VSSUT, Burla Ph.D NIT Rourkela work in Govt. PSU sector caste no bar, 8144589551. D-17916

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**SALE**

Genuine sthitiban 1850sqft. road side plot sale near Ganghapatna, Bhubaneswar. 8895086603. D-69140

2BHK flat 1400sqft. at Utkal Vatika, Jharpada canal road. 7978645695. D-17877

**Earthquake proof 2BHK flat in Apartment of Avantika near Gokul Kunj Apartment of Rasulgarh GGP Pandra road for immediate sale. Contact: 9938095118, 8763935874 during office hour.** D-68100

Litigation free yellow zone plots at Nuagaon, Malipada near Sum Hospital, DAV School, Bhubaneswar. One time registration, 1700/-psqft. 7735768268. D-69324

Boundary plot sale 2nd Infocity near Chhatabar gated community 2000sqft. 12,00,000/, IIT Argul Rlystation 4000sqft. 8,00,000/-, 8249086912. D-69325

**Gharabari plot at Patia, Raghunathpur Padasahi, Baranga, duplex, flat Raghunathpur, Patia, Nakhara, Balianta, Bhubaneswar. 8917589179.** D-69135

4/5BHK Duplex with Gated Community at Balianta. Construction- 2200 @ 60-65lakhs/ 2600 @ 70-75lakhs. MPlanets: 9938219397/ 9861022055. D-17905

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/- outright. 9348232008, 6371569855. D-69131

**Best location developed Gharabari limited plots infrontof Symphony mall, Hanspal under BDA and BMC- 9040059669.** D-69607

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**PURCHASE**

Gharabari plot with boundary wall at just 1.5km from Nakhara Chhak and adjacent to Synergy College. Immediate registration and possession. Contact: 9439289411. D-69715




Office space (Interior done)1265sqft. on first floor at DLF Cybercity, Bhubaneswar, Patia. Contact: 7978821295, 9337431976. D-17902

**2BHK independent House at Kalinga Nagar, Bhubaneswar (For family only), Preferably Service holder. Mob No- 9437749096.** D-17906

For Office/ Executive residence, 5BR, 1st Floor, Parking, F/23, BJB Nagar, Bhubaneswar. 7008958900, 9937576193. D-69424

500sqft. Asbestosshed with commercial 3-phase line in Prachivihar, Palasuni for godown, small industry. Phone 8374242080, 8919519067. D-38573




Newly open SPA Centre full body massage Bamikhal, Bhubaneswar. 7205187702. D-59955


Newly open SPA centre full body massage, Rasulgarh, Bhubaneswar. 7846814019. D-59956

Newly open full body massage by Lady/ Gents therapists - 8018656899. D-60885

Relaxing body massage by Lady/ Gents therapists - 7008773793. D-60886




ଏବର୍ଷର ଲାଭଉଠାନ୍ତୁ ଏବଂ ଘରେ ରହି course କରନ୍ତୁ। BAMS, BHMS, BUMS, D.Pharma, GNM, WhatsApp. 9893869473 (Agent Excuse). D-69716




Build Income for Life, work from Home has never been so Interesting. Log on to www.odisha.ws. Contact: 9437068052. D-17907

ମାତ୍ର 6999ରେ ନିଜ ଘରେ LED Bulbର ଉଦ୍ୟୋଗ ବସାଇ ଲାଭବାନ୍ ହୁଅନ୍ତୁ। For details, Contact MR Traders- 8117900742, 9337782650. D-17889

## ରାଜକନିକାରେ ପ୍ରତିଷ୍ଠା ହେବ କୋର୍ଟ

କେନ୍ଦ୍ରାପଡ଼ା ଅଫିସ: କେନ୍ଦ୍ରାପଡ଼ା ଜିଲା ରାଜକନିକାଠାରେ ନୂତନ ଜୁନିଅର ଡିଭିଜନ ସିଭିଲ କୋର୍ଟ ତଥା ଜେଏମ୍‌ଏଫ୍‌ସି ଖୋଲା ହେବ। ଏ ନେଇ ଓଡିଶା ଉଚ୍ଚ ନ୍ୟାୟାଳୟର ପ୍ରଶାସନିକ ସ୍ୱତନ୍ତ୍ର ଅଧିକାରୀ ବାସୁଦେବ ଆଚାର୍ଯ୍ୟ ଜିଲା ଜଜ୍‌ଙ୍କୁ ଶୁକ୍ରବାର ଚିଠି (ନଂ.୭୩୫୪) କରିଛନ୍ତି। ଚିଠିରେ କୋର୍ଟର ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଭରସା ହରାଇଛି ପିଏମ୍‌ଜିଏସ୍‌ୱାଇ ରାସ୍ତା

ଯାଜପୁର ଅଫିସ, ୮।୮



ପିଏମ୍‌ଜିଏସ୍‌ୱାଇ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି।

**ଯାଜପୁର ଜିଲା**
- ପଦାରେ ପଡ଼ିଲା ଜିଲା ବିକାଶର ନଗ୍ନ ଚିତ୍ର
- ଏବେ ବି ୧୩୩ ଗ୍ରାମକୁ ସଡ଼କ ନାହିଁ

ମୂଲ୍ୟବାନ ଭୂ-ସମ୍ପଦ ଓ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଯାଜପୁର ଜିଲା ରାଜ୍ୟର ଅନ୍ୟତମ ବିକାଶମୁଖୀ ଜିଲା ଭାବେ ପରିଗଣିତ। ଅଥଚ କୋର୍ ନେଟୱର୍କ ହିସାବରେ ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଜନ ଅଧୀନରେ ଥିବା ୧୩୩ଟି ଗ୍ରାମକୁ ଅଦ୍ୟାବଧି ସଡ଼କ ସଂଯୋଗ ନ ହେବା ଜିଲା ବିକାଶର ଏକ ନଗ୍ନ ଚିତ୍ରକୁ ପଦାରେ ପକାଇଛି। ୨୦୧୯ ଜୁଲାଇରେ ବିଧାନସଭା ପ୍ରଶ୍ନର ଏକ ଉତ୍ତରରୁ ଏହା ସ୍ପଷ୍ଟ ହୋଇଥିବା ବେଳେ ଏ ଯାଏ ସେହି ଗ୍ରାମଗୁଡ଼ିକୁ ରାସ୍ତା ସଂଯୋଗ ହୋଇ ନ ଥିବା ବିଡ଼ମ୍ବନା ବୋଲି ମତପ୍ରକାଶ ପାଇଛି। ଏହାବାଦ ଜିଲାରେ ନିର୍ମାଣାଧୀନ ଏକାଧିକ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ରାସ୍ତା ଲୋକଙ୍କ ଭରସା ହରାଉଥିବା ମତପ୍ରକାଶ ପାଇଛି।

ବିଧାୟକ ମୋହନଚରଣ ମାଝିଙ୍କ ଦ୍ୱାରା ଉତ୍ଥାପିତ ପ୍ରଶ୍ନ ସଂଖ୍ୟା ୧୯୬(ତାରକା ଚିହ୍ନିତ)ର ଉତ୍ତରରେ ଯାଜପୁର ଗ୍ରାମ୍ୟ ନିର୍ମାଣ ବିଭାଜନର ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ମହାରଣା ଉତ୍ତର ରଖିଥିଲେ ଯେ, କୋର୍ ନେଟ୍‌ୱର୍କ ହିସାବରେ ୧୩୩ଟି ଗ୍ରାମକୁ ଅଦ୍ୟାବଧି ସଡକ ସଂଯୋଗ କରିବା ପାଇଁ ବାକି ଅଛି। ଅସଂଯୋଜିତ ଗ୍ରାମକୁ ୨୦୧୯-୨୦ ସୁଦ୍ଧା ସଂଯୋଗୀକରଣ କରାଯିବାର ଯୋଜନା ରହିଛି ଓ ଏଥିପାଇଁ ୪୮୮୨.୭୦ ଲକ୍ଷ ଟଙ୍କା ଆବଶ୍ୟକ ହେବାର ଯୋଜନା ଅଛି ବୋଲି ଉତ୍ତରରେ ଦର୍ଶାଯାଇଥିଲା। ଅନ୍ୟପକ୍ଷେ ଏହି ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ପ୍ରସଙ୍ଗ ବିଧାନସଭା ପ୍ରଶ୍ନ ଓ ଉତ୍ତରରେ ସୀମିତ ରହିଯାଇଥିବା ଭଳି ମନେହେଉଛି। ଏହି ଘଟଣାକୁ ୧ ବର୍ଷରୁ ଅଧିକ ଅତିକ୍ରାନ୍ତ ହୋଇସାରିଛି। କିନ୍ତୁ ୧୩୩ ଟି ଗ୍ରାମ ମଧ୍ୟରୁ ଗୋଟିଏ ଗ୍ରାମକୁ ମଧ୍ୟ ରାସ୍ତା ସଂଯୋଗ ହୋଇ ନ ଥିବା କୁହାଯାଇଛି। ଅନ୍ୟପକ୍ଷେ ବିଭିନ୍ନ ଗ୍ରାମକୁ ପିଏମ୍‌ଜିଏସ୍‌ୱାଇ, ଏମ୍‌ଏମ୍‌ଜିଏସ୍‌ୱାଇ (ମୁଖ୍ୟମନ୍ତ୍ରୀ ଗ୍ରାମ ସଡକ ଯୋଜନା) ଆଦିରେ ଶତାଧିକ ରାସ୍ତା ନିର୍ମାଣ ହେଉଛି। କିନ୍ତୁ ଠିକାଦାରି ରାଜନୀତି ଯୋଗୁ ରାସ୍ତା କାର୍ଯ୍ୟ ଠିକ୍ ସମୟରେ ଶେଷ ହେଉ ନ ଥିବାବେଳେ କେତେକ ରାସ୍ତା ବର୍ଷେ ନ ପୂରୁଣୁ ନଷ୍ଟ ହେଉଥିବାର ନଜିର ରହିଛି। ଏଠାରେ କେତେକ ପିଏମ୍‌ଜିଏସ୍‌ୱାଇ ରାସ୍ତାକୁ ଉଦାହରଣ ଭାବେ ନିଆଯାଇପାରେ। କୋରେଇ ବ୍ଲକ ମୂଳାପାଳ ପଞ୍ଚାୟତ କ୍ଷୀରୋ ଗ୍ରାମକୁ ସଂଯୋଗ କରିଥିବା ପିଏମ୍‌ଜିଏସ୍‌ୱାଇ ରାସ୍ତା ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଅସମ୍ପୂର୍ଣ୍ଣ ରହିଛି। ୪ କି.ମି. ଦୈର୍ଘ୍ୟ ବିଶିଷ୍ଟ ଏହି ରାସ୍ତା କାର୍ଯ୍ୟକୁ ୨୦୧୮-୧୯ ବର୍ଷରେ ଗଦାଧର ନାୟକ ଆରମ୍ଭ କରିଥିଲେ। ଏହାକୁ ୧୯।୫।୨୦୧୯ ତାରିଖ ସୁଦ୍ଧା ଶେଷ କରିବା କଥା। କିନ୍ତୁ ତାହା ଏ ଯାଏ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏହି କାର୍ଯ୍ୟକୁ ସମ୍ପନ୍ନ ନ କରି ଠିକାଦାର ସମ୍ପୂର୍ଣ୍ଣ ବିଲ୍ ଉଠାଇ ଫେରାର ହୋଇଯାଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ସେହିପରି ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଅଧୀନ ଗରବନ୍ଧ ପିଏମ୍‌ଜିଏସ୍‌ୱାଇ ରାସ୍ତା ଅତି ଶୋଚନୀୟ ହୋଇପଡିଛି। ଏହି ରାସ୍ତାଟି ବାତ୍ୟାପ୍ରବଣ ଅଞ୍ଚଳରେ ଯାଉଛି। ତେଣୁ ଏହାର ମରାମତି କରିବାକୁ ଅଞ୍ଚଳବାସୀ ଦୀର୍ଘଦିନ ହେଲା ଦାବି କରିଆସୁଛନ୍ତି। କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ସେହିପରି ଏନ୍‌ଏଚ୍-୧୬ର ଏସ୍‌ପି ଅଫିସଠାରୁ ମସୁଦପୁର, ସାହାପୁର, ତେଲିଆ, ଅଲଟିରି, ମଣିପୁର ନଦୀବନ୍ଧ ରାସ୍ତା ନିର୍ମାଣ କାର୍ଯ୍ୟ ପିଏମ୍‌ଜିଏସ୍‌ୱାଇରେ ଆରମ୍ଭ ହୋଇଛି। ଠିକାଦାର ରାଜେଶ ମହାନ୍ତିଙ୍କୁ ଏହି କାର୍ଯ୍ୟାଦେଶ ଦିଆଯାଇଛି। ୨୮।୬।୨୦୨୦ ତାରିଖ ସୁଦ୍ଧା ଏହି ରାସ୍ତା କାର୍ଯ୍ୟ ଶେଷ ହେବା କଥା। କିନ୍ତୁ ରାସ୍ତାର କେତେକ ଅଂଶ ଏଯାଏ ଆରମ୍ଭ ହୋଇପାରିନାହିଁ। ନିମ୍ନମାନର କାର୍ଯ୍ୟ ସାଙ୍ଗକୁ ଉନ୍ନତମାନର ନିର୍ମାଣ ସାମଗ୍ରୀ ବ୍ୟବହାର ହେଉ ନ ଥିବାରୁ ଏହି ରାସ୍ତାଗୁଡିକ ଦୀର୍ଘସ୍ଥାୟୀ ହେବା ନେଇ ସେଠାକାର ଗ୍ରାମବାସୀ ସନ୍ଦେହ ପ୍ରକଟ କରିଛନ୍ତି। ଏ ସଂକ୍ରାନ୍ତରେ ଗ୍ରାମ ନିର୍ମାଣ ଡିଭିଜନ ଯାଜପୁର-୧ର ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ମହାରଣା କହିଛନ୍ତି ଯେ, କ୍ଷୀରୋ ରାସ୍ତା କାର୍ଯ୍ୟର ୧୦୦ ମିଟର ଓ ସାହାପୁର ନଦୀବନ୍ଧ ରାସ୍ତା କାର୍ଯ୍ୟ ଜମି ବିବାଦ ଯୋଗୁ ସମ୍ପନ୍ନ ହୋଇପାରିନାହିଁ। ପିଡବ୍ଲ୍ୟୁଡି ରାସ୍ତାରୁ ଗରବନ୍ଧ ରାସ୍ତା କାର୍ଯ୍ୟର ମରାମତି ଫନୀ ନଷ୍ଟ ରାସ୍ତା (ଫନୀ ଡାମେଜ) ଅଧୀନରେ ନିର୍ମାଣ କରାଯିବ। ୧ କି.ମି. ରାସ୍ତାକୁ ମରାମତି ପାଇଁ ୧୨ଲକ୍ଷ ଟଙ୍କା ଅଟକଳ ହୋଇଛି। ଏହା ମଞ୍ଜୁର ହେବା ପରେ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହେବ।

## ୧୪ କରୋନା ପଜିଟିଭ୍ ଚିହ୍ନଟ

ଜଗତ୍‌ସିଂହପୁର ଅଫିସ, ୮।୮

ଜଗତ୍‌ସିଂହପୁର ଜିଲାରେ ୧୪ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୮୪୫ରେ ପହଞ୍ଚିଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ନୂଆ ୧୪ ପଜିଟିଭ୍‌ଙ୍କ ମଧ୍ୟରେ ପାରାଦୀପରୁ ୫ ଚିହ୍ନଟ ହୋଇଥିବା ବେଳେ ଜଗତ୍‌ସିଂହପୁର ବ୍ଲକ ଓ ତିର୍ତ୍ତୋଲରୁ ୨ ଲେଖାଏ ରହିଛନ୍ତି। ସେହିପରି ଜଗତ୍‌ସିଂହପୁର ପୌରପରିଷଦ, କୁଜଙ୍ଗ, ବିରିଡ଼ି, ନାଉଗାଁ ଓ ବାଲିକୁଦା ବ୍ଲକରୁ ଜଣେ ଲେଖାଏ ସଂକ୍ରମିତ ହୋଇଛନ୍ତି। ପାରାଦୀପର ୫ ଜଣଙ୍କ ମଧ୍ୟରୁ ପଶ୍ଚିମବଙ୍ଗରୁ ୨ ଓ ଆସାମରୁ ଜଣେ ରହିଛନ୍ତି। ଆଉ ଜଣେ ଗଞ୍ଜାମରୁ ଫେରି ପଜିଟିଭ ହୋଇଥିବା ବେଳେ ପୂର୍ବରୁ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ଅନ୍ୟ ଜଣେ ସଂକ୍ରମିତ ହୋଇଛନ୍ତି। ଜଗତ୍‌ସିଂହପୁର ବ୍ଲକର ୨ ଆକ୍ରାନ୍ତଙ୍କ ମଧ୍ୟରୁ ପଞ୍ଜାବରୁ ଜଣେ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟ ଆଇସୋଲେଶନ୍ ୱାର୍ଡରୁ ଜଣେ ସଂକ୍ରମିତ ହୋଇଛନ୍ତି। ଏହାଛଡ଼ା ଜଗତ୍‌ସିଂହପୁର ପୌର ପରିଷଦର ଜଣେ ଗର୍ଭବତୀ ପଜିଟିଭ ହୋଇଥିବା ସୂଚନା ମିଳିଛି। ତିର୍ତ୍ତୋଲର ୨ ଜଣ ଭୁବନେଶ୍ୱରରେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କୁଜଙ୍ଗ,ବିରିଡ଼ି ଓ ବାଲିକୁଦା ଆକ୍ରାନ୍ତ ଜଣେ ଲେଖାଏ ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ନାଉଗାଁ ସଂକ୍ରମିତ ଭୁବନେଶ୍ୱର ଏମ୍‌ସ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ସଂକ୍ରମିତ ହୋଇଛନ୍ତି।

## ସଂକ୍ଷେପରେ

### ଗ୍ୟାସ୍ ଟାଙ୍କି ଫାଟି ଅଗ୍ନିକାଣ୍ଡ: ୩ ଗୁରୁତର

**କେନ୍ଦ୍ରାପଡ଼ା ଅଫିସ, ୮।୮:** କେନ୍ଦ୍ରାପଡ଼ା ତହସିଲ ଧୂମାତ ଗ୍ରାମର ରାମଚନ୍ଦ୍ର ନାୟକଙ୍କ ଘରେ ଶନିବାର ଗ୍ୟାସ୍ ଟାଙ୍କି ଫାଟି ଅଗ୍ନିକାଣ୍ଡ ଘଟିବାରୁ ପରିବାରର ୪ ସଦସ୍ୟ ଆହତ ହୋଇଛନ୍ତି। ଏହି ନିଆଁରେ ଘର ସହ ଘର ନିର୍ମାଣ ପାଇଁ ଥିବା ୫୦ ହଜାର ଟଙ୍କା ଜଳିଯାଇଛି। ୪ ଆହତଙ୍କ ମଧ୍ୟରୁ ରାମଚନ୍ଦ୍ର (୫୦), ସ୍ତ୍ରୀ ସସ୍ମିତା (୪୫), ଝିଅ ବର୍ଷା (୨) ଗୁରୁତର ଥିବାରୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି। ସକାଳେ ଚା କରିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଏ ସମ୍ପର୍କରେ ଖବର ପାଇ ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ରେଡକ୍ରସ୍ ପକ୍ଷରୁ ୫ ହଜାର ଟଙ୍କା ଅତିରିକ୍ତ ତହସିଲଦାର ନମିତା ବାରିକ ପରିବାର ସଦସ୍ୟଙ୍କୁ ପ୍ରଦାନ କରିଛନ୍ତି। ସରପଞ୍ଚ ନରହରି ପାଣି ତୁରନ୍ତ ଏହି ଅଗ୍ନିବିପନ୍ନ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇଦେବା ପାଇଁ ଦାବି କରିଛନ୍ତି।

### କୂଅରେ ପଡ଼ି ନାବାଳିକାଙ୍କ ମୃତ୍ୟୁ

**ଧର୍ମଶାଳା,୮।୮( ଡି.ଏନ.ଏ.):** ଧର୍ମଶାଳା ବ୍ଲକ ନିକଟ ଗ୍ରାମରେ ଶନିବାର କୂଅରେ ପଡି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚୌଦ୍ୱାର ଥାନା ଗୋଡ଼ିପାଟଣା ଗାଁର ଶୁକଦେବ ଜେନାଙ୍କ ଝିଅ ନିହାରିକା(୧୫)। କିଛି ଦିନ ହେବ ନିହାରିକା ତାଙ୍କ ଭଉଣୀ ଘରକୁ ବୁଲି ଆସିଥିଲେ। ସକାଳୁ କୂଅରୁ ପାଣି କାଢୁଥିବା ବେଳେ ଅସାବଧାନତାବଶତଃ କୂଅକୁ ଖସିପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଧର୍ମଶାଳା ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

**ଚଢେଇଧରା,୮।୮(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ୫୩ ନଂ ଜାତୀୟ ରାଜପଥର ରାଣୀବନ୍ଧ ପୋଲ ନିକଟରୁ ଶନିବାର ଭୋର ସମୟରେ ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ଜେନାପୁର ଥନାକୁ ଖବର ଦେଇଥିଲେ। ଖବରପାଇ ଜେନାପୁର ଥାନାଅଧିକାରୀ ସୁଶାନ୍ତ କୁମାର ଦାସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବଡ଼ଚଣା ପଠାଇଥିଲେ। ମୃତ ଯୁବକ ସ୍ଥାନୀୟ ମଧୁପୁରଗଡ଼ ପଞ୍ଚାୟତ ଚଢେଇଧରା ଗ୍ରାମର ଯଦୁ ପ୍ରଧାନ ବୋଲି ଜଣାପଡିଛି। ସେ ଦୁଇଦିନ ହେବ ନିଖୋଜ ଥିଲେ। ଭାଇ ରଙ୍ଗାଧରଙ୍କ କହିବା ଅନୁସାରେ, ଯଦୁ ଶୌଚ ହେବାକୁ ଯାଇ ପାଣିରେ ପଡ଼ି ମୃତ୍ୟୁବରଣ କରିଥାଇ ପାରନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ-୮/୨୦)ରୁଜୁ ହୋଇଛି।

### ଜଳାଶୟ ମଧ୍ୟ ଦେଇ ପାଇପ୍ ବିଛାକୁ ବିରୋଧ

**ଆଲି, ୮।୮(ଡି.ଏନ.ଏ.):** ଇଣ୍ଡିଆନ ଅଏଲ କର୍ପୋରେଶନ ପକ୍ଷରୁ ଆଲି ବ୍ଲକ ସିଙ୍ଗିରି ପଞ୍ଚାୟତର ଏକ ଜଳାଶୟ ମଧ୍ୟ ଦେଇ ତେଲ ପାଇପ ବିଛାଯାଉଛି। ଏହାକୁ ସ୍ଥାନୀୟ ସରପଞ୍ଚ ପୁଷ୍ପଲତା ଦାସ ବିରୋଧ କରିଛନ୍ତି। ସେ ଏ ନେଇ ଜିଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ ସହିତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସରପଞ୍ଚ ଦାସ କହିଛନ୍ତି, ଇଣ୍ଡିଆନ ଅଏଲ କର୍ପୋରେଶନ ପକ୍ଷରୁ ପାରାଦୀପ-ହଳଦିଆ ପାଇପ୍ ଲାଇନ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ତେବେ ଜଳାଶୟ ମଧ୍ୟ ଦେଇ ପାଇପ୍‌ବିଛା ସମ୍ପର୍କରେ ପୂର୍ବରୁ କୌଣସି ସୂଚନା ଦିଆଯାଇ ନାହିଁ। ଅନ୍ୟପକ୍ଷରେ ପଞ୍ଚାୟତ ଅଧୀନ ମହାସାହାଣୀ ଗ୍ରାମର ଠାକୁରମା ପୋଖରୀ ପୁନରୁଦ୍ଧାର ପାଇଁ ଚଳିତ ଆର୍ଥିକବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୯ ଲକ୍ଷ ୬୦ ହଜାର ଟଙ୍କାର ପ୍ରକଳ୍ପ ଆରମ୍ଭ ହୋଇଛି। ଏହି ଜଳାଶୟ ମଧ୍ୟଦେଇ ପାଇପ୍ ବିଛାଗଲେ ପୁନରୁଦ୍ଧାର ସମ୍ଭବ ନୁହେଁ। ଫଳରେ ଗ୍ରାମବାସୀ ପୋଖରୀରୁ ସୁଫଳ ପାଇବେ ନାହିଁ। କେନ୍ଦ୍ର ସରକାରଙ୍କ ଜଳ ଶକ୍ତି ଅଭିଯାନ ଏଠାରେ ଫେଲ୍ ମାରିବ। ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି ହେବାରୁ ଏ ନେଇ ଅଭିଯୋଗପତ୍ର ଦିଆଯାଇଛି। ଏ ସମ୍ପର୍କରେ ଆଇଓସିଏଲର କମ୍ପିଟେଣ୍ଟ ଅଥରିଟି କାର୍ଯ୍ୟାଳୟରୁ ସୂଚନା ଦିଆଯାଇଛି ଯେ, ଏହି ପାଇପ ବିଛାରେ ବୈଷୟିକ ଜ୍ଞାନକୌଶଳ ବ୍ୟବହାର ହେଉଛି। ଜଳସ୍ତରଠାରୁ ୨୫ ଫୁଟ ତଳେ ପାଇପ ଯାଉଥିବାରୁ ସାଧାରଣ ଲୋକଙ୍କର ଅସୁବିଧା ହେବ ନାହିଁ। ପୋଖରୀର ପୁନରୁଦ୍ଧାର ହୋଇପାରିବ।

## ସହାୟତା ମିଳୁ ନ ଥିବାରୁ ଅସନ୍ତୋଷ

ରସୁଲପୁର,୮।୮(ଡି.ଏନ.ଏ.)

**ଜାତୀୟ ହସ୍ତତନ୍ତ ବୁଣାକାର ଦିବସ**

ରସୁଲପୁର ବ୍ଲକ ଅଧୀନ ପ୍ରଥମାଖଣ୍ଡି ପଞ୍ଚାୟତର ବୁଣାକାର ଗାଁ ଗୋପାଳପୁରରେ ଶୁକ୍ରବାର ୬ଷ୍ଠ ଜାତୀୟ ହସ୍ତତନ୍ତ ବୁଣାକାର ଦିବସ ପାଳନ କରାଯାଇଛି। ଏହି ଦିବସ ଜରିଆରେ ବୁଣାକାରମାନେ ସେମାନଙ୍କ ଦୁଃଖ ବଖାଣିଥିଲେ। ସେମାନଙ୍କୁ ସରକାରୀ ସହାୟତା ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହିତ ସରକାର ସହାୟତା ଯୋଗାଇ ଦେବାକୁ ନିବେଦନ କରିଥିଲେ। ସହାୟତା ନ ମିଳିଲେ ତନ୍ତଶାଳାରେ ତାଲା ଝୁଲିବ ବୋଲି ଚେତାବନୀ ଦେଇଥିଲେ। ଶ୍ରୀବିଷ୍ଣୁ ତନ୍ତୁବାୟ ସମିତି ସଭାପତି ରମେଶ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ସରପଞ୍ଚ ଚିନ୍ତାମଣି ସୁର, ସମ୍ମାନିତ ଅତିଥି ଖବରଦାତା ରଞ୍ଜିତ ରାଉତ, ଜଗମୋହନ ରାଉତ, ପୂର୍ବତନ ସରପଞ୍ଚ ଶିବପ୍ରସାଦ ଗୁଇଁ, ସମବାୟ ନେତା ମୁକୁନ୍ଦଦେବ ମହାନ୍ତି, ଯୁବନେତା ନିରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ବୁଣାକାର ପରିବାର ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ବୁଣାକାର ପରିବାରକୁ ଫନୀ ସହାୟତା, ବର୍ଷିଆନମାନଙ୍କ ଭତ୍ତାରାଶି ବୃଦ୍ଧି କରିବା ଦିଗରେ ସରକାର ପଦକ୍ଷେପ ନେବା ଆବଶ୍ୟକ ବୋଲି ମତ ରଖିଥିଲେ। ଏହି ଅବସରରେ କଞ୍ଚାମାଲ ଯୋଗାଇଥିବା ବୟନିକାକୁ ବୁଣାକାର ସମିତି ପକ୍ଷରୁ କୃତଜ୍ଞତା ଜଣାଯାଇଛି। ହେଲେ ବୁଣା ହୋଇଥିବା ବସ୍ତ୍ର ବିକ୍ରି ହୋଇପାରୁ ନ ଥିବାରୁ ବୁଣାକାର ପରିବାରର ଭାତହାଣ୍ଡି ପ୍ରଭାବିତ ହୋଇଛି।

ସୂଚନାଯୋଗ୍ୟ, ଏହି ଗାଁର ୧୦୦୦ରୁ ଊର୍ଦ୍ଧ୍ୱ ବୁଣାକାର ପରିବାର ତନ୍ତରେ ଲୁଗା ବୁଣି ଚଳନ୍ତି। ତେବେ ଫନୀ ବାତ୍ୟାରେ ବହୁ ବୁଣାକରଙ୍କ ବୃତ୍ତି ପ୍ରଭାବିତ ହୋଇଥିଲା। ସରକାରୀ ଭାବେ ସେମାନଙ୍କ କ୍ଷୟକ୍ଷତି ଆକଳନ ହେଲା। ହେଲେ ସହାୟତା ମିଳିଲାନି। ଏବେ କରୋନା ଆସିଲା। ବିଭିନ୍ନ ବର୍ଗର ଲୋକଙ୍କୁ ସରକାର ସହୟତାର ହାତ ବଢାଇଲେ। ହେଲେ ବୁଣାକାରଙ୍କୁ ଭୁଲିଗଲେ। ତଥାପି ସରକାରଙ୍କ ପାତରଅନ୍ତର ନୀତିକୁ ମୁଣ୍ଡପାତି ସହିଲେ। ମାତ୍ର ସରକାରଙ୍କ ଉପରୁ ଭରଷା ତୁଟାଇ ନ ଥିଲେ। ସବୁ ପରେ ସେମାନେ ହସ୍ତତନ୍ତ ବୁଣାକାର ଦିବସକୁ ଅପେକ୍ଷା କରିଥିଲେ। ଏହି ଦିନରେ ସରକାର ନିହାତି ପ୍ୟାକେଜ ଘୋଷଣା କରିବେ ବୋଲି ଆଶା ବାନ୍ଧିଥିଲେ। ହେଲେ ସେପରି କିଛି ହେଲାନି। ତେଣୁ ହତୋତ୍ସାହିତ ହୋଇ ବୁଣାକାରମାନେ ଏକଜୁଟ ହୋଇଥିଲେ। କୌଳିକ ବୃତ୍ତି ସଂକଟ ମଧ୍ୟକୁ ଠେଲି ହୋଇଯାଉଛି। ଏହାକୁ ଆଦରି ସଂସାର ଚଳାଇ ହେବ ନାହିଁ। ଏବେ କାମଧନ୍ଦା ଅନ୍ୱେଷଣରେ ଗାଁ ଛାଡିବେ ବୋଲି କ୍ଷୋଭର ସହ ବୁଣାକାରନେତା ବସନ୍ତ ଦାସ, ଶରତ ଦାସଙ୍କ ସମେତ ବହୁ ବୁଣାକାର ମତ ରଖିଛନ୍ତି।

## ବ୍ରାହ୍ମଣୀ ନଦୀରେ ପ୍ରଥମ ବନ୍ୟାଜଳ

### ମୁକାବିଲା ନେଇ ପ୍ରଶାସନର ପ୍ରସ୍ତୁତି

ଧର୍ମଶାଳା,୮।୮( ଡି.ଏନ.ଏ.)

ବ୍ରାହ୍ମଣୀ ନଦୀର ଉପରମୁଣ୍ଡରେ ଲଘୁଚାପ ଜନିତ ବର୍ଷା ହେବା ଫଳରେ ନଦୀରେ ପ୍ରଥମ ବନ୍ୟା ଜଳ ପ୍ରବେଶ କରିଛି। ତେବେ ବନ୍ୟା ଅଶଙ୍କା ଥିବାରୁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ଜେନାପୁର ନିକଟରେ ବନ୍ୟାପାଣି ୬୧.୫୦ରେ ଶୁକ୍ରବାର ପ୍ରବାହିତ ହୋଇଥିବାବେଳେ ଶନିବାର ହ୍ରାସ ପାଉଛି। ଏହି ବନ୍ୟା ଯୋଗୁ ବ୍ରାହ୍ମଣୀ ନଦୀ କୂଳ ଅଞ୍ଚଳରେ କେତେକ ଚାଷ ଜମିରେ ପାଣି ପଶିଥିବାବେଳେ ବରୀ ଅଞ୍ଚଳର ଅନେକ ଚାଷଜମିରେ ପାଣି ମାଡ଼ିଯାଇଛି। ପାଣିପାଗ ବିଭାଗ ପକ୍ଷରୁ ଆଉ ଏକ ଲଘୁଚାପ ୯ ତାରିଖରେ ହେବା ଘୋଷଣା କରାଯାଇଥିବାରୁ ବ୍ରାହ୍ମଣୀ ନଦୀରେ ବନ୍ୟା ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ। ଏହି ଡିଭିଜନ ଅଧୀନରେ ୧୩୨୫.୯୦ କିଲୋମିଟର ନଦୀବନ୍ଧ ଥିବାବେଳେ ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ୧ ଲକ୍ଷ ୨ ହଜାର ଖାଲି ସିମେଣ୍ଟ ବସ୍ତା, ୧୩୯୦ ସି.ଏମ୍ ବାଲି ଓ ତଳେଇ ୫୦୦ ବିଭିନ୍ନ ନଦୀବନ୍ଧରେ ଜାରକା ଜଳସେଚନ ବିଭାଗ ପକ୍ଷରୁ ଗଚ୍ଛିତ ରଖାଯାଇଛି ବୋଲି ନିର୍ବାହୀ ଯନ୍ତ୍ରୀ ଇଂ. ଧନେଶ୍ୱର ସାମଲ ସୂଚନା ଦେଇଛନ୍ତି।

## କ୍ଷେତ୍ର ପରିଦର୍ଶନ କଲେ ନାବାର୍ଡର ଉଚ୍ଚସ୍ତରୀୟ କମିଟି



କମିଟି ସଦସ୍ୟ ସେତୁ ନକ୍ସା ଦେଖୁଛନ୍ତି।

**ବିରଜାକ୍ଷେତ୍ର-ତୁଳସୀକ୍ଷେତ୍ର ସଂଯୋଗୀକରଣ ସେତୁ ପାଇଁ ଜମି ଅଧିଗ୍ରହଣ**

ବରୀ,୮।୮(ଡି.ଏନ.ଏ.)

ବରୀ ବ୍ଲକ ଅଧୀନ କଳାମାଟିଆ ପଞ୍ଚାୟତର କାଇପଡ଼ା ଗୋଲାହାଟଠାରେ ୩୩ କୋଟି ଟଙ୍କା ବ୍ୟୟ ଅଟକଳରେ ବିରଜାକ୍ଷେତ୍ର ଓ ତୁଳସୀକ୍ଷେତ୍ରକୁ ସଂଯୋଗୀକରଣ ସେତୁ ନିର୍ମାଣ ହେବ। ଏଥିପାଇଁ ଜୁଲାଇ ୧୫ରୁ ଜମି ଅଧିଗ୍ରହଣ ଆରମ୍ଭ ହୋଇଛି। ଏହିକ୍ରମରେ ଶନିବାର ନାବାର୍ଡର ଉଚ୍ଚସ୍ତରୀୟ କମିଟି ଆସି କ୍ଷେତ୍ର ପରିଦର୍ଶନ କରିଛନ୍ତି। ଗସ୍ତ ସମୟରେ ପରାମର୍ଶଦାତା ପ୍ରଦୀପ ସାହୁ, ନାବାର୍ଡ ଡିଜିଏମ, ପୂର୍ତ୍ତ ବିଭାଗ ପାଣିକୋଇଲିର ନିର୍ବାହୀ ଯନ୍ତ୍ରୀ ଅରୁଣ ପଟ୍ଟନାୟକ, ଯନ୍ତ୍ରୀ ରାଜ କିଶୋର ସାହୁ ଓ ସହକାରୀ ଯନ୍ତ୍ରୀ ଅଲେଖ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପରେ ଏହି କମିଟି ସଦସ୍ୟ ଗୋପାଳପୁର ଡାକବଙ୍ଗଳାରେ ବରୀ ବିଧାୟିକା ସୁନନ୍ଦା ଦାସଙ୍କ ସହ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ।

## ୨ ପଞ୍ଚାୟତରେ ଇ-ଅଫିସ କାର୍ଯ୍ୟ

ତିର୍ତ୍ତୋଲ,୮।୮ (ଡି.ଏନ.ଏ.)



ଇ-ଅଫିସ ଶୁଭାରମ୍ଭ ଅବସରରେ ତରଜଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଓ ଅନ୍ୟମାନେ।

ତିର୍ତ୍ତୋଲ ବ୍ଲକର ୨ ପଞ୍ଚାୟତରେ ଶନିବାର ଇ-ଅଫିସ କାର୍ଯ୍ୟ ଶୁଭାରମ୍ଭ ହୋଇଛି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ତରଜଙ୍ଗା ଓ ତିର୍ତ୍ତୋଲ ପଞ୍ଚାୟତରେ ଫିତାକାଟି ଏହି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁଜାତା ମହାନ୍ତି, ବିଡିଓ ଅଟଳବିହାରୀ ସ୍ୱାଇଁ, ଅତିରିକ୍ତ ବିଡିଓ ସତ୍ୟଜିତ ସ୍ୱାଇଁ, ଏସ୍‌ଇଓ ବିଜୟ ପାତ୍ର ଓ ସରପଞ୍ଚ ବସନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଚାଷୀଙ୍କୁ ଆଶ୍ୱସ୍ତ କଲା ଲଘୁଚାପ ବର୍ଷା

କୁଜଙ୍ଗ,୮।୮(ଡି.ଏନ.ଏ.)

ମଙ୍ଗଳବାରଠାରୁ ରାଜ୍ୟରେ ଲଘୁଚାପ ଜନିତ ବର୍ଷା ହେବାରୁ ଚାଷୀକୁଳ ଆଶ୍ୱସ୍ତ ହୋଇଛନ୍ତି। ମାତ୍ର ସରକାର ଯୋଗାଇଥିବା ବିହନ ନିମ୍ନମାନର ହୋଇଥିବାରୁ ପ୍ରଚଣ୍ଡ ଖରାରେ ତଳିସବୁ ରୁଗ୍ଣ ହୋଇ ଯାଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଫଳରେ ତଳିସବୁ ପାଣିରେ ବୁଡିରହି ନଷ୍ଟ ହେବାକୁ ଯାଉଛି। ଅନ୍ୟପକ୍ଷରେ ବର୍ଷାଯୋଗୁ ଖାଲୁଆ ଜମି ବୁଡି ରହିଥିବାରୁ ଚାଷୀ ଛୋଟ ତଳିପାଇଁ ରୁଆକାର୍ଯ୍ୟ କରିପାରୁ ନାହାନ୍ତି।

## ଗୋମାଂସ ବୋଝେଇ କଣ୍ଟେନର ଜବତ

ଜେନାପୁର,୮।୮(ଡି.ଏନ.ଏ.)

ଜେନାପୁର ଥାନା ଚଣ୍ଡିଖୋଲ-ଡୁବୁରୀ ୫୩ ନଂ ଜାତୀୟ ରାଜପଥର ବଳରାମପୁର ଛକ ନିକଟ ପେଟ୍ରୋଲ ପମ୍ପଠାରେ ଶନିବାର ଏକ ଗୋମାଂସ ବୋଝେଇ କଣ୍ଟେନରକୁ ଜବତ କରାଯାଇଛି। ରାଷ୍ଟ୍ର ବଜରଙ୍ଗ ଦଳ କର୍ମକର୍ତ୍ତା କଣ୍ଟେନରକୁ ଅଟକ ରଖି ପୋଲିସ ଜିମାରେ ଦେଇଥିଲେ। ଏହି ମାଂସ ବୋଝେଇ କଣ୍ଟେନର କୋଲକାତାରୁ- ଆନ୍ଧ୍ର ଯାଉଥିଲା। ବଜରଙ୍ଗୀ ସେନା ଜାଣି ପାରି କଣ୍ଟେନର ପିଛା କରିଥିଲେ। ଚାଳକ ଏହା ଜାଣି ପାରି ଗାଡ଼ିକୁ ଡୁବୁରୀ ମୁଖେ ନେଇଯାଉଥିଲେ। ସେନାର ଅନୀଲ ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ପେଟ୍ରୋଲ ପମ୍ପଠାରେ କଣ୍ଟେନରକୁ ଅଟକାଇଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଜେନାପୁର ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଲୋକଙ୍କ ଉପସ୍ଥିତିରେ କଣ୍ଟେନରରେ ଥିବା ଗୋମାଂସ ଥିବା ଦେଖିବାକୁ ପାଇଥିଲେ। ତେଣୁ କଣ୍ଟେନରକୁ ଜବତ କରିଥିଲେ ଓ ଚାଳକଙ୍କ ସମେତ ଦୁଇ ସହଯୋଗୀଙ୍କୁ ଗିରଫ କରିଥିଲେ। ଜବତ କଣ୍ଟେନରକୁ ଚଢ଼େଇଧରା ଫାଣ୍ଡିରେ ରଖାଯାଇ ତଦନ୍ତ କରାଯାଉଥିବା ଥାନାଧିକାରୀ ଦାସ ସୂଚନା ଦେଇଛନ୍ତି।



ପୋଲିସ ଜବତ କରିଥିବା କଣ୍ଟେନର।

## ପୁଅର ସୁରକ୍ଷା ପାଇଁ ମା' ଥାନାର ଦ୍ୱାରସ୍ଥ

ନୟାଗଡ଼ ଅଫିସ/ରଣପୁର,୮।୮(ସ୍ୱ.ପ୍ର.)



ଅଜୟ କୁମାର ଦାସ।

- ବନ୍ଧୁକ ଦେଖାଇ ସାପଧରାଳିଙ୍କୁ ଉଠାଇନେଲେ
- ପଚାରିଲେ ଜାଣିନୁ କହି ବନ ବିଭାଗ ନୀରବ

ନୟାଗଡ଼ ଜିଲା ରଣପୁର ବ୍ଲକ ବଳଭଦ୍ରପୁର ପଞ୍ଚାୟତ ନନ୍ଦପୁର ଗାଁର ସାପଧରାଳି ଅଜୟ କୁମାର ଦାସ(୩୬)ଙ୍କୁ ଖୋର୍ଦ୍ଧା ବନଖଣ୍ଡର ରଣପୁର ବନ କର୍ମଚାରୀ ୩ଦିନ ତଳେ ବନ୍ଧୁକ ଦେଖାଇ ରାତିରେ ଉଠାଇନେଲେ। ହେଲେ ଅଜୟ ଏବେ କେଉଁଠି ପଚାରିଲେ ବନ ବିଭାଗ କିଛି ଜାଣିନି କହି ନୀରବ ରହୁଛି। ଏପରିସ୍ଥଳେ ପୁଅର ସୁରକ୍ଷା ଓ ଗିରଫ ଘଟଣାର ରହସ୍ୟ ଉନ୍ମୋଚନ ପାଇଁ ମା' ପ୍ରମିଳା ଦାସ ରଣପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ଅଭିଯୋଗ ଅନୁସାରେ ନନ୍ଦପୁର ଗାଁର ଅଜୟ କୁମାର ଦାସ ଜଣେ ଚିତ୍ରକର ଓ ସାମାଜିକ କର୍ମୀ। ଏହାଛଡା ସେ ଜଣେ ଭଲ ସାପଧରାଳି। କିନ୍ତୁ ଏଥିପାଇଁ ସେ କାହାଠାରୁ ପଇସା ନିଅନ୍ତି ନାହିଁ। କାହା ଘରେ ହେଉ କିମ୍ବା କୌଣସି ସରକାରୀ ଅଥବା ବେସରକାରୀ କାର୍ଯ୍ୟାଳୟରେ ସାପ ଦେଖାଦେଲେ ଅଜୟଙ୍କୁ ଖୋଜାପଡେ। ଦିନ ହେଉ କି ରାତି ଯେତେବେଳେ ଫୋନ ଆସେ ସେ ତୁରନ୍ତ ପହଞ୍ଚି ସେବା ଦିଅନ୍ତି। ସେ ସ୍ନେକ ହେଲ୍‌ପ ଲାଇନର ସଦସ୍ୟ ମଧ୍ୟ ଅଛନ୍ତି। ଏପରିସ୍ଥଳେ ଗତ ୬ ତାରିଖ ବିଳମ୍ବିତ ରାତିରେ ରଣପୁର ବନ କର୍ମଚାରୀ ହଠାତ୍ ତାଙ୍କ ଘରେ ପହଞ୍ଚି ମୁଣ୍ଡରେ ବନ୍ଧୁକ ରଖି ଅଜୟଙ୍କୁ ଉଠାଇ ଆଣିଲେ। କେଉଁଥିପାଇଁ ନେଉଛନ୍ତି କିଛି କହି ନ ଥିଲେ। ପୁଅ ଘରକୁ ନ ଫେରିବାରୁ ମା' ପ୍ରମିଳା ବନ କର୍ମଚାରୀଙ୍କୁ ପଚାରିଥିଲେ। ହେଲେ ପୁଅ ସମ୍ପର୍କରେ ସେମାନେ କିଛି ଜାଣନ୍ତି ନାହିଁ ବୋଲି କହିବା ପରେ ପ୍ରମିଳା ଚିନ୍ତାରେ ପଡିଥିଲେ। ନିଜକୁ ସମ୍ଭାଳି ନ ପାରି ଶେଷରେ ଘଟଣାର ତୃତୀୟ ଦିବସରେ ସେ ଥାନାରେ ଅଭିଯୋଗ କରିଛନ୍ତି।

ଏ ନେଇ ଜଣେ ଶିକାରୀ ନିଜ ନାଁ ଗୋପନ ରଖି କହିଛନ୍ତି, ଅଜୟଙ୍କୁ ବାଘ ଚମଡା କେସ୍‌ରେ ଫସାଇ ଦେବାକୁ ଯୋଜନା ଚାଲିଛି। ଜାମୁଗଣ୍ଡ ବାଘ ଶିକାର କେସ୍‌ରେ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫକୁ ଅଜୟ ସହଯୋଗ କରିଥିବାରୁ ସେ ବନବିଭାଗ ଟାର୍ଗେଟରେ ଅଛନ୍ତି। ବିଭାଗର ଗୁମର ପଦାରେ ପଡିଯାଇଥିବାରୁ ଅଜୟ ଫସିବା ନିଶ୍ଚିତ। ପ୍ରମିଳାଙ୍କ କହିବା କଥା, ବନବିଭାଗ ମୋ ପୁଅକୁ ନେଇ ଜାଣିନି କହୁଛି। ମୋ ପୁଅ କୌଣସି ବେନିୟମ କାର୍ଯ୍ୟରେ ସମ୍ପୃକ୍ତ ନାହିଁ। ପୁଣି ୨୪ ଘଣ୍ଟା ଅଟକ ରଖିବାର ସରକାରୀ ନିୟମ ଥିବାବେଳେ ୩ଦିନ ହେଲା ଅଟକ ରଖାଯାଇଛି। ବନ ବିଭାଗ ମୋ ପୁଅକୁ ମିଥ୍ୟା କେସ୍‌ରେ ଫସାଇ ଦେଇପାରେ ବୋଲି ମୋର ସନ୍ଦେହ ହେଉଛି। ତେଣୁ ନ୍ୟାୟ ପାଇଁ ପୋଲିସର ଦ୍ୱାରସ୍ଥ ହୋଇଛି। ଏ ସମ୍ପର୍କରେ ଖୋର୍ଦ୍ଧା ଡିଏଫ୍‌ଓ ସାମୟକ ସାମନ୍ତରାଙ୍କୁ ପଚାରିବାରୁ ସେ କହିଥିଲେ, ସାପଧରାଳି ନନ୍ଦପୁର ଗାଁର ଅଜୟ କୁମାର ଦାସ କେଉଁଠି ଅଛନ୍ତି ଆମେ କହିବାକୁ ବାଧ୍ୟ ନୁହେଁ। ତୁମକୁ ଆମେ କହିପାରିବୁନି। ପୋଲିସ ତଦନ୍ତକୁ ଅପେକ୍ଷା କରନ୍ତୁ, ସବୁ ଜାଣିପାରିବେ।

ଏ ସମ୍ପର୍କରେ ପୋଲିସ ଏସ୍‌ଡିପିଓ ଏସ୍. ଟପ୍ପୋଙ୍କୁ ପଚାରିବାରୁ ସେ କହିଥିଲେ, ଅଜୟଙ୍କ ମା' ଶନିବାର ଥାନାରେ ଅଭିଯୋଗ କରିଛନ୍ତି। କିନ୍ତୁ ରଣପୁର ବନ ବିଭାଗର ଏକ ମାମଲାରେ ଅଜୟ ଜଡିତ ଥିବାରୁ ବନ କର୍ମଚାରୀ ତାଙ୍କୁ ଉଠାଇ ନେଇଛନ୍ତି। ଏଥିରେ ପୋଲିସର ହସ୍ତକ୍ଷେପ କରିବା ଠିକ୍ ନୁହେଁ।

# ମହାଭାରତ ନୁହେଁ, ଧୈର୍ଯ୍ୟର ସଂଗ୍ରାମ



ଆକାର ପଟେଲ

କୋଭିଡ୍ ବିରୋଧରେ ମହାଭାରତ ହାର୍ ମାନିଛି। ଚଳିତ ସପ୍ତାହରେ ଭାରତରେ ପ୍ରାୟ ୩ ଲକ୍ଷ କେସ୍ ( ସଂକ୍ରମିତ ) ପଞ୍ଜୀକୃତ ହୋଇଛି। ଏହା ଆମେରିକା ସମେତ ଅନ୍ୟ ଯେ କୌଣସି ଦେଶଠାରୁ ଅଧିକ। ଭାରତରେ ପ୍ରତିଦିନ ୬୦,୦୦୦ରୁ ଅଧିକ କେସ୍ ସାମ୍ନାକୁ ଆସୁଛି। ଆଗକୁ ଦିନକରେ ଏହା ୧ ଲକ୍ଷ କିମ୍ବା ତା'ଠାରୁ ଅଧିକରେ ପହଞ୍ଚିବା ଆଶଙ୍କା କରାଯାଉଛି ଓ ଏହାକୁ କେହି ବି ଅଟକାଇପାରିବେନି। ଭାରତରେ କେବଳ ଯେଉଁ ସହରଗୁଡ଼ିକରେ ବ୍ୟାପକ ସଂକ୍ରମଣ ହୋଇଛି ଏବେ ସେଠାରେ ସଂକ୍ରମଣ କମିବା ଲକ୍ଷ୍ୟ କରାଯାଇଛି। କିନ୍ତୁ ମୋଟ ଉପରେ କୋଭିଡ୍‌ର ବ୍ୟାପକତାକୁ କିଛି ବି ଅଟକାଇପାରୁନାହିଁ।

ଭାରତ ହିଁ ଏକମାତ୍ର ଦେଶ ଯେଉଁଠାରେ ଲଗାତର ଦ୍ରୁତଗତିରେ ସଂକ୍ରମଣ ବଢିଚାଲିଛି। ବିଶ୍ୱର ଅନ୍ୟ କୌଣସି ଦେଶରେ ଏମିତି ଘଟିନାହିଁ। ୟୁରୋପରେ ମାର୍ଚ୍ଚରେ ସଂକ୍ରମଣ ଶୀର୍ଷରେ ଥିଲା ଏବଂ ତା'ପରଠାରୁ ଇଟାଲୀ, ସ୍ପେନ ଓ ଇଂଲଣ୍ଡ ସମେତ ଅନ୍ୟ ଦେଶଗୁଡିକରେ ଏହା କମିଯାଇଛି। ଆମେରିକାର ନ୍ୟୁୟର୍କ ସହରରେ ସଂକ୍ରମଣ ଅତ୍ୟଧିକ ହେବାରୁ ଏପ୍ରିଲ୍‌ରେ ସେଠାରେ ଏହା ଶୀର୍ଷରେ ପହଞ୍ଚି ତା' ପରେ କମିଥିଲା। କିନ୍ତୁ ଏବେ ସେହି ଦେଶର ଅନ୍ୟ ଭାଗରେ ଏହା ପୁଣି ବୃଦ୍ଧି ପାଉଛି। ବାଂଲାଦେଶରେ ଜୁନ୍‌ରେ ସଂକ୍ରମଣ ଶୀର୍ଷକୁ ଯାଇଥିଲା ଓ ତା'ପରେ ସେବେଠାରୁ ଏହା କମିବାରେ ଲାଗିଛି। ପାକିସ୍ତାନର ସଂକ୍ରମିତଙ୍କ ସଂଖ୍ୟା ଭାରତର ଅଧା ଥିଲା, କିନ୍ତୁ ଜୁନ୍‌ରେ ଏହା ଅଧିକ ହେବା ପରେ ଏବେ ଦିନକୁ ହାରାହାରି ୧୦୦୦ କେସ୍ ହ୍ରାସପାଉଛି। ଶ୍ରୀଲଙ୍କାରେ ମାର୍ଚ୍ଚରେ ପ୍ରଥମ ସଂକ୍ରମିତ ଚିହ୍ନଟ କରାଯାଇଥିଲା। କିନ୍ତୁ ତା'ପରେ ଏହି ଦେଶ ମହାମାରୀକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିଆସିଛି ଏବଂ ବର୍ତ୍ତମାନ ମାତ୍ର ୩୦୦ ଆକ୍ଟିଭ୍ କେସ୍ ରହିଥିବାବେଳେ ୧୧ଜଣଙ୍କ ମୃତ୍ୟୁ ଘଟିଛି। କିନ୍ତୁ ଆରମ୍ଭରୁ ଏଯାବତ୍ କେବଳ ଭାରତରେ ହିଁ ସଂକ୍ରମିତଙ୍କ ସଂଖ୍ୟା ଲଗାତର ବୃଦ୍ଧି ପାଇଆସୁଛି।

ଏହି ସମସ୍ୟାର ସମାଧାନ କରିବା ପାଇଁ କେନ୍ଦ୍ର ମାର୍ଚ୍ଚ ୨୪ରେ ସଂକ୍ରମିତଙ୍କ ସଂଖ୍ୟା ୫୦୦ ଥିବା ଅବସ୍ଥାରେ ଯେତେବେଳେ ଦାୟିତ୍ୱ ନେଲା ସେତେବେଳେ ଏଭଳି ଫଳାଫଳ ଆସିବ ବୋଲି ଆଶା କରାଯାଉ ନ ଥିଲା। ବିଭିନ୍ନ ପର୍ଯ୍ୟାୟ ଲକ୍‌ଡାଉନରେ ସବୁ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ବନ୍ଦ କରିବାଠାରୁ ଆରମ୍ଭ କରି କ୍ରମାନ୍ୱୟ ଅନ୍‌ଲକ ପରେ ବି ବର୍ତ୍ତମାନ ଦିନକୁ ୩୦ ଗୁଣରୁ ଅଧିକ କେସ୍ ସାମ୍ନାକୁ ଆସୁଛି। ଆରମ୍ଭରୁ କାର୍ଯ୍ୟକଳାପ ବନ୍ଦ କରିବାକୁ ଆଗ୍ରହୀ ଥିବା ପୋଲିସ ପରେ ଦେଶ ସାରା ଏହି ମହାମାରୀ ବିରୋଧରେ ଲଢେଇ କରିବାରେ ଆଗ୍ରହ ହରାଇବସିଛି। ଆମେ କୋଭିଡ୍ ମହାଭାରତ ହାରି ଯାଇଛୁ କି ନାହିଁ ତାହା ପ୍ରଶ୍ନ ନୁହେଁ କାରଣ ଏଠାରେ ସଂକ୍ରମିତଙ୍କ ସଂଖ୍ୟା ହିଁ ସ୍ପଷ୍ଟ। ପ୍ରଶ୍ନ ହେଉଛି ଆମେ କାହିଁକି ହାରିଛୁ। ଏହାର ଉତ୍ତର ହେଉଛି, ମହାମାରୀ ବିରୋଧରେ ଲଢ଼େଇ କରିବାକୁ କେବେ ମଧ୍ୟ ଆମ ପାଖରେ କୌଣସି ଯୋଜନା ନ ଥିଲା। ପ୍ରଥମ ଲକ୍‌ଡାଉନ କରି ଆମେ ବଡ଼ ଭୁଲ୍ କଲୁ। ଏହି ରୋଗ ବ୍ୟାପକ ଭାବେ ସଂକ୍ରମିତ ହେଲେ ବି ଏହାର ମୃତ୍ୟୁ ହାର କମ୍ ବୋଲି ମୋଦି ଦେଶବାସୀଙ୍କୁ କହିବା ଉଚିତ ଥିଲା। ଲୋକମାନେ ସେମାନଙ୍କ ମୁହଁକୁ ନ ଛୁଇଁବା, ନିୟମିତ ହାତ ଧୋଇବା ଏବଂ ଅନ୍ୟମାନଙ୍କୁ ସୁରକ୍ଷିତ ରଖିବା ଲାଗି ମାସ୍କ ପିନ୍ଧିବା ଉପରେ ଅଧିକ ସତର୍କ ହେବା ସହ ସେମାନଙ୍କ ବ୍ୟବସାୟ ଓ କର୍ମସ୍ଥଳୀକୁ ଯାଇପାରିବେ ବୋଲି କହିବା ଆବଶ୍ୟକ ଥିଲା। କିନ୍ତୁ ଏହା ବଦଳରେ ସେ ସାରା ଦେଶରେ ଏକ ଭୟର ବାତାବରଣ ସୃଷ୍ଟି କଲେ। ସେ ମହାଭାରତ ଆଖ୍ୟା ଦେଇ ନିର୍ଦ୍ଦିଷ୍ଟ ଭାବେ ଏହାକୁ ଆମେ ୨୧ ଦିନରେ ଜିତିବା ବୋଲି କହିଲେ ଓ କୋଭିଡ ବିରୋଧ ଯୁଦ୍ଧକୁ ଗମ୍ଭୀରତାର ସହ ନେଲେ ନାହିଁ। ସେ ଆମ୍ଭମାନଙ୍କୁ କହିଥିଲେ ଯେ,ମହାଭାରତ ଲକ୍‌ଡାଉନ ପରେ ଶେଷ ହୋଇଯିବ। ଏହା ସମ୍ପୂର୍ଣ୍ଣ ଭୁଲ ଥିଲା। ଏହା ଶୀଘ୍ର ଶେଷ ହେଉଥିବା ଏକ ଯୁଦ୍ଧ ନୁହେଁ ଯାହାକୁ ତିନି ସପ୍ତାହରେ ଜିତି ହେବ କିମ୍ବା ପରାସ୍ତ କରିହେବ। ବ୍ୟାପକ ପଦକ୍ଷେପ ପରିବର୍ତ୍ତେ ଏଥିପାଇଁ ଏକ ଦୀର୍ଘମିଆଦୀ ସଚେତନତା ବା ଦୂରଦୃଷ୍ଟି ଲୋଡା ଥିଲା।

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଏକ ଅଧ୍ୟୟନ ତିନି ସପ୍ତାହର କଡ଼ା ଲକ୍‌ଡାଉନ୍‌କୁ ବିଶ୍ୱର ସବୁଠୁ କଠୋର ବୋଲି ପ୍ରକାଶ କଲା। ଭାରତ ସମେତ ମରିସସ୍, ନ୍ୟୁଜିଲାଣ୍ଡ ଏବଂ ଦକ୍ଷିଣ ଆଫ୍ରିକାରେ ଏହାକୁ ଶତ ପ୍ରତିଶତ କଠୋର ବୋଲି ଅଭିହିତ କରାଗଲା। ଅର୍ଥାତ୍ ଏଠାରେ ଲୋକଙ୍କର କୌଣସି ସ୍ୱାଧୀନତା ନ ଥିଲା। କେବଳ ତାହା ନୁହେଁ, ଭାରତରେ ଲକ୍‌ଡାଉନ ବ୍ୟାପକ ଭାବେ ଅର୍ଥବ୍ୟବସ୍ଥାକୁ ନିରାଶ କରିଥିବା ଆମେ ସ୍ପଷ୍ଟରୂପେ ଅନୁଭବ କରିପାରୁଛୁ। ଏମିତି ଆମେ ଯନ୍ତ୍ରଣା ପାଉଛୁ ଯାହା ଜୀବନରେ ପୂର୍ବରୁ କେବେ ବି ପାଇ ନ ଥିଲୁ। ଯେଉଁମାନେ ଏଯାଏ ତାହା ପାଇନାହାନ୍ତି ଖୁବ୍ ଶୀଘ୍ର ପାଇବେ।

ଲକ୍‌ଡାଉନର କୁପରିଚାଳନା ଯୋଗୁ ଭାରତ ଲଗାତର ପ୍ରକୃତ ମୂଲ୍ୟ ଦେଇ ଆସିଛି ଓ ୪ ମାସ ପରେ ସମ୍ପୂର୍ଣ୍ଣ ଦେଉଛି। ହିନ୍ଦୁ ଫ୍ରଣ୍ଟଲାଇନର 'ସୁରଟ: ସାଇଲେନ୍ସ ଅଫ୍ ଦି ଲୁମସ୍' ଶୀର୍ଷକ ରିପୋର୍ଟରେ ପ୍ରକାଶ ପାଇଥିଲା ଯେ, ସୁରଟ୍‌ରେ ରହୁଥିବା ୩୫ ଲକ୍ଷ ପ୍ରବାସୀ ଶ୍ରମିକ ଚାକିରି ହରାଇ ସଙ୍କଟର ସମ୍ମୁଖୀନ ହେବା ପରେ ଘରକୁ ଫେରିଯାଇଥିଲେ। ସେଠାରେ ମେଶିନ ଚଳାଇବା ପାଇଁ କେହି ଜଣେ ବି ନ ଥିଲେ। ଏପରିକି ଜଣେ ପଜିଟିଭ କେସ୍ ବାହାରିବା ପରେ ଯେଉଁ ମାର୍କେଟ ଖୋଲା ଥିଲା ତାହାକୁ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଗଲା। ଆଗକୁ ଯିବାର କୌଣସି ଯୋଜନା ନ ଥିଲା ଏବଂ ଏସବୁ ଭୁଲ୍ ଯୋଗୁ ହିଁ ଘଟୁଥିଲା। କୋଭିଡ୍ ସଂକ୍ରମଣର ଶିକାର ହୋଇଥିବା ଅନ୍ୟ କୌଣସି ଦେଶରେ ଏଭଳି ଅପାରଗତା ଦେଖାଯାଇନି। କୋଭିଡ୍ ମହାଭାରତ ଭଳି ୧୮ ଦିନର ହିଂସକ ଯୁଦ୍ଧ ନ ଥିଲା ବରଂ ଏକ ଲମ୍ବା ଅବଧିର ସାବଧାନତା ତଥା ଧୈର୍ଯ୍ୟର ସଂଗ୍ରାମ ଥିଲା। ଅନ୍ୟ ଦେଶ ଏହାକୁ ଭଲ ଭାବେ ଜାଣିଲା ଏବଂ ତା' ନେତାମାନେ ସେହି ବାଟରେ ଗଲେ। କିନ୍ତୁ ମୋଦିଙ୍କ ଷ୍ଟାଇଲ୍ ଆମକୁ ୨୦ ଲକ୍ଷ କେସ୍ ଓ ୪୦,୦୦୦ ମୃତ୍ୟୁରେ ଛାଡିଦେଇଛି ଏବଂ କିଏ ଜାଣେ ଆଗକୁ ଏହି ସଂଖ୍ୟା କେତେ ହେବ। ଏଯାଏ କୌଣସିଠାରେ ଶୀର୍ଷ ସଂକ୍ରମଣ ନଜରକୁ ଆସିନି। ବରଂ ଗତ ବର୍ଷ ଦୋଦୁଲ୍ୟମାନ ସ୍ଥିତିରେ ଥିବା ଅର୍ଥବ୍ୟବସ୍ଥାକୁ ଏହା ସମ୍ପୂର୍ଣ୍ଣ ଧ୍ୱଂସ କରିଦେଇଛି।

Email:aakar.patel@gmail.com

# ଜାତୀୟ ଶିକ୍ଷାନୀତି ୨୦୨୦ ଓ ଆମ ଶିକ୍ଷା ଖସଡ଼ା



ଗୋପାଳ ଚନ୍ଦ୍ର ନାଥ

ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି, କେନ୍ଦ୍ର ସରକାର କ୍ଷମତାକୁ ଆସିଲା ଦିନଠାରୁ ଗୋଟିଏ ପରେ ଗୋଟିଏ ବିଭାଗରେ ଆମୂଳଚୂଳ ପରିବର୍ତ୍ତନ କରି ଆସୁଥିଲେ ମଧ୍ୟ ଗତ ପାଞ୍ଚ ବର୍ଷ ସରକାର ସମୟରେ ଶିକ୍ଷା ପଦ୍ଧତି ଉପରେ ଆଦୌ ହାତ ଦେଇ ନ ଥିଲେ । ଚଉତିରିଶ ବର୍ଷର ପୁରୁଣା ଶିକ୍ଷାନୀତି ଯଦିଓ ପରିବର୍ତ୍ତନର ଆବଶ୍ୟକତା ଥିଲା କିନ୍ତୁ କୌଣସି କାରଣ ବଶତଃ ଶିକ୍ଷାନୀତିର ପରିବର୍ତ୍ତନ ହୋଇ ନ ଥିଲା। ୧୦+୨+୩ ଶିକ୍ଷା ଖସଡାରେ ଚାଲି ଆସୁଥିବା ଶିକ୍ଷା ବ୍ୟବସ୍ଥା କ୍ରମେ ଶିକ୍ଷାକୁ ଦୁର୍ବଳ କରି ଦେଉଥିବା ସାଧାରଣରେ ସମାଲୋଚନା ହେଉଥିଲା। ଫଳରେ ଶିକ୍ଷାନୀତିର ପରିବର୍ତ୍ତନକୁ ସାରା ଭାରତବର୍ଷ ସ୍ୱାଗତ କରୁଥିବା ଦେଖାଯାଉଛି। ଶିକ୍ଷାନୀତି ଉତ୍ତମ ଛାତ୍ରୀଛାତ୍ର ଗଠନରେ ସହାୟକ ହେଲେ ନିଶ୍ଚିତପକ୍ଷେ ଜନ ମାନସରେ ସ୍ୱାଗତ ହେବ ଏଥିରେ ସନ୍ଦେହ ନାହିଁ। କିନ୍ତୁ କେତେଦୂର ପ୍ରଚଳିତ ଶିକ୍ଷାନୀତି ୧୯୮୬ର ଶିକ୍ଷା ପଦ୍ଧତିଠାରୁ ଲାଗୁ କରାଯାଉଥିବା ଶିକ୍ଷାନୀତି ୨୦୨୦ କିଭଳି ଫଳପ୍ରଦ ହେବ, ଯଦିଓ ତା'ର କୌଣସି ମୀମାଂସା ଆଜିଯାଏ ଜଣାଯାଇନି, ତଥାପି ବିଗତ ଶିକ୍ଷା ତୁଳନାରେ ଯେ ଉତ୍ତମ ନିଶ୍ଚିତ ହେବ ଏ ଆଶା ଅନ୍ତତଃ ପକ୍ଷେ ରଖିବା ଦରକାର।

ଶିକ୍ଷାନୀତି ୨୦୨୦ର ପ୍ରଥମ ଚରଣକୁ ଆଲୋଚନା କଲେ ଜଣାଯାଏ ୫+୩+୩+୪ ଏକ ଗାଣିତିକ ଧାରା, ଯେମିତି ମିଶାଇଲେ ୧୫ ହେବ। ଆଗରୁ ୧୦+୨+୩କୁ ମିଶାଇଲେ ସେହି ୧୫ ହେଉଛି । ହେଲେ ଏଥରର ବିଶେଷତ୍ୱ ରହିଛି ଶିଶୁଟି ଶିକ୍ଷା ଆରମ୍ଭର ବୟସ ୫ରୁ ଖସାଇ ୩ ବର୍ଷକୁ ଅଣାଯାଇଛି। ଆଗେ ଶିଶୁକୁ ୩ବର୍ଷରୁ ଶିକ୍ଷାୟତନକୁ ଯଦିଓ ପଠାଉଥିଲୁ, କିନ୍ତୁ ତାକୁ ଶିକ୍ଷା ଖସଡ଼ା ସହ ଯୋଗ କରାଯାଉ ନ ଥିଲା। ପିଲାଟି ଶିକ୍ଷାୟତନକୁ ଯିବା ଦ୍ୱାରା ତା'ର ଶାରୀରିକ ଓ ମାନସିକ ବିକାଶ ପ୍ରତି ଧ୍ୟାନ ଦିଆଯାଉଥିଲା। ଅଙ୍ଗନୱାଡିରେ ଶିଶୁକୁ ଛାଡି ଦେବା ଦ୍ୱାରା ଶିଶୁଟି ସମବୟସର ଶିଶୁସାଥୀ ପାଇ ଖେଳି ବୁଲି ତା'ର ମାନସିକ ପରିବର୍ତ୍ତନ କରି ଘରଠାରୁ ଅଲଗା ରହି ଶିକ୍ଷା ପ୍ରତି ଆକୃଷ୍ଟ ହେଉଥିଲା। ଫଳରେ ପାଞ୍ଚ ବର୍ଷ ବେଳକୁ ଶିଶୁଟି ଶିକ୍ଷାକୁ ଉତ୍ତମ ରୂପେ ଧରି ପାରୁଥିଲା ଓ ତାକୁ ଶିକ୍ଷା ଖସଡା ଭିତରେ ଛାଡି ଦିଆଯାଉଥିଲା। ଶିକ୍ଷାନୀତି ୨୦୨୦ ଅନୁସାରେ ଶିଶୁକୁ ଅଙ୍ଗନୱାଡିକୁ ଛାଡିଲା ଦିନଠାରୁ ଶିକ୍ଷା ଖସଡ଼ା ଭିତରକୁ ଠେଲି ଦେଉଥିବାରୁ ଶିଶୁର ମାନସିକ ପରିପକ୍ୱତା ନ ଥାଇ ତାକୁ ଶିକ୍ଷା ଭିତରେ ଛାଡି ଦିଆଯାଉଛି। ଅଙ୍ଗନୱାଡି ପରେ ଶିଶୁଟି ପାଞ୍ଚବର୍ଷ ପରେ ବିଦ୍ୟାଳୟକୁ ଯାଉଥିବା ବେଳେ ଏବେ ଅଙ୍ଗନୱାଡିରେ ପ୍ରିସ୍କୁଲ ଶିକ୍ଷା ସମାପ୍ତ କରିବା ପାଇଁ ସ୍ଥିର ହୋଇଛି। ଅଙ୍ଗନୱାଡିର ଶିକ୍ଷାକର୍ମୀ ଉପଯୁକ୍ତ ତାଲିମ ପ୍ରାପ୍ତ ଶିକ୍ଷକ ହୋଇ ନ ଥିବାରୁ ସେଠାରେ ଆବଶ୍ୟକ ଶିକ୍ଷକର ନିଯୁକ୍ତି ହୋଇପାରେ କିମ୍ବା ଯେଉଁମାନେ ଅଛନ୍ତି ସେମାନଙ୍କୁ ତାଲିମପ୍ରାପ୍ତ କରିବାକୁ ପଡିବ । ଯେଉଁମାନେ ଶିକ୍ଷାରେ କମ୍ ରହିଛନ୍ତି ସେମାନଙ୍କୁ ପଦବୀ ହରାଇବାକୁ ପଡିବ। ତୃତୀୟ, ପଞ୍ଚମ, ଅଷ୍ଟମରେ ଛାତ୍ରଟି ପରୀକ୍ଷାର ସମ୍ମୁଖୀନ ହେବ ବୋଲି ଶିକ୍ଷାନୀତିରେ ଥିବାବେଳେ ଅନ୍ୟ ଶ୍ରେଣୀଗୁଡିକ କେବଳ ଉତ୍ତୀର୍ଣ୍ଣ ହୋଇଯିବାର ବିଧି ରହିଛି। ସେଥିପାଇଁ କୌଣସି ପରୀକ୍ଷାର ମାପକାଠି ରହିବ ନାହିଁ । ଏ କଥାକୁ ନିଶ୍ଚିତ ସ୍ୱାଗତ କରିବା କଥା ଯେ, ଛାତ୍ରଟି ଷଷ୍ଠ ଶ୍ରେଣୀରୁ ଧନ୍ଦାମୂଳକ ଶିକ୍ଷା ଗ୍ରହଣ କରିବ। ଫଳରେ ଛାତ୍ରଟି ଧନ୍ଦା ପ୍ରତି ଆକୃଷ୍ଟ ହେବ । ହେଲେ ଶ୍ରେଣୀ ବେଳକୁ ଛାତ୍ରର ବୟସ ମାତ୍ର ନଅ ବର୍ଷ ହେଉଛି। ନଅ ବର୍ଷ ବୟସରେ କେତେଦୂର ଏକ କୋମଳମତି ଶିଶୁ ଧନ୍ଦାକୁ ଗ୍ରହଣ କରିବ ତା' ହିଁ ବିଚାର୍ଯ୍ୟ। ବିଦେଶ ଶୈଳୀକୁ ଆପଣାଇଥିବା ପ୍ରତୀୟମାନ ହେଉଥିଲେ ମଧ୍ୟ ଆମ ଦେଶର ଶିଶୁମାନଙ୍କୁ ସେହି ହାରରେ ପୁଷ୍ଟୀକରଣ କରିବାର ଆବଶ୍ୟକତା ରହିଛି।

ଚଳିତ ଶିକ୍ଷାନୀତି ୧୯୮୬ ଅନୁସାରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କୁ ବୋର୍ଡ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡୁଥିଲା ବେଳେ ନୂତନ ଶିକ୍ଷାନୀତି ୨୦୨୦ ଅନୁସାରେ ସେହିପରି ଦଶମ ଓ ଦ୍ୱାଦଶ ଶ୍ରେଣୀରେ ବୋର୍ଡ ପରୀକ୍ଷା ଦେବାର ବ୍ୟବସ୍ଥା ଥିବା ଉଲ୍ଲେଖ ରହିଛି। ଫଳରେ ୫+୩+୩+୪ ଶିକ୍ଷା ଖସଡାନୁସାରେ ଦଶମ ଶ୍ରେଣୀ ଓ ଦ୍ୱାଦଶ ଶ୍ରେଣୀ ୫+୩+୩ ଓ +୪ ମଧ୍ୟରେ ଯଥାକ୍ରମେ ରହୁଛି। ଏହାଦ୍ୱାରା ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତକୁ ଗଣଶିକ୍ଷା ଅନ୍ତର୍ଗତ ରଖାଯାଉଥିବା ବେଳେ ଦ୍ୱାଦଶ ଶ୍ରେଣୀକୁ ଉଚ୍ଚ ଶିକ୍ଷାରେ ଅନ୍ତର୍ଭୁକ୍ତ ବୋଧହୁଏ କରାଯାଇଛି, ଯାହା କି ଏକ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ। ଯଦିଓ ମାନବ ସମ୍ବଳ ବିକାଶ ବିଭାଗକୁ ଉଠାଇ ନିଆଯାଇ ପୁଣି ଶିକ୍ଷା ବିଭାଗକୁ ପୂର୍ବବତ ରଖାଯାଇଛି, ତା' ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, କିନ୍ତୁ ଶିକ୍ଷାର ମାପକ ଦୃଷ୍ଟିରୁ ଏହାକୁ ୩+୨+୩+୨+୨+୩ ଭାବେ ରଖାଯାଇଥିଲେ ବୋଧହୁଏ ବୁଝିବା ଓ ବ୍ୟବହାର ପାଇଁ ସ୍ୱଚ୍ଛଳ ହୋଇଥାନ୍ତା। ୩+୨+୩+୨+୨କୁ ବିଦ୍ୟାଳୟ ଅନ୍ତର୍ଗତ ରଖି ଶିକ୍ଷା ଦେବାପାଇଁ ବ୍ୟବସ୍ଥା କରାଯାଇଥାନ୍ତା ଓ ପୂର୍ବବତ +୩କୁ ଉଚ୍ଚଶିକ୍ଷା ମଧ୍ୟରେ ରଖାଯାଇଥାନ୍ତା, ଯାହା କି ଉତ୍ତମ ହୋଇଥାନ୍ତା।

ମାତୃଭାଷାରେ ଶିଶୁଟି ଭଲ ଭାବରେ ବୁଝିପାରିବ ଓ ଉତ୍ତମ ଶିକ୍ଷା ଆହରଣ କରିପାରିବ । ତେଣୁ ମାତୃଭାଷାରେ ପଞ୍ଚମ ପର୍ଯ୍ୟନ୍ତ ଶିଶୁଟି ଶିକ୍ଷା ଗ୍ରହଣ କରିବା ନୂତନ ଶିକ୍ଷାନୀତିରେ ରଖିଥିବା ଏକ ଉତ୍ତମ ବ୍ୟବସ୍ଥା। ହେଲେ ପ୍ରଥମ ଭାଷା ଯଦିଓ ପ୍ରଥମରୁ ଆରମ୍ଭ କରାଯାଉଛି, ଦ୍ୱିତୀୟ ଭାଷା ଇଂଲିଶ ବା ତୃତୀୟ ଭାଷା କେଉଁ ଶ୍ରେଣୀରୁ ଆରମ୍ଭ ହେବ ତାହା ଜଣାଯାଇନାହିଁ। ଜଣେ କୋମଳମତି ଶିଶୁ ଅନ୍ତତଃ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷା ବ୍ୟତିରେକ ଅନ୍ୟ ଭାଷାର ବୋଝ ନ ବୋହିବା ଉଚିତ। ଆମ ଦେଶରେ ସବୁଠାରୁ ବଡ ସମସ୍ୟା ହେଉଛି ଭାଷାଗତ ଶିକ୍ଷା। ଶିଶୁଟିଏ କେଉଁ ଭାଷାରେ ଶିକ୍ଷା ନେବ ଏକ ବଡ ସମସ୍ୟା ହୋଇ ଠିଆ ହୋଇଥିଲା। ଯେଉଁଭଳି ଭାବରେ ଇଂଲିଶ ମାଧ୍ୟମ ବିଦ୍ୟାଳୟ ଛତୁ ଫୁଟିଲା ଭଳି ଖୋଲି ଚାଲିଲା, ମାତୃଭାଷା ଶିକ୍ଷା ଏକ ରକମ ବନ୍ଦ ହେବାକୁ ଯାଇଥିଲା ଏବଂ ପ୍ରତ୍ୟେକ ଭାଷାଭିତ୍ତିକ ରାଜ୍ୟଗୁଡିକ ଏହାଦ୍ୱାରା ବହୁ ପ୍ରଭାବିତ ହେବା ସହ ଅସୁବିଧାର ସମ୍ମୁଖୀନ ହେଉଥିଲେ। ନୂତନ ଶିକ୍ଷାନୀତି ଗୋଟିଏ ଦେଶ ଗୋଟିଏ ଶିକ୍ଷା ପ୍ରଚଳନ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ, ହେଲେ କେତେଦୂର ଏହାର ବ୍ୟବହାର କରାଯାଉଛି ଦେଖିବାକୁ ବାକି ରହିଲା। ଆଜି ଦେଶରେ ଶିକ୍ଷାକୁ ଏକ ଶିଳ୍ପଭାବରେ ଗ୍ରହଣ କରାଗଲାଣି । ଛତୁ ଫୁଟିଲା ପରି ଚାରିଆଡେ ବ୍ୟବସାୟୀକରଣ ଶିକ୍ଷା ଅନୁଷ୍ଠାନ ଖୋଲି ଗଲାଣି, ଏ କ୍ଷେତ୍ରରେ ସେହି ବ୍ୟବସାୟ ଶିକ୍ଷାନୁଷ୍ଠାନଗୁଡିକର ଭୂମିକା କ'ଣ ରହୁଛି ଓ ସେମାନେ କିଭଳି ଭାବେ ସେମାନଙ୍କ ବ୍ୟବସାୟ ଚଳାଇବେ ଏହା ହିଁ ଶିକ୍ଷାନୀତିର ଭବିଷ୍ୟତ କହିବ । ମାତୃଭାଷାରେ ପଢୁଥିବା ଛାତ୍ରଟି ଏବେ କୌଣସି ଗୁଣରେ ଇଂଲିଶ ମାଧ୍ୟମରେ ଶିକ୍ଷା କରୁଥିବା ଛାତ୍ରଠାରୁ କମ୍ ନୁହେଁ, ଯଦି ଏ ଶିକ୍ଷାନୀତି ସମାନତା ଆଣି ପାରିବ ତେବେ ତା'ର ସାର୍ଥକତା ରହିଛି ବୋଲି ଦେଶବାସୀ ହୃଦୟଙ୍ଗମ କରିବେ। ଦେଶର ଶିକ୍ଷାର ଏକ ବୈପ୍ଳବିକ ପରିବର୍ତ୍ତନ ହୋଇପାରିବ ବୋଲି ସାଧାରଣରେ ବିଶ୍ୱାସ ଆସିବ।

ଆଡ୍‌ଭୋକେଟ, ଅନୁଗୋଳ,
ମୋ–୯୪୩୭୨୯୦୬୬୨

# ୟୁପିଏସ୍‌ସି ମୁଖ୍ୟ

**ବ୍ୟକ୍ତିତ୍ୱ**



ପ୍ରଦୀପ କୁମାର ଜୋଷୀ

ଭାରତର ସର୍ବୋଚ୍ଚ ବେସାମରିକ ଚାକିରି ପାଇଁ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ହେଉଛି କେନ୍ଦ୍ରୀୟ ଲୋକ ସେବା ଆୟୋଗ (ୟୁପିଏସ୍‌ସି)। ଦେଶର ଅମଲାତନ୍ତ୍ରୀ ଓ କୂଟନୀତିଜ୍ଞଙ୍କୁ ବାଛିବାରେ ଏହା ପ୍ରମୁଖ ଭୂମିକା ନିର୍ବାହ କରୁଥିବାରୁ ଏହାର ମୁଖ୍ୟ ବା ଅଧ୍ୟକ୍ଷଙ୍କ ବ୍ୟକ୍ତିତ୍ୱ ଅନେକଙ୍କୁ ପ୍ରଭାବିତ କରିଥାଏ। ୭ ଅଗଷ୍ଟରେ ୟୁପିଏସ୍‌ସିର ଅଧ୍ୟକ୍ଷ ଭାବେ ଶିକ୍ଷାବିତ୍ ପ୍ରଫେସର ପ୍ରଦୀପ କୁମାର ଜୋଷୀ ନିଯୁକ୍ତ ହୋଇଛନ୍ତି। ଅରବିନ୍ଦ ସାକ୍‌ସେନାଙ୍କ ସ୍ଥାନରେ ସେ ଅବସ୍ଥାପିତ ହେବା ପରେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ପ୍ରଦୀପ ଉତ୍ତରପ୍ରଦେଶର କାନପୁର ବିଶ୍ୱବିଦ୍ୟାଳୟରୁ ୧୯୭୭ରେ ବାଣିଜ୍ୟରେ ସ୍ନାତକୋତ୍ତର ଏବଂ ୧୯୮୧ରେ ସେଠାରୁ ପିଏଚ୍‌ଡି ଡିଗ୍ରୀ ଅର୍ଜନ କରିଥିଲେ। ଅଧ୍ୟାପନା କ୍ଷେତ୍ରରେ ତାଙ୍କର ୨୮ ବର୍ଷରୁ ଅଧିକ ଅଭିଜ୍ଞତା ରହିଆସିଛି। ମଧ୍ୟପ୍ରଦେଶର ଜବଲପୁରସ୍ଥିତ ରାଣୀ ଦୁର୍ଗାବତୀ ବିଶ୍ୱବିଦ୍ୟାଳୟର ଫାକଲ୍ଟି ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍‌ରେ ସେ ମେ' ୨୦୦୦ରୁ ୧୨ ଜୁନ୍ ୨୦୦୬ ଯାଏ ପ୍ରଫେସର, ବିଭାଗୀୟ ମୁଖ୍ୟ ତଥା ଡିନ୍ ଭାବେ କାର୍ଯ୍ୟ ତୁଲାଇଥିଲେ। ତା' ପୂର୍ବରୁ ସେ ଉତ୍ତରପ୍ରଦେଶର ବରେଲିସ୍ଥିତ ରୋହିଲଖଣ୍ଡ ବିଶ୍ୱବିଦ୍ୟାଳୟର ଡିପାର୍ଟମେଣ୍ଟ ଅଫ୍ ବିଜ୍‌ନେସ୍ ଆଡମିନିଷ୍ଟ୍ରେଶନର ବିଭାଗୀୟ ମୁଖ୍ୟ ଥିଲେ। ଏପରି କି ବରେଲୀ କଲେଜର ରିଡର ଭାବେ କାର୍ଯ୍ୟ କରି ଅଧ୍ୟାପନା କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଶିକ୍ଷାବିତ୍ ଭାବେ ଭାରତ ସରକାରଙ୍କ ଅଧୀନ ବହୁ ଜାତୀୟ ଓ ରାଜ୍ୟ ସ୍ତରୀୟ କମିଟିରେ ତାଙ୍କୁ ନିଆଯାଇଥିଲା। ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଭାରତର ୫୦ତମ ସାଧାରଣତନ୍ତ୍ର ଦିବସର ବାର୍ଷିକୀ ପାଳନ ପରିପ୍ରେକ୍ଷୀରେ ଗଠିତ ରାଜ୍ୟ ସ୍ତରୀୟ କମିଟିରେ ପ୍ରଦୀପ ସଦସ୍ୟ ରହିଥିଲେ। ସେହିପରି ଶିକ୍ଷା କ୍ଷେତ୍ରରେ ସଂସ୍କାର ଅଣାଯିବା ଲାଗି ସୃଷ୍ଟ କମିଶନ ପାଇଁ ମାନବ ସମ୍ବଳ ବିକାଶ (ଏଚ୍‌ଆର୍‌ଡି) ମନ୍ତ୍ରଣାଳୟ ଅଧୀନରେ ଗଢ଼ାଯାଇଥିବା ଷ୍ଟିୟରିଂ କମିଟିର ସଦସ୍ୟ ରହିଥିଲେ ପ୍ରଦୀପ। ଅନୁରୂପ ଭାବେ ଏଚ୍‌ଆର୍‌ଡି ମନ୍ତ୍ରଣାଳୟ ଅଧୀନ ଦୂର ନିରନ୍ତର ଶିକ୍ଷା ସଂକ୍ରାନ୍ତ ଷ୍ଟିୟରିଂ କମିଟିର ମଧ୍ୟ ସେ ସଦସ୍ୟ ଥିଲେ। ଏଥିସହିତ ସର୍ବଶିକ୍ଷା ଅଭିଯାନ ଏବଂ ଏଚ୍‌ଆରଡି ମନ୍ତ୍ରଣାଳୟର ଶିକ୍ଷକ ଶିକ୍ଷା ମଞ୍ଜୁରୀ ବୋର୍ଡ ଭଳି ଶିକ୍ଷା ସମ୍ବନ୍ଧୀୟ ସର୍ବୋଚ୍ଚ ଉପଦେଷ୍ଟା ପରିଷଦରେ ପ୍ରଦୀପ ସ୍ଥାନ ପାଇପାରିଥିଲେ। କେବଳ ଶିକ୍ଷା ପ୍ରଶାସନ ନୁହେଁ, ଫାଇନାନ୍ସିଆଲ୍ ମ୍ୟାନେଜମେଣ୍ଟ, ଫାଇନାନ୍ସିଆଲ୍ କଣ୍ଟ୍ରୋଲ, ମ୍ୟାନେଜମେଣ୍ଟ ଆକାଉଣ୍ଟିଂ, ଟ୍ୟାକ୍‌ସେଶନ, ଗ୍ରାମୀଣ ବିକାଶ ପରିଚାଳନା, ପଞ୍ଚାୟତିରାଜ ସଂସ୍ଥା ପରିଚାଳନା ଏବଂ ଖଦି ଗ୍ରାମୋଦ୍ୟୋଗ ଉପରେ ପ୍ରଦୀପଙ୍କ ପ୍ରଗାଢ଼ ଅଭିଜ୍ଞତା ରହିଛି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ତାଙ୍କ ଗବେଷଣାତ୍ମକ ନିବନ୍ଧ ବେଶ୍ ପ୍ରଶଂସନୀୟ ହୋଇପାରିଛି। ଜଣେ ସକ୍ରିୟ ଶିକ୍ଷାବିତ୍ ଭାବେ ସେ ବେଲଜିୟମ୍, ହଲାଣ୍ଡ୍, ଇଂଲଣ୍ଡ, ନେପାଳ ଏବଂ ଜାପାନ ଭଳି ରାଷ୍ଟ୍ରରେ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ମତ ରଖି ଅନ୍ତର୍ଜାତୀୟ ସ୍ତରର ଶିକ୍ଷାବିତ୍‌ଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି। ତାଙ୍କ ଅଧୀନରେ ୧୯ ଜଣ ଗବେଷଣା କରି ପିଏଚ୍‌ଡି ଡିଗ୍ରୀ ଅର୍ଜନ କରିପାରିଛନ୍ତି ଏବଂ ୨୪ଟି ସନ୍ଦର୍ଭ ତାଙ୍କ ତତ୍ତ୍ୱାବଧାନରେ ଦାଖଲ କରାଯାଇ ପ୍ରଶଂସା ସାଉଁଟିଛି। ଜାତୀୟ ଶିକ୍ଷା ଯୋଜନା ଓ ପ୍ରଶାସନ ପ୍ରତିଷ୍ଠାନ (ଏନ୍‌ଆଇଇପିଏ)ର ନିର୍ଦ୍ଦେଶକ ରୂପେ କାର୍ଯ୍ୟ କଲା ବେଳେ ତାଙ୍କ ଦ୍ୱାରା ପ୍ରୟୋଗ କରାଯାଇଥିବା ଶିକ୍ଷା ପ୍ରଣାଳୀ ଶିକ୍ଷା ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ଆକର୍ଷିତ କରିଥିଲା।

୧୨ ମେ' ୨୦୧୫ରେ ୟୁପିଏସ୍‌ସି ସଦସ୍ୟ ଭାବେ ପ୍ରଦୀପ ଯୋଗଦେଇଥିଲେ। ଏହା ପୂର୍ବରୁ ସେ ଛତିଶଗଡ଼ ଲୋକ ସେବା ଅୟୋଗ ଏବଂ ମଧ୍ୟପ୍ରଦେଶ ଲୋକ ସେବା ଆୟୋଗର ଅଧ୍ୟକ୍ଷ ରହିଥିଲେ। ଦିନକୁ ଦିନ ପ୍ରଶାସନିକ କ୍ଷେତ୍ରରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ପ୍ରଶାସନିକ ସଂସ୍କାର ମାଧ୍ୟମରେ ଶାସନ ବ୍ୟବସ୍ଥାକୁ ପରିଚାଳନା କରାଯିବା ହୋଇଯାଇଛି ନୂଆ ଚିନ୍ତାଧାରା। ଏଭଳି ସ୍ଥଳେ ଦେଶରେ ଦକ୍ଷ ଓ କାର୍ଯ୍ୟ ପ୍ରତି ଅଙ୍ଗୀକାରବଦ୍ଧ ଥିବା ଅମଲାତନ୍ତ୍ରୀ ଓ କୂଟନୀତିଜ୍ଞଙ୍କୁ ବାଛିବା ଦାୟିତ୍ୱ ୟୁପିଏସ୍‌ସି ଉପରେ ନ୍ୟସ୍ତ କରାଯାଇଛି। ଆୟୋଗର ମୁଖିଆ ଭାବେ ପ୍ରଦୀପ ନିରପେକ୍ଷତା ଅବଲମ୍ବନ କରିବା ସହ ତାଙ୍କ ଟିମ୍‌କୁ ଉତ୍ତମ ଭାବେ ପରିଚାଳନା କରି ନୂଆ ପ୍ରଶାସକଙ୍କୁ ଚୟନ କରିବା ଏକ ଗୁରୁଦାୟିତ୍ୱ।

–ଜିତେନ୍ଦ୍ର କୁମାର ନାୟକ

# ପାଠକ ଶ୍ରେଷ୍ଠ ବିଚାରକ

## ମିଟର ରିଡିଂ ଠିକ୍ ସମୟରେ ହେଉନି

ମହାଶୟ,

ଆମ ଅଞ୍ଚଳରେ ଠିକ୍ ସମୟ ଦଶରୁ ପନ୍ଦର ତାରିଖ ମଧ୍ୟରେ ମିଟର ରିଡିଂ ହେଉଥିଲା। ଆମେ ବି ପ୍ରତି ମାସରେ ବିଦ୍ୟୁତ ବିଲ୍ ପୈଠ କରୁଥିଲୁ। କିନ୍ତୁ ଦୁଃଖର ବିଷୟ ଚଳିତ ମାସରେ ପଚିଶ ତାରିଖ ହେଲେ ମଧ୍ୟ ମିଟର ରିଡିଂ ହେଲା ନାହିଁ। ନ ହେବାର କାରଣ କ'ଣ ? ସରକାର କ'ଣ କରୋନା ସକାଶେ ଛାଡ଼ କରିଛନ୍ତି କି ? ଯଦି ଛାଡ଼ ହୋଇ ନ ଥିବ ତେବେ ଏକକାଳୀନ ବା ନିର୍ଦ୍ଧାରିତ ସମୟ ପରେ ରିଡିଂ ହେଲେ ଯେଉଁ ଅଧିକ ଟଙ୍କା ପଡ଼ିବ କିଏ ଦେବ ? ଅଯଥା ଉପଭୋକ୍ତା ହଇରାଣ ହେବେ ସିନା, ଯିଏ ପ୍ରତି ମାସରେ ବିଲ୍ ପୈଠ କରି ଯେଉଁ ଛାଡ଼ ପାଉଥିଲେ ସେଥିରେ ବ୍ୟତିକ୍ରମ ହେବ ନାହିଁକି ? ଡେରିରେ ବିଲ୍ ହେଲେ ୫୮ ଲକ୍ଷ ଆସିବ ଏୟାର୍‌ଫିଲ୍ଟର ପଞ୍ଚଗାଁ ଭଳି।

ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା

## ରାମମନ୍ଦିର ସୁରକ୍ଷିତ କରାଯାଉ

ଅଯୋଧ୍ୟାର ରାମମନ୍ଦିର ସୁରକ୍ଷିତ ରଖିବା ପାଇଁ ସୁରକ୍ଷାବଳୟ ନିର୍ମାଣ କରାଯାଉ। ଭବିଷ୍ୟତରେ ଜବରଦଖଲ କିମ୍ବା ଅନାୟାସରେ ଯାତାୟାତ ଉପରେ କଟକଣା ଲଗାଯିବା ଆବଶ୍ୟକ। ସୁପ୍ରିମ୍‌କୋର୍ଟଙ୍କ ରାୟ ଅନୁଯାୟୀ ରେଖାଚିହ୍ନିତ କରି ପାଚେରି ନିର୍ମିତ ହେଉ। ମନୋରଞ୍ଜନ ତଥା ପର୍ଯ୍ୟଟକମାନଙ୍କ ପାଇଁ 'ଅତିଥିଶାଳା' କରାଯାଉ। ଉତ୍ସବାନୁଷ୍ଠାନରେ ଭକ୍ତମାନଙ୍କ ସମାଗମ ଦୃଷ୍ଟିରୁ ମହିଳା ଓ ପୁରୁଷଙ୍କ ସୁବିଧା ହେଉ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

## ଧର୍ତ୍ତବ୍ୟ ଅପରାଧ

କରୋନାରେ ସମଗ୍ର ବିଶ୍ୱ ଆକ୍ରାନ୍ତ। ବର୍ତ୍ତମାନ ସମଗ୍ର ଦେଶରେ ମହାମାରୀ କରୋନା ବିରୋଧରେ ଜୀବନମରଣ ସଂଗ୍ରାମ ଜାରି ରହିଛି। ଏହି ସମୟରେ ନିଜ ଜୀବନକୁ ବିପନ୍ନ କରି ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ସଫେଇକର୍ମଚାରୀ, ପୋଲିସ ତଥା ସରକାରୀ ଓ ବେସରକାରୀ ଜରୁରୀ ସେବା ଯୋଗାଉଥିବା ବ୍ୟକ୍ତିବିଶେଷ ଆମର ସ୍ୱତନ୍ତ୍ର ସମ୍ମାନର ଅଧିକାରୀ। ସୀମାନ୍ତରେ ଜଣେ ଯୋଦ୍ଧା ଶହୀଦ ହେଲେ ଯେଭଳି ଦେଶବାସୀଙ୍କର ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ ହୁଏ, କରୋନା ଯୋଦ୍ଧାମାନଙ୍କ ଭିତରୁ ଯେଉଁମାନେ ଜୀବନ ହରାଉଛନ୍ତି ସେମାନେ ମଧ୍ୟ ସେହିଭଳି ସମ୍ମାନର ଅଧିକାରୀ। ଦୁର୍ଭାଗ୍ୟର ବିଷୟ କରୋନା ସଂଗ୍ରାମରେ ଜୀବନ ହାରୁଥିବା ଡାକ୍ତର, ପୋଲିସ ବା ଅନ୍ୟାନ୍ୟ ଯୋଦ୍ଧାଙ୍କ ମଧ୍ୟରୁ କାହାର ମୃତ୍ୟୁ ଘଟିଲେ ଆପଣା ଗ୍ରାମବାସୀ ସ୍ୱଗ୍ରାମର ଶ୍ମଶାନରେ ସେମାନଙ୍କ ମୃତଦେହ ଦାହ ଇତ୍ୟାଦିକୁ ବିରୋଧ କରୁଛନ୍ତି। ଯେଉଁମାନେ ଏହା ବିରୋଧରେ ଲିପ୍ତ ରହୁଛନ୍ତି ସେମାନଙ୍କ ବିରୋଧରେ କଠୋର ଆଇନଗତ ଦଣ୍ଡବିଧାନ କରାଯାଉ। ଜରୁରୀ ଭିତ୍ତିରେ ଏହା ଏକ ଧର୍ତ୍ତବ୍ୟ ଅପରାଧ ରୂପେ ବିବେଚନା କରାଯାଉ। କରୋନାକୁ ଚାଇନା ଅତି ସଫଳତାର ସହ ମୁକାବିଲା କରିପାରିଛି। ସବୁ ସମସ୍ୟାର ନିଦାନ ରହିଛି। ତେଣୁ କୋଭିଡ୍–୧୯ ପାଇଁ ଛାନିଆ ହେଲେ ଯେ ସମସ୍ୟାର ସୂତ୍ର ବହାରିଯିବ ତାହା ନୁହେଁ। ଏହାକୁ ଖୋଜି ବାହାର କରିବାକୁ ପଡ଼ିଥାଏ। ସେ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରିବା ସହ ପାରସ୍ପରିକ ଅଭିଜ୍ଞତା ବିନିମୟ ହିଁ ଶ୍ରେୟସ୍କର। ଆମର ସଚେତନତା ହିଁ ଆମର ସୁରକ୍ଷା।

ଦେବତ୍ତ୍ୱ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

ବର୍ଜ୍ୟ ବସ୍ତୁର ପୁନଃ ଉପଯୋଗ କରି ପରିବେଶ ରକ୍ଷା କରିବା ସହ କୃଷକମାନଙ୍କୁ ଲାଭ ଦେଉଛନ୍ତି ଆସାମର ସୁମନ ତରଣ। ସେ ଗହମ ନଡ଼ାରୁ ପ୍ରସ୍ତୁତ କରୁଛନ୍ତି ଷ୍ଟ୍ର। ପ୍ଲାଷ୍ଟିକ ଷ୍ଟ୍ର ମାଟିରେ ମିଶିବା ଲାଗି ୨୦୦ ବର୍ଷ ଲାଗୁଥିବାବେଳେ ଏହି ଷ୍ଟ୍ର ମାତ୍ର ୬ ମାସରେ ମିଶିଯାଉଛି। ବଜାରରେ ଉପଲବ୍ଧ ଧାତବ, ବାଉଁଶ ଓ ପେପର ଷ୍ଟ୍ରର ଦାମଠାରୁ ଏହା ପୂରା ଶସ୍ତା। ଏହାର ମୂଲ୍ୟ ରଖିଛନ୍ତି ୧ ଟଙ୍କା। ଗହମ କାଟି ନେବା ପରେ ବିଲରେ କୃଷକମାନେ ନଡା ପୋଡି ପରିବେଶକୁ ପ୍ରଦୂଷଣ କରିଥାନ୍ତି। ସୁମନ ଏହି ସମସ୍ୟାର ସମାଧାନ କରିବା ଲାଗି ସେମାନଙ୍କଠାରୁ ତାହାକୁ କିଣି ଆଣି ସେଥିରୁ ଷ୍ଟ୍ର ପ୍ରସ୍ତୁତ କରୁଛନ୍ତି। ସୁମନଙ୍କୁ ବର୍ତ୍ତମାନ ବୟସ ୨୮। ସେ କମ୍ପ୍ୟୁଟର ଆପ୍ଲିକେଶନରେ ଡିଗ୍ରୀ କରିଛନ୍ତି। 'ସେଭେନ ସିଷ୍ଟର କ୍ରାଫ୍ଟ' ବ୍ରାଣ୍ଡରେ ସେ ଏହି ଷ୍ଟ୍ରକୁ ବିକ୍ରି କରୁଛନ୍ତି। ଏହାକୁ ସେ ୨୦୧୮ରେ ଆରମ୍ଭ କରିଥିଲେ। କେବଳ ଏତିକି ନୁହେଁ ସେ ବାଉଁଶର ବୋତଲ, ଟୁଥ୍‌ବ୍ରଶ, ମଗ୍ ଓ ଅସବାବପତ୍ର ମଧ୍ୟ ତିଆରି କରି ଏହି ବ୍ରାଣ୍ଡରେ ବିକ୍ରି କରୁଛନ୍ତି। ଏଥିରେ ୧୦୦୦ଡିଜାଇନର ୫୦୦ ଉତ୍ପାଦର ବିକ୍ରି କରୁଛନ୍ତି। ଏଥିପାଇଁ ବିଭିନ୍ନ ଗାଁରେ ୧୩୦୦ ଲୋକଙ୍କୁ ବି ନିଯୁକ୍ତି ଦେଇଛନ୍ତି। ସେ ଆମେରିକା ଓ ଅଷ୍ଟ୍ରେଲିଆରୁ ବେଶି ଅର୍ଡର ପାଉଛନ୍ତି। ଏବେ ୫୦,୦୦୦ ଷ୍ଟ୍ର ବିକ୍ରି କରିସାରିଲେଣି। ସେ ବର୍ଷକୁ ୫ ଟନ୍ ଗହମ ନଡା ବର୍ଜ୍ୟକୁ ଉପଯୋଗ କରିବାର ଲକ୍ଷ୍ୟ ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୯ ଅଗଷ୍ଟ ୧୯୯୫

- ତରଇସସଲାମରେ ଥିବା ସମସ୍ତ ଶରଣାର୍ଥୀଙ୍କୁ ବିନା ସର୍ତ୍ତରେ ଗ୍ରହଣ କରିନେବା ପାଇଁ ରୁଆଣ୍ଡା ସରକାର ରାଜି ହୋଇଥିବା ଦେଶର ଉପରାଷ୍ଟ୍ରପତି ସୂଚନା ଦେଇଛନ୍ତି।
- ବ୍ରିଟେନ ଆଥଲେଟ୍ ଜୋନାଥନ ଏଡ୍‌ୱାର୍ଡ ବିଶ୍ୱ ଆଥଲେଟିକ୍ ମିଟ୍ ପୁରୁଷ ଟ୍ରିପଲ ଜମ୍ପ ଇଭେଣ୍ଟରେ ୧୮.୨୯ ମିଟର ଜମ୍ପ କରି ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି।

## ଚିରନ୍ତନୀ

ଆଜି ଖାଲି କହେ କଥା
ଚଉପାଶେ ନୀରବତା
ହୃଦୟର ଦୁକ୍ ଦୁକ୍ ଶୁଭଇ
ନିଃଶ୍ୱାସ ଅତି ଧୀରେ ରାବଇ।
(ଶରତ–ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | | C | | 4 | | | | D | | | B | | E | |
| | A | | 1 | | | 3 | E | | | 2 | | | | |
| | 2 | | | 5 | E | | | | | 6 | A | | | 9 |
| | | | | | 7 | 5 | | B | | E | D | | | 4 |
| | | 5 | | | | 6 | | | | | | | B | |
| C | | | E | 6 | 1 | 4 | 3 | | | B | 9 | | | A |
| | 6 | | 4 | | | A | 9 | | | | 5 | | | |
| | | | | | | | | 0 | 4 | | | 2 | | 5 |
| E | | | | | | | | 1 | | | | 0 | | 3 |
| 3 | | | | A | | | D | 7 | | | | | 6 | 1 |
| A | C | 8 | | | | | | | | | | | 2 | 7 |
| 6 | | | | D | | 9 | | | C | A | 3 | 4 | | E |
| | 7 | 0 | | C | | | 4 | | | | | | | D |
| | | 1 | 8 | | 6 | | | | | | | | 3 | |
| | | | | | 9 | 7 | | | | 5 | 0 | | C | B |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | E | B | D | 0 | 4 | 6 | 1 | 8 | 9 | 7 | A | C | 5 | 3 |
| A | 7 | 5 | 1 | 6 | 2 | E | C | 9 | B | 8 | 3 | 4 | 0 | D |
| 4 | 6 | 3 | E | 5 | 8 | 0 | 2 | B | 1 | D | C | 9 | 7 | A |
| D | C | 1 | B | 7 | 9 | A | 4 | 3 | 0 | 5 | E | 8 | 6 | 2 |
| 9 | 8 | 0 | C | 3 | A | D | 5 | 7 | 6 | 2 | 4 | 1 | E | B |
| 0 | 5 | 7 | A | 8 | B | 2 | D | C | 3 | 4 | 9 | 6 | 1 | E |
| E | 4 | A | 3 | 2 | C | B | 9 | 1 | 5 | 6 | 8 | 0 | D | 7 |
| B | 2 | D | 9 | E | 0 | 8 | 6 | 5 | 7 | A | 1 | 3 | 4 | C |
| 3 | 9 | 8 | 7 | 1 | 6 | 4 | A | E | D | C | 0 | B | 2 | 5 |
| C | 1 | 6 | 4 | A | 5 | 3 | E | 2 | B | 9 | 7 | D | 8 | 0 |
| 5 | B | E | 2 | 9 | 1 | 0 | D | 7 | 8 | 3 | 6 | A | C | 4 |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |

ଗତକାଲିର ଉତ୍ତର

# ୱାର୍କ ଫ୍ରମ୍ ହୋମ୍



ବର୍ତ୍ତମାନ କୋଭିଡ୍-୧୯ ସଂକ୍ରମଣ ରୋକିବା ଲାଗି ଅନେକ ଅଫିସ୍ ବିଶେଷ କରି ସଫ୍ଟୱେର କମ୍ପାନୀଗୁଡିକର ଏମ୍ପ୍ଲୋଇମାନଙ୍କୁ ୱାର୍କ ଫ୍ରମ୍ ହୋମ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ବାହାରକୁ ନ ଯାଇ ଘରେ ରହି କାମ କରିବା କାହା ଲାଗି ବେଶ୍ ସୁବିଧାଜନକ ଓ ଆରାମଦାୟକ ହେଉଥିବା ବେଳେ କାହା ଲାଗି ଘର କାମ ସହ ଅଫିସ୍ କାମ କଷ୍ଟକର ହୋଇପଡୁଛି। ଏମିତିରେ କେବେ କେବେ ଆରାମଦାୟକ ପରିବେଶ ଲାଗି ହେଉ ଅବା ଥକା ଲାଗିବା କାରଣରୁ ଆସିଥାଏ ନିଦ, ଯାହାଦ୍ୱାରା କାମ ବ୍ୟାହତ ହୁଏ, ଆଉ ପରବର୍ତ୍ତୀ ସମୟରେ ଏଥିପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ। ତେଣୁ ୱାର୍କ ଫ୍ରମ୍ ହୋମ୍ କରୁଥିଲେ କେତେକ ଦିଗ ପ୍ରତି ସଜାଗ ରହିବା ଆବଶ୍ୟକ.........


- ପ୍ରଥମ କଥା ହେଉଛି ଘରେ କେଉଁ ସ୍ଥାନରେ ବସି କାମ କଲେ ଆପଣ ଡିଷ୍ଟର୍ବ ନ ହେବେ ତାହା ବାଛିନିଅନ୍ତୁ। ଅଫିସ୍ ଭଳି ଘରେ ମଧ୍ୟ ସମୟସୀମା ମଧ୍ୟରେ କିପରି କାମ ସାରିପାରିବେ ସେଥିପ୍ରତି ଗୁରୁତ୍ୱ ଦିଅନ୍ତୁ। ଘରେ ଥିବାରୁ ଆଳସ୍ୟବଶତଃ କାର୍ଯ୍ୟକୁ ଟାଳିବା ବା ପରେ କରିବା ଭାବି ଅବହେଳା କରନ୍ତୁ ନାହିଁ। ନଚେତ୍ ଆଜିର କାମ କାଲିକୁ, କାଲିର କାମ ପରେ କରିବା ଭାବୁ ଭାବୁ ଅନେକ ନୂଆ କାମ ଆସି ପହଞ୍ଚିଯିବ। ଏବଂ ଯଥା ସମୟରେ ପୁରୁଣା କାମ ନ ସରି ସବୁଦିନ ଲାଗି ଅପୂର୍ଣ୍ଣ ରହିଯିବ। ଆଉ ଏଥିପାଇଁ ଅଫିସ୍‌ରେ ଅପଦସ୍ଥ ହେବା ସହ ଦରମା କମ୍ ମିଳିବା କିମ୍ବା ଜବ୍ ଯିବାର ଆଶଙ୍କାକୁ ବି ଏଡାଯାଇ ନ ପାରେ। ତେଣୁ ୱାର୍କ ଫ୍ରମ୍ ହୋମ୍‌ରେ ନିଜର ପ୍ରତ୍ୟେକ କାର୍ଯ୍ୟକୁ ତତ୍ପରତାର ସହ ସମ୍ପାଦନ କରନ୍ତୁ।

- ଅନେକେ ଘରେ କାମ କରୁଥିବାରୁ ଅନେକେ ସୋଫା, ବେଡ୍ ଆଦି ଉପରେ ଆରାମରେ ବସି ବା ଶୋଇ କାମ କରିଥାନ୍ତି। ହେଲେ ବେଳେ ବେଳେ ବସିବାର ସ୍ଥିତି ଯୋଗୁ ମଧ୍ୟ ଅଳସୁଆ ବା ମାନ୍ଦା ଲାଗିବା ଯୋଗୁ ନିଦ ଆସିଥାଏ ଏବଂ କାମରେ ବାଧା ଉପୁଜିଥାଏ। ତେଣୁ ଅଫିସ୍ କାମ କରିବା ସମୟରେ ଟେବ୍‌ଲ, ଚେୟାର୍ ବ୍ୟବହାର କରିବା ଭଲ। ତଥାପି ନିଦ ଲାଗୁଥିଲେ ଗୋଟିଏ ସ୍ଥାନରେ ଅଧିକ ସମୟ ବସି ନ ରହି କିଛି ସମୟ ଉକ୍ତ ସ୍ଥାନରୁ ଉଠି ଯାଆନ୍ତୁ। ମୁହଁକୁ ଥଣ୍ଡା ପାଣିରେ ଧୋଇଦିଅନ୍ତୁ। ମଝିରେ ଚା କିମ୍ବା କଫି ପିଇଲେ ମୁଡ୍ ଫ୍ରେଶ୍ ଲାଗିବା ସହ ନିଦ ଛାଡିଯିବ। ଆପଣ ଚାହିଁଲେ ନିଦ ନ ଆସିବା ଲାଗି କାମ ମଝିରେ କିଛି ହାଲୁକା ଜଳଖିଆ ବା ସ୍ନାକ୍ସ ଖାଇପାରିବେ।

- କାମ ମଧ୍ୟରେ ଆପଣ ଚାହିଁଲେ ଆଳସ୍ୟ କିମ୍ବା ନିଦ ଦୂର କରିବା ଲାଗି ଅଳ୍ପ ସମୟ ଘରକାମରେ ସାହାଯ୍ୟ ହେଉ ଅବା ନିଜେ ଘରକାମ କରିପାରିବେ। ପୁନର୍ବାର ଭଲ ଭାବେ କାମ କରିବା ଲାଗି ଅଳ୍ପ ସମୟ ବିରତି ନେଇ ଘରେ ଛୋଟ ପିଲା କିମ୍ବା ପୋଷା ଜୀବଜନ୍ତୁ ଥିଲେ ତାଙ୍କ ସହ କିଛି ସମୟ ବିତାଇ ପାରିବେ। ଏହାଦ୍ୱାରା ଆପଣ ପୁନର୍ବାର ଆକ୍ଟିଭ୍ ହୋଇ କାମକୁ ଫେରିଯାଇ ପାରିବେ। ହେଲେ ଏହି ଆଳରେ ଯେପରି ଅଧିକ ସମୟ ନଷ୍ଟ ନ ହୁଏ ଏବଂ ଅଫିସ୍ କାମ ସାରିବା ବିଳମ୍ବ ନ ହୁଏ ସେଥିପ୍ରତି ଯତ୍ନଶୀଳ ହେବା ଆବଶ୍ୟକ।

- ୱାର୍କ ଫ୍ରମ୍ ହୋମ୍ ଥିବାରୁ ଅନେକେ ଦିନରେ ନ କରି ଅଫିସ୍ କାମ ରାତିରେ ସାରିବାକୁ ଚେଷ୍ଟା କରନ୍ତି। ହେଲେ ଏହାଦ୍ୱାରା ନିଦ୍ରା ବ୍ୟାହତ ହୋଇଥାଏ। ଫଳରେ ମସ୍ତିଷ୍କ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡିଥାଏ। ତେଣୁ ରାତିରେ ପର୍ଯ୍ୟାପ୍ତ ନିଦ୍ରା ନେବା ଦ୍ୱାରା ମସ୍ତିଷ୍କ ଆକ୍ଟିଭ୍ ହୋଇଯାଏ ଏବଂ ଦିନରେ ଭଲ ଭାବେ ଅଫିସ୍ କାମ କରିବା ସହଜ ହୋଇଥାଏ।

- ଘରକାମ ସହ ଅଫିସ୍ କାମର ଚାପ ବଶତଃ ହେଉ ଅବା କାମ ସରିଲେ ଖାଇବା ଭାବି ଅବହେଳା ଯୋଗୁ ଅନେକେ ଖାଇବାକୁ ଅବହେଳା କରିବସନ୍ତି। ଫଳରେ ଶରୀରକୁ ଆବଶ୍ୟକ ମାତ୍ରାରେ ଏନର୍ଜି ନ ମିଳିବାରୁ ଶରୀର ମାନ୍ଦା ଅନୁଭବ କରିଥାଏ ଏବଂ କାମ କରିବା ସମୟରେ ନିଦ ଆସିଥାଏ। ତେଣୁ ୱାର୍କ ଫ୍ରମ୍ ହୋମ୍ ଆଳରେ ଖାଦ୍ୟକୁ ଆଦୌ ଅବହେଳା କରନ୍ତୁ ନାହିଁ। ଠିକ୍ ସମୟରେ ଖାଇବା, ପାଣି ପିଇବା ଦ୍ୱାରା ଶାରୀରିକ ଏବଂ ମାନସିକ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଥାଏ। ଅପରପକ୍ଷେ ଅନେକେ ଘରେ ଥିବା ଯୋଗୁ କାମ ମଝିରେ ଟିକେ ଟିକେ ଖାଉ ଖାଉ ଆବଶ୍ୟକରୁ ଅଧିକ ଖାଇଦିଅନ୍ତି ଏବଂ ଏହା ହିଁ ସେମାନଙ୍କୁ ମାନ୍ଦା କରିବା ସହ କାମ କରିବାରେ ଅସୁବିଧା କରାଇଥାଏ। ତେଣୁ ମଧ୍ୟାହ୍ନ ଖାଦ୍ୟକୁ ଯଥାସମ୍ଭବ ହାଲୁକା ଏବଂ ପୁଷ୍ଟିକର କରିବାକୁ ଚେଷ୍ଟା କରନ୍ତୁ।





**ପ୍ରତ୍ୟେକ କର୍ମଜୀବୀଙ୍କ ଲାଗି କାର୍ଯ୍ୟକ୍ଷେତ୍ରରେ ରହିଥାଏ ଏକ ଗାଇଡ୍‌ଲାଇନ୍। ଅଫିସ୍‌ରେ ହେଉ ଅବା କରୋନା ଲାଗି ଘରେ ୱାର୍କ ଫ୍ରମ୍ ହୋମ୍ କରୁଥିବା କର୍ମଜୀବୀଙ୍କ ଲାଗି ସମାନ ଭାବେ ଲାଗୁ ହୋଇଥାଏ ସମାନ ନିୟମ। ତେଣୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସର୍ବଦା ତତ୍ପର ଏବଂ କ୍ରିୟାଶୀଳ ହୋଇ ସମସ୍ତ କାର୍ଯ୍ୟ ସମାପ୍ତ କରିବା ତାଙ୍କୁ ଦେଇଥାଏ ଏକ ଦକ୍ଷ କର୍ମଚାରୀର ପରିଚୟ। ହେଲେ ୱାର୍କ ଫ୍ରମ୍ ହୋମ୍ ସମୟରେ କେବେ କେବେ ସାମାନ୍ୟ ଅବହେଳା ନା କେବଳ କାମରେ ବ୍ୟାହତ ସୃଷ୍ଟି କରିଥାଏ ବରଂ ବ୍ୟକ୍ତିତ୍ୱ ଉପରେ ବି ପକାଇଥାଏ ନକାରାତ୍ମକ ପ୍ରଭାବ...**

## କ'ଣ କୁହନ୍ତି ଏମାନେ...

**ସଂଗ୍ରାମ ବେହେରା(କର୍ମଜୀବୀ, କଟକ)-** ବର୍ତ୍ତମାନ କରୋନା ମହାମାରୀ ଲାଗି ୱାର୍କ ଫ୍ରମ୍ ହୋମ୍ କରିବାକୁ ପଡୁଛି। ଏଥିରେ ଯେତିକି ସୁବିଧା ହେଉଛି ସେତିକି ଅସୁବିଧା ମଧ୍ୟ। ଏଠାରେ ଟାର୍ଗେଟ୍ ପୂରା ନ ହୋଇପାରିବା କାରଣରୁ ଦରମା କମ୍ ଏବଂ ଟେନ୍‌ସନ୍ ଅଧିକ ରହୁଛି। ତା'ଛଡା ଆମ ଅଫିସ୍‌ର ସବୁ ଏମ୍ପ୍ଲୋୟୀ ୱାର୍କ ଫ୍ରମ୍ ହୋମ୍ କରି ପାରୁ ନ ଥିବାରୁ ଆମ ଉପରେ ୱାର୍କ ଲୋଡ୍ ଅଧିକ ରହୁଛି। ତଥାପି ଘରେ ଥିଲେ ସୁଦ୍ଧା କାମରେ କେବେ ଅବହେଳା ନ କରି ସମସ୍ତ କାମ ଯଥା ସମୟରେ ସାରିବାକୁ ଚେଷ୍ଟା କରୁଛି।

**ପ୍ରାଚୀନ ମିଶ୍ର(କର୍ମଜୀବୀ, କଟକ)-** ବିଶ୍ୱବ୍ୟାପୀ ମହାମାରୀ ଏମିତି ପରସ୍ଥିତି ସୃଷ୍ଟି କରିଛିଯେ, ଯେଉଁଥିପାଇଁ ଆମ ଭଳି ଅନେକଙ୍କୁ ୱାର୍କ ଫ୍ରମ୍ ହୋମ୍ କରିବାକୁ ବାଧ୍ୟ ହେବାକୁ ପଡୁଛି। ତେବେ ସତ କହିବାକୁ ଗଲେ ଏହାଦ୍ୱାରା ମତେ ବହୁତ ସୁବିଧା ହେଉଛି। ପ୍ରଥମତଃ ବାହାରକୁ ଯିବା ତଥା ଅନ୍ୟମାନଙ୍କ ଠାରୁ ନିଜକୁ କିମ୍ବା ନିଜଠୁ ଅନ୍ୟମାନଙ୍କୁ ରୋଗ ସଂକ୍ରମଣର ଭୟ ନାହିଁ। ତା'ଛଡା ଘରେ କାମ କରିବାର ସୁଯୋଗ ମିଳିଥିବାରୁ ପରିବାରକୁ ବି ଯଥେଷ୍ଟ ସମୟ ଦେଇ ହେଉଛି। ତେଣୁ ଏସବୁ ସୁବିଧାର ଆଦୌ ଦୁରୋପଯୋଗ କରୁନାହିଁ। ଘରେ ଥିବାରୁ ଅଳସୁଆମୀ ନ କରି ଅଫିସ୍ କାମ ପାଇଁ ଆବଶ୍ୟକ ସମୟ ଦେଉଛି।



ପ୍ରାଚୀନ ମିଶ୍ର



ସଂଗ୍ରାମ ବେହେରା

## ଏ ସପ୍ତାହର ପ୍ରଶ୍ନ

୧- ଇଣ୍ଡିଆନ୍ କାଉନ୍ସିଲ୍ ଫର୍ କଲ୍‌ଚରାଲ୍ ରିଲେସନ୍ସର ହେଡ୍‌କ୍ୱାର୍ଟର.............. ?
୨- ............. ରାଜ୍ୟ ପକ୍ଷରୁ ଇ-ରକ୍ଷାବନ୍ଧନ ନାମରେ ଏକ ସାଇବର କ୍ରାଇମ୍ ଆୱାରନେସ୍ ପ୍ରୋଗ୍ରାମ ଲଞ୍ଚ କରାଯାଇଛି ?
୩- ଭାରତର ............. ସହରରେ ଗ୍ଲୋବାଲ୍ ହେଲ୍‌ଥ୍ କେୟାର ସମିତି, ୨୦୨୧ ଅନୁଷ୍ଠିତ ହେବ ?
୪- 'ଦି ୱିନିଙ୍ଗ୍ ସିକ୍ରେଟ୍' ପୁସ୍ତକର ଲେଖକ.................. ?
୫- .............. ତାରିଖରେ ନ୍ୟାଶନାଲ କନ୍‌ଜ୍ୟୁମର ଡେ' ପାଳନ କରାଯାଏ ?

## ଗତ ଥରର ଉତ୍ତର

୧ ଗାନ୍ଧୀ: ଦି ରାଇଟର୍ସ ରାଇଟର
୨ ମାନବ ସମ୍ବଳ ବିକାଶ
୩ କେଣ୍ଟୋ ମେମୋଟା
୪ ଜମ୍ମୁ କଶ୍ମୀର
୫ ୮ଟି

## ଉତ୍ତରଦାତା



ଧନପତି ମାଝି, କୋରାପୁଟ



ଚନ୍ଦନ ଗୁପ୍ତା କଳାହାଣ୍ଡି



ଅଖିଳେଶ ମହାପାତ୍ର, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

ଯୁବ ପ୍ରତିଭା

## ଦରଦୀଙ୍କ ବନ୍ଧୁ ପିଙ୍କୁ

ପିଲା ବେଳୁ ସମାଜ ସେବା ପ୍ରତି ତାଙ୍କର ଆଗ୍ରହ । ବୟସ ବଢିବା ସହିତ ଏହା ତାଙ୍କ ନିଶାରେ ପରିଣତ ହୋଇଛି। ରାସ୍ତାକଡରେ ଭୋକିଲାଙ୍କୁ ଖାଦ୍ୟ ଯୋଗାଇ ଦେବା ହେଉ କି ଅସହାୟଙ୍କୁ ସାହାଯ୍ୟ ପୁଣି ପରିବେଶ ସୁରକ୍ଷା, ଜୀବଜନ୍ତୁଙ୍କ ସେବା ଏପରି କି ଅସହାୟ ଲୋକଙ୍କ ଶବ ସତ୍କାର ଦିଗରେ ତାଙ୍କ କାର୍ଯ୍ୟ ପ୍ରଶଂସନୀୟ। ଏଭଳି ଜଣେ ଯୁବ ପ୍ରତିଭା ହେଉଛନ୍ତି ପୁରୀ ସିଦ୍ଧ ମହାବୀର ପାଟଣା ଅଞ୍ଚଳର ମା' ପୁଷ୍ପଲତା ଓ ବାପା ବାସୁଦେବଙ୍କ ଏକମାତ୍ର ପୁଅ ଜ୍ୟୋତି ରଞ୍ଜନ(ପିଙ୍କୁ)।



ଜ୍ୟୋତି ରଞ୍ଜନ

ତୁଳସୀ ଦୁଇ ପତ୍ରରୁ ବସିଲା ପରି ପିଲାବେଳୁ ତାଙ୍କ ସେବା ଭାବ ପରିସ୍ଫୁଟ ହୋଇଥିଲା। ମାଆବାପାଙ୍କ ପ୍ରେରଣା ତାଙ୍କୁ ଏ ଦିଗରେ ଆଗେଇ ଯିବାରେ ସାହାଯ୍ୟ କଲା। ପାଠପଢା ସମୟରେ ସାଙ୍ଗସାଥୀଙ୍କୁ ଧରି ବିଦ୍ୟାଳୟ ବାତାବରଣ ସ୍ୱଚ୍ଛତା, ଚାରାରୋପଣ କରି ପରିବେଶ ସୁରକ୍ଷା ଆଦି କାର୍ଯ୍ୟ କରି ଆସିଛନ୍ତି। ସିଦ୍ଧ ମହାବୀର ପାଟଣା ରେଳଧାରଣାରେ ଫ୍ଲାଇ ଓଭର ବ୍ରିଜ ନିର୍ମାଣ ଲାଗି ପୁରୀବାସୀ ଦୀର୍ଘଦିନର ସ୍ୱପ୍ନ ସାକାର ଲାଗି ୨୦୧୯ମସିହା ମାର୍ଚ୍ଚରୁ ମେ ପର୍ଯ୍ୟନ୍ତ ସକାଳଠାରୁ ରାତି ଏକାଧିକ ସାଥୀଙ୍କୁ ଧରି ରେଳ ଫାଟକରେ ଠିଆ ହୋଇ ୧ଲକ୍ଷ ଦସ୍ତଖତ ସଂଗ୍ରହ କରିଥିଲେ। ଫ୍ଲାଇ ଓଭରବ୍ରିଜ ନିର୍ମାଣ ଲାଗି ପ୍ରଧାନମନ୍ତ୍ରୀଙ୍କୁ ଦସ୍ତଖତ ସମ୍ବଳିତ ଦାବିପତ୍ର ଦେବା ଲାଗି ପାଦରେ ଚାଲି ଚାଲି ଦୀର୍ଘ ୧୭ଶହରୁ ଉର୍ଦ୍ଧ୍ୱ କିମି ଅତିକ୍ରମ କରି ପୃଷ୍ଠ ପରିବହନ ମନ୍ତ୍ରୀ ଏବଂ ପେଟ୍ରୋଲିୟମ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

କେବଳ ଏତିକି ନୁହେଁ, ପୁରୀ ସହରରେ ଷ୍ଟେସନ, ବସଷ୍ଟାଣ୍ଡ, ବେଳାଭୂମି, ବଡଦାଣ୍ଡ ପ୍ରଭୃତି ରାସ୍ତାକଡ଼ରେ ଆଶ୍ରୟ ନେଇଥିବା ଭୋକିଲା ଗରିବଙ୍କୁ ସେ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଖାଦ୍ୟ ଯୋଗାଇ ଦେଉଛନ୍ତି। ଜ୍ୟୋତି କୁହନ୍ତି, ଥରେ ଏକ ଭୋଜିରେ ବଳକା ଖାଦ୍ୟକୁ ଆୟୋଜକମାନେ ଫୋପାଡିବାକୁ ନେଉଥିଲେ। ମୁଁ ଏବଂ ମୋର କେତେ ଜଣ ସାଥି ମିଶି ତାହାକୁ ସଂଗ୍ରହ କରି ଷ୍ଟେସନ କଡରେ ରାତ୍ରୀଯାପନ କରୁଥିବା ଲୋକଙ୍କୁ ବାଣ୍ଟି ଥିଲୁ, ଯାହାକୁ ସେମାନେ ଅତି ଆଗ୍ରହ ସହ ଖାଇଥିଲେ। ସେବେଠୁ ଯେପରି କେହି ଭୋକରେ ନ ଶୁଅନ୍ତି, ସେଥିଲାଗି ସହରର ବିଭିନ୍ନ ସ୍ଥାନରେ ହେଉଥିବା ମାଙ୍ଗଳିକ କାର୍ଯ୍ୟ, ବିବାହ, ବ୍ରତ ତଥା ଅନ୍ୟାନ୍ୟ କାର୍ଯ୍ୟରେ ବଳିପଡୁଥିବା ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲୁ। ଏଥିଲାଗି ବହୁ ରାତ୍ରି ଅନିଦ୍ରା ରହିବାକୁ ପଡିଛି, କେତେ କଷ୍ଟ ସହିବାକୁ ପଡିଛି, ତଥାପି ଅଭିଯାନ ଜାରି ରହିଛି।

ସେବା କାର୍ଯ୍ୟକୁ ଆଗକୁ ନେବା ଏବଂ ଅନ୍ୟଙ୍କୁ ଯୋଡିବା ଲକ୍ଷ୍ୟ ନେଇ ସେ ଏପ୍ରିଲ ୨୦୧୮ ମସିହାରେ ଜନ ଜାଗରଣ ମଞ୍ଚ ନାମରେ ଏକ ଅନୁଷ୍ଠାନ ଗଠନ କରିଛନ୍ତି। ଏହି ଅନୁଷ୍ଠାନରେ ବର୍ତ୍ତମାନ ତାଙ୍କ ସହ ୩ ଶହରୁ ଉର୍ଦ୍ଧ୍ୱ ଯୁବକ ଯୋଡି ହୋଇ ବିଭିନ୍ନ କାର୍ଯ୍ୟରେ ସହଯୋଗ କରୁଛନ୍ତି। ତାଙ୍କ ଅନୁଷ୍ଠାନ ପକ୍ଷରୁ ଜାଗରରେ ଶ୍ରୀ ଲୋକନାଥଙ୍କ ପୀଠରେ ଶ୍ରଦ୍ଧାଳୁଙ୍କୁ ଅନ୍ନ ଓ ଜଳଛତ୍ର ଏବଂ ପ୍ରାଥମିକ ଚିକିତ୍ସା ଏବଂ ରଥଯାତ୍ରାରେ ଜଳସେଚନ ସେବା ଯୋଗାଇ ଦେଉଛନ୍ତି। ଏହା ବ୍ୟତୀତ ରକ୍ତଦାନ ଶିବିର ଆୟୋଜନ କରିବା, ବୃକ୍ଷ ରୋପଣ, ପରିବେଶ ସ୍ୱଚ୍ଛତା, ବେଳାଭୂମିକୁ ପରିଷ୍କାର ରଖିବା ଲାଗି ମୋ ବିଚ୍ ସ୍ୱଚ୍ଛତା ଅଭିଯାନ ସହ ଅସହାୟଙ୍କ ଲାଗି ମାଗଣା ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରୁଛନ୍ତି। ବର୍ତ୍ତମାନ କରୋନା ଲାଗି ଚାଲିଥିବା ଲକ୍‌ଡାଉନ୍, ଶଟ୍‌ଡାଉନ୍ ସମୟରେ ନିଜସ୍ୱ ଖର୍ଚ୍ଚରେ ଅସହାୟ ମଣିଷ ଏବଂ ଗୋରୁଙ୍କୁ ରନ୍ଧା ଖାଦ୍ୟ ପ୍ରଦାନଠାରୁ ଆରମ୍ଭ କରି ବିଭିନ୍ନ ଜନହିତକର କାର୍ଯ୍ୟ କରି ଯୁବପିଢିଙ୍କ ଲାଗି ଆଦର୍ଶ ପାଲଟିଛନ୍ତି।



ଅସହାୟଙ୍କୁ ଖାଦ୍ୟ ଯୋଗାଇ ଦେଉଛନ୍ତି ଜ୍ୟୋତି

**- ପ୍ରଭାତ ପାଣିଗ୍ରାହୀ**

ଜାଣନ୍ତୁ ଦୁନିଆ


# ଇମୋଜି

**ବର୍ତ୍ତମାନ ୱାର୍ଡ ବା ଟେକ୍ସଟ ତୁଳନାରେ ସୋସିଆଲ୍ ସାଇଟ୍‌ରେ ମେସେଜ୍, ଷ୍ଟାଟସ୍ ହେଉ ଅବା କମେଣ୍ଟ ଲାଗି ଇମୋଜି ଅଧିକ ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି। ତେବେ ୱାର୍ଡଠାରୁ ଅଧିକ ଏକ୍ସପ୍ରେସିଭ୍, ଆଇକ୍ୟାଚି ଏବଂ ଫନି ଲାଗୁଥିବା ଏହି ଭିଜୁଆଲ୍ ଶର୍ଟକଟ୍ ଇମୋଜି ବିଷୟରେ ଆସନ୍ତୁ ଜାଣିବା କିଛି ଜଣା ଅଜଣା ତଥ୍ୟ...**

- ଇମୋଜି ପ୍ରଥମେ ଜାପାନର ଜଣେ ମୋବାଇଲ କମ୍ପାନୀ କର୍ମଚାରୀ ଶିଗେଟାକା କୁରିଟାଙ୍କ ଦ୍ୱାରା ଆରମ୍ଭ ହୋଇଥିଲା, ଯେଉଁଥିପାଇଁ ତାଙ୍କୁ ଇମୋଜିର ଜନକ ବୋଲି ମଧ୍ୟ କୁହାଯାଇଥାଏ।
- ଶିଗେଟାକା ଖବରକାଗଜ ଏବଂ ଟେଲିଭିଜନରେ ପାଣିପାଗ ସୂଚନା ଲାଗି ଶବ୍ଦ ବଦଳରେ ଦିଆଯାଉଥିବା ସିମ୍ବଲଗୁଡିକୁ ଦେଖି ମଣିଷର ଭାବକୁ ଶବ୍ଦ ବଦଳରେ ଚିତ୍ର ମାଧ୍ୟମରେ ପ୍ରକାଶ କରିବାକୁ ଉଦ୍ୟମ କରିଥିଲେ। ତେଣୁ ସେ ଇ+ମୋଜି ଅର୍ଥାତ୍ ପିକ୍ଚର+କ୍ୟାରେକ୍ଟର ବା ଚିତ୍ର+ଚରିତ୍ରକୁ ନେଇ ଇମୋଜି ଆରମ୍ଭ କରିଥିଲେ।
- ପ୍ରଥମେ ନିଜର ଏକ ଟିମ୍‌ଙ୍କ ସହାୟତାରେ ସେ ୧୭୬ଟି ଇମୋଜି ପ୍ରସ୍ତୁତ କରିଥିଲେ, ଯେଉଁଥିରେ ସେ କେବଳ ମୁହଁରେ ବିଭିନ୍ନ ଭାବ ଥିବା ଚିତ୍ରକୁ ନେଇଥିଲେ। ପରେ ପୋଲିସ ଓ କନ୍‌ଷ୍ଟ୍ରକ୍ସନ କର୍ମଚାରୀମାନଙ୍କ ସିମ୍ବଲକୁ ପୁରୁଷ ଭାବେ ଏବଂ ମହିଳା ଅଧିକ ଶପିଂ ଏବଂ ବିୟୁଟିପାର୍ଲର ଯାଉଥିବାରୁ ସେମାନଙ୍କ ଚରିତ୍ରରେ କେଶ କାଟୁଥିବା କିମ୍ବା ମସାଜ ନେଉଥିବାର ଚିତ୍ର ଦେଇଥିଲେ।
- ଧୀରେ ଧୀରେ ଶବ୍ଦ ପରିବର୍ତ୍ତେ ଏସବୁ ସିମ୍ବଲ ଲୋକାଦୃତ ହେବାକୁ ଲାଗିଲା। ଆରମ୍ଭରେ ଏହା ଡୋକୋମୋ ଏବଂ ପରେ ୨୦୦୭ରେ ମୋବାଇଲ୍ ଟେକ୍ନୋଲୋଜିରେ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଆଣିଲା। କ୍ରମଶଃ ଏକାଧିକ ଟେଲିକମ୍ କମ୍ପାନୀର ନେଟୱର୍କ ସାଙ୍ଗକୁ ସ୍ମାର୍ଟଫୋନ୍‌ର ବହୁଳ ବ୍ୟବହାରଏହାକୁ ଅଧିକ ଲୋକପ୍ରିୟ କରିଦେଲା।



- ବିଶେଷ କରି ୨୦୧୧ରେ ଆପ୍‌ଲ ଦ୍ୱାରା ଇମୋଜି କିବୋର୍ଡ ବା 'ଟ୍ୟାପ୍ ଟୁ ରିପ୍ଲେସ୍ ଇମୋଜି ଇନ୍ ଆଇଓଏସ୍' ଫିଚର ଆରମ୍ଭ ହେବା ପରଠୁ ଏହା ଅଧିକ ବ୍ୟବହାର ହେଲା।
- ବର୍ତ୍ତମାନ ମଣିଷର ପ୍ରତ୍ୟେକ କାର୍ଯ୍ୟଠାରୁ ଆରମ୍ଭ କରି ଭାବ ପର୍ଯ୍ୟନ୍ତ ସିମ୍ବଲର ଉଭୟ ମେଲ୍ ଏବଂ ଫିମେଲ୍ ଭର୍ସନ ସହିତ ଏକାଧିକ ସ୍କିନ୍‌ଟୋନ ମଧ୍ୟ ଉପଲବ୍ଧ। କେବଳ ଏତିକି ନୁହେଁ ଏଥିରେ ପିଲା, ଯୁବାବସ୍ଥା, ବୃଦ୍ଧାବସ୍ଥା ସହିତ ପରିବାର, ବନ୍ଧୁ ଇତ୍ୟାଦି ଭଳି ବିଭିନ୍ନ ସିମ୍ବଲ ମଧ୍ୟ ଆସୁଛି।
- ଅନ୍ୟ ସୋସିଆଲ ସାଇଟ୍ ତୁଳନାରେ ଟ୍ୱିଟର, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଏବଂ ହ୍ୱାଟ୍ସଆପ୍‌ରେ ଇମୋଜି ବ୍ୟବହାର ସର୍ବାଧିକ। ତେବେ ସମସ୍ତ ଇମୋଜି ମଧ୍ୟରୁ ପିଞ୍ଚିଡ୍‌ଫିଙ୍ଗର୍ସ, ସ୍ମାଇଲିଂ ଫେସ୍ ୱିଥ୍ ଟିଅର୍ସ, ହାପି ଫେସ, ସ୍ୟାଡ୍ ଫେସ୍ ହାର୍ଟ ଶେପ୍ ହ୍ୟାଣ୍ଡ ସିମ୍ବଲ ଅଧିକ ବ୍ୟବହାର କରାଯାଉଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୯ ଅଗଷ୍ଟ, ୨୦୨୦

**ଆଶାସାଥୀ ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ସ୍ମାରକପତ୍ର**

**ନୟାଗଡ଼ ଅଫିସ:** ରାଜ୍ୟ ଅଶାସାଥୀ ସଂଘର ନୟାଗଡ ଜିଲା ଶାଖା ପକ୍ଷରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀଙ୍କୁ ୮ ଦଫା ସମ୍ବଳିତ ସ୍ମାରକପତ୍ର ନୟାଗଡ ସିଡିଏମ୍ଓଙ୍କ ଜରିଆରେ ଗୁରୁବାର ପ୍ରଦାନ କରାଯାଇଛି। ସେହିପରି ଦଶପଲ୍ଲା ବ୍ଲକ ଶାଖା ପକ୍ଷରୁ ସ୍ଥାନୀୟ ବିଧାୟକ ଓ ଦଶପଲ୍ଲା ମେଡିକାଲ ଅଫିସରଙ୍କୁ ଦାବିପତ୍ର ଦିଆଯାଇଛି। ପ୍ରମୁଖ ଦାବି ମଧ୍ୟରେ ଆଶା ସାଥୀଙ୍କୁ ସରକାରୀ ମାନ୍ୟତା, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁସାରେ ୬ ହଜାର ଟଙ୍କା ପ୍ରଦାନ, ଇନ୍ସ୍ୟୁରାନ୍ସ ଓ ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ ଅନ୍ୟତମ।



## ସଂକ୍ଷେପରେ

### ଜେଏଲ୍‌ଜି ଜମାଖାତାରୁ ଟଙ୍କା ଜାଲିଆତି ଅଭିଯୋଗ

**ପଟ୍ଟାମୁଣ୍ଡାଇ,୮।୮(ସ୍ୱ.ପ୍ର):** ପଟ୍ଟାମୁଣ୍ଡାଇ ବ୍ଲକ୍ ନରସିଂହପୁର ଗ୍ରାମସ୍ଥିତ ବଳଦେବଜୀଉ ଯୁଗ୍ମ ମହିଳା ଗୋଷ୍ଠୀ(ଜେଏଲ୍‌ଜି) ଜମାଖାତାରୁ ୧୦ ହଜାର ଟଙ୍କା ଉଠାଯାଇଥିବା ଅଭିଯୋଗ ହୋଇଛି। ଏନେଇ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ପଟ୍ଟାମୁଣ୍ଡାଇ ଶାଖା ପରିଚାଳକ ଜୟନାରାୟଣ ଦାସଙ୍କ ନିକଟରେ ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହୋଇଛି। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବାରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି। କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପଟ୍ଟାମୁଣ୍ଡାଇ ଶାଖାରେ ଏହି ଗୋଷ୍ଠୀ ଟଙ୍କା ଜମା କରିଥିଲେ। ମାତ୍ର କୌଣସି ମହିଳା ଚଞ୍ଚକତା କରି ଗୋଷ୍ଠୀର ସମ୍ପାଦିକା ମିନତୀ ବିଶ୍ୱାଳଙ୍କ ଦସ୍ତଖତକୁ ଜାଲିଆତି କରି ଜମା ଖାତା ନଂ-୨୩୯୦୪ରୁ ଟଙ୍କା ଉଠାଇନେଇଛନ୍ତି। ଏନେଇ ପୋଲିସ ପକ୍ଷରୁ ତଦନ୍ତ ଜାରିରହିଛି ବୋଲି ଏଏସ୍‌ଆଇ ବିଜୟ କୁମାର ଦାସ କହିଛନ୍ତି।

### ନୟାଗଡ଼ରେ ୪୦ ନୂତନ ଆକ୍ରାନ୍ତ

**ନୟାଗଡ଼ ଅଫିସ,୮।୮:** ନୟାଗଡ଼ ଜିଲାରେ ଶନିବାର ୪୦ ନୂଆ ଆକ୍ରାନ୍ତ ଚିହ୍ନଟ ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୦୬ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ରଣପୁର ବ୍ଲକର ୧୧, ଓଡ଼ଗାଁରୁ ୮, ଭାପୁରରୁ ୭, ଦଶପଲ୍ଲାରୁ ୨, ଗଣିଆରୁ ୨, ନୟାଗଡ ବ୍ଲକରୁ ୭ ଓ ପୌରାଞ୍ଚଳରୁ ୩ ଜଣ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷେ ଓଡଗାଁ ବ୍ଲକ ରାବେରା ପଞ୍ଚାୟତର ରାବେରା, କୁରାଳ ପଞ୍ଚାୟତର ନାଠିଆପଲ୍ଲୀ, ରବିଗାଡିଆ ପଞ୍ଚାୟତର କୁରୁମବାଙ୍କତରା, ନନ୍ଦିଘୋର ପଞ୍ଚାୟତର ନନ୍ଦିଘୋରକୁ ଶୁକ୍ରବାର କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ସେହିଭଳି ନୟାଗଡ଼ ବ୍ଲକ ଖୁଣ୍ଟୁବନ୍ଧ ପଞ୍ଚାୟତ ଜାମୁସାହି ଗାଁରୁ କଣ୍ଟେନ୍‌ମେଣ୍ଟ ଜୋନ୍ ଶୁକ୍ରବାର ପ୍ରତ୍ୟାହାର କରାଗଲା ବୋଲି ଜିଲାପାଳ ପୋମା ଟୁଡୁ ସୂଚନା ଦେଇଛନ୍ତି। ଅପରପକ୍ଷେ ଭାପୁର ବ୍ଲକ ଫତେଗଡ ମେଡିକାଲ ସାହିରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଫତେଗଡ ଗାଁକୁ ଫତେଗଡ ସରପଞ୍ଚ ତୋଫାନ କୁମାର ପ୍ରଧାନ ୭ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରିଛନ୍ତି।

### କେନ୍ଦ୍ରାପଡ଼ାରେ ୧୪ ନୂଆ ଆକ୍ରାନ୍ତ ଚିହ୍ନଟ

**କେନ୍ଦ୍ରାପଡ଼ା ଅଫିସ, ୮।୮:** କେନ୍ଦ୍ରାପଡ଼ା ଜିଲାରେ ୧୪ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ଶନିବାର ଘୋଷଣା ହୋଇଛି। ଫଳରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୬୪୯ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ କେନ୍ଦ୍ରାପଡ଼ା, ଡେରାବିଶ ଓ ରାଜକନିକା ବ୍ଲକରୁ ୩ ଜଣ ଲେଖାଏ, ଆଳିରୁ ୨, ଗରଦପୁର, ମାର୍ଶାଘାଇ ଓ ପଟ୍ଟାମୁଣ୍ଡାଇ ବ୍ଲକରୁ ଜଣେ ଲେଖାଏ ଅଛନ୍ତି। ଜିଲାର ୨୯ ସ୍ଥାନରେ ଅଦ୍ୟାବଧି କଣ୍ଟେନ୍‌ମେଣ୍ଟ ଜୋନ୍ ଅଛି। ଏଥିମଧ୍ୟରୁ ମାର୍ଶାଘାଇ ବ୍ଲକ ଖମାରବିନ୍ଧା ଗ୍ରାମର ୱାର୍ଡ ନଂ.୨ ଓ ଡେରାବିଶ ବ୍ଲକ ଗୁଆଲସିଂ ପଞ୍ଚାୟତ ଉଦୟନଗରସ୍ଥିତ ୨ ଓ ୩ନଂ. ୱାର୍ଡର ଆଂଶିକ ଅଞ୍ଚଳକୁ ୭ ତାରିଖ ସନ୍ଧ୍ୟାରୁ ୭ ଦିନ ପାଇଁ ଜିଲା ପ୍ରଶାସନ ପକ୍ଷରୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ସ୍ଥାନୀୟ ସଂକ୍ରମଣ ଯୋଗୁ ଏମାନେ ଆକ୍ରାନ୍ତ ହୋଇଛନ୍ତି। ନୂତନ ଆକ୍ରାନ୍ତଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅଦ୍ୟାବଧି ୪୬୭ ସୁସ୍ଥ ହୋଇଥିବା ବେଳେ ୧୭୮ ଜଣ ଚିକିତ୍ସିତ ହେଉଛନ୍ତି।

### ପୋଲ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ

**ଖଣ୍ଡପଡ଼ା,୮।୮(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ସିଂଘାପଡାରୁ ରୁପାପଲ୍ଲୀ ଦେଇ ନିକଟସ୍ଥ ନୂଆଗାଁ ବ୍ଲକର ଆର୍ଙ୍ଗିସିଙ୍ଗି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ରହିଛି ସାରେଣ୍ଡା ନାଳ। ଏହି ନାଳ ଉପରେ ଏକ ପୋଲ ନିର୍ମାଣ ନିମନ୍ତେ ଶୁକ୍ରବାର ବ୍ଲକ ଅଧ୍ୟକ୍ଷଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବ୍ଲକ ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲ ନିର୍ମାଣ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସାରେଣ୍ଡା ନାଳ ଉପରେ ପୋଲ ନିର୍ମାଣ ନିମନ୍ତେ ଆଖପାଖ ଆଦିବାସୀ ଅଧ୍ୟୁଷିତ ୧୦ ଖଣ୍ଡ ମୌଜାର ଜନସାଧାରଣ ଦୀର୍ଘବର୍ଷ ଧରି ଦାବି କରିଆସୁଥିଲେ। ଏଥିନିମନ୍ତେ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି।

# ଗ୍ରାମାଞ୍ଚଳ ପୋଷ୍ଟ ଅଫିସ ଅବହେଳିତ

**କେନ୍ଦ୍ରାପଡ଼ା ଅଫିସ, ୮।୮**

କରୋନା ମହାମାରୀରେ ଲୋକଙ୍କ ସୁବିଧା ପାଇଁ ଗତ ଜୁଲାଇରେ କେନ୍ଦ୍ର ସରକାର ଗ୍ରାମାଞ୍ଚଳ ପୋଷ୍ଟ ଅଫିସକୁ ଗୁରୁତ୍ୱ ଦେଇଛନ୍ତି। ସହଜ ଓ ସୁବିଧାରେ ଆଧାର ସଂଯୁକ୍ତ ସରକାରୀ ଯୋଜନାରେ ଟଙ୍କା ଉଠାଣ ସହିତ ପୂର୍ବପରି ଚିଠି, ତାର, ଟଙ୍କା ଆଦାନ ପ୍ରଦାନ, ବ୍ୟାଙ୍କିଙ୍ଗ୍, ଇନ୍ସ୍ୟୁରାନ୍ସ ଆଦି କାର୍ଯ୍ୟ ହେବ ବୋଲି ଲକ୍ଷ୍ୟ ରହିଛି। ତେବେ କେନ୍ଦ୍ରାପଡ଼ା ଜିଲାରେ ଗ୍ରାମାଞ୍ଚଳ ପୋଷ୍ଟ ଅଫିସର ଭିତ୍ତିଭୂମି ପାଇଁ ଏହା ସାକାର ହୋଇପାରୁନାହିଁ। ଉଦାହରଣ ଭାବେ କେନ୍ଦ୍ରାପଡ଼ା ବ୍ଲକ ଗୋଗୁଆ ପୋଷ୍ଟ ଅଫିସକୁ ନେଇପାରିବା । ମାଟି କାନ୍ଥ ଚାଳଘରେ ଚାଲୁଥିବା ପୋଷ୍ଟ ଅଫିସରେ ୨ଟି କାଠ ଚେୟାର ଓ ଗୋଟିଏ ଭଙ୍ଗା ଟେବୁଲ ଅଛି। ଘର ଚାରିପାଖରେ ବଣବୁଦା ଘେରି ରହିଛି। କେବଳ ଗୋଗୁଆ ନୁହେଁ ଜିଲାର ଅନେକ ଗ୍ରାମାଞ୍ଚଳ ପୋଷ୍ଟ ଅଫିସର ଅବସ୍ଥା ଏପରି ବୋଲି ମତ ମିଳିଛି।

ନିକଟ ଗ୍ରାମର ଜୟନ୍ତ କୁମାର ପାତ୍ର କହନ୍ତି, ଏହି ଘର ପୋଷ୍ଟ ଅଫିସ ପାଇଁ ଆଦୌ ପ୍ରଯୁଜ୍ୟ ନୁହେଁ। ବର୍ଷା ଦିନେ ଚାଳରୁ ପାଣି ଘରକୁ ଆସୁଥିବା ବେଳେ ମାଟି କାନ୍ଥ ଓଦାଳିଆ ହୋଇଛି। ଫଳରେ କାନ୍ଥ ଭାଙ୍ଗି ପଡିବା ସମ୍ଭାବନା ଅଛି । ଟଙ୍କା ଓ କାଗଜପତ୍ର ଏଠାରେ ରହୁନାହିଁ। ଜିଲା କର୍ତ୍ତୃପକ୍ଷ ଏପରି ପୋଷ୍ଟ ଅଫିସର ରକ୍ଷଣାବେକ୍ଷଣ ପ୍ରତି ଧ୍ୟାନ ଦେଉନାହାନ୍ତି। ପୋଷ୍ଟମାଷ୍ଟର ହରିଶ୍ଚନ୍ଦ୍ର ସାମଲ କହିଛନ୍ତି, ଏହି ପୋଷ୍ଟ ଅଫିସ ଅଧୀନରେ ୧୨୦୦ରୁ ଅଧିକ ଗ୍ରାମବାସୀଙ୍କ ପାସବୁକ ଅଛି। ୪ ଦଶନ୍ଧି ଧରି ଚାଲିଆସିଥିବା ଏହି ଘର ପାଇଁ ମାସିକ ମାତ୍ର ୫୦୦ ଟଙ୍କା ଘରଭଡା ମିଳୁଛି । ଏହି ଅର୍ଥରେ ପକ୍କା ଘର ଭଡା ନେବା ସମ୍ଭବ ନୁହେଁ। ଏଥିପାଇଁ ଅଫିସ କାଗଜପତ୍ରକୁ ବାଧ୍ୟ ହୋଇ ଘରକୁ ନେବାକୁ ପଡୁଛି । ବୁଦ୍ଧିଜୀବୀ ପ୍ରତାପ କୁମର ତ୍ରିପାଠୀ କହନ୍ତି, ମହାକାଳପଡ଼ା ବିଜୟନଗର ପୋଷ୍ଟ ଅଫିସ ଗତ ୨୦ ବର୍ଷ ଧରି ମରାମତି ହୋଇନାହିଁ । ସେହିପରି କୋଚିଲା, ମାଳିଅଞ୍ଚ, ଶାସନୀପଡା ଆଦି ବହୁ ଗ୍ରାମାଞ୍ଚଳ ପୋଷ୍ଟ ଅଫିସ ଚାଳଘରେ ଚାଲୁଥିବା ବେଳେ ଏହାର ରକ୍ଷଣାବେକ୍ଷଣ ହେଉନାହିଁ। ଫଳରେ ଗ୍ରାମାଞ୍ଚଳ ଲୋକେ ପୋଷ୍ଟ ଅଫିସର କାର୍ଯ୍ୟକାରିତା ଉପରେ ଭରସା ନ କରି ବ୍ୟାଙ୍କ ମୁହାଁ ହେଉଛନ୍ତି। ତେବେ ସରକାରଙ୍କ ସୁକନ୍ୟା ସମୃଦ୍ଧି ଯୋଜନା, କିଶାନ ବିକାଶ ପତ୍ର ଆଦି କେତେକ ଲାଭପ୍ରଦ ଯୋଜନା ଏହି କାର୍ଯ୍ୟାଳୟରେ ଚାଲୁଥିବାରୁ ବାଧ୍ୟ ହୋଇ ଲୋକମାନେ ପୋଷ୍ଟ ଅଫିସକୁ ଯାଉଛନ୍ତି। କଟକସ୍ଥ ଉତ୍ତର ଓଡିଶା ଡାକ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ଦିଲୀପ କୁମାର ସାମଲ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ୨୪୩ ଗ୍ରାମାଞ୍ଚଳ ପୋଷ୍ଟ ଅଫିସ ଚାଲୁଥିଲେ ମଧ୍ୟ ନିଜସ୍ୱ ଘର ନାହିଁ । ବହୁ ଗ୍ରାମର ପୋଷ୍ଟମାଷ୍ଟରଙ୍କ ଘରେ ଏହା କାର୍ଯ୍ୟ କରୁଛି। କେତେକ ସ୍ଥାନରେ ପଞ୍ଚାୟତ ଅଫିସ, ରାଜୀବ ସେବା କେନ୍ଦ୍ର, ସ୍କୁଲ ଘର ଆଦିରେ କାର୍ଯ୍ୟାଳୟ ଅଛି । ଚଳିତ ବର୍ଷ ମଧ୍ୟରେ ଜିଲାର ସମସ୍ତ ଗ୍ରାମାଞ୍ଚଳ ଡାକଘରକୁ ପକ୍କା ଘରକୁ ଉଠାଇ ନେବା ପାଇଁ ବ୍ୟବସ୍ଥା ହେଉଥିବା ସେ କହିଛନ୍ତି ।




ଗୋଗୁଆଠାରେ ଥିବା ପୋଷ୍ଟଅଫିସ।

- ଭିତ୍ତିଭୂମି ପ୍ରତି ନାହିଁ ଗୁରୁତ୍ୱ
- ପୋଷ୍ଟମାଷ୍ଟରଙ୍କ ଘରେ କାର୍ଯ୍ୟ କରୁଛି ଅଧିକାଂଶ ଅଫିସ

# ଜିନ୍ଦଲ୍ ଗ୍ରୁପ୍ ପ୍ରତିଷ୍ଠାତାଙ୍କ ଜୟନ୍ତୀ ପାଳିତ

**କଳିଙ୍ଗନଗର, ୮।୮ (ଡି.ଏନ.ଏ.):** ଜିନ୍ଦଲ ଗ୍ରୁପ୍ ପ୍ରତିଷ୍ଠାତା ଓ.ପି. ଜିନ୍ଦଲଙ୍କ ୯୦ତମ ଜୟନ୍ତୀ ଉତ୍ସବ ଶୁକ୍ରବାର ଜିନ୍ଦଲ ଷ୍ଟେନଲେସ ଲିମିଟେଡ କଳିଙ୍ଗନଗର କାରଖାନା ପରିସରରେ ପାଳିତ ହୋଇଯାଇଛି। ଜିନ୍ଦଲ କମ୍ପାନୀ ଚେୟାରମ୍ୟାନ ରତନ ଜିନ୍ଦଲ, ସିଓଓ ଜଗମୋହନ ସୁଦ, କାରଖାନା ମୁଖ୍ୟ ଆର୍.ଏସ୍. ବୈଦ୍ୟ, ଆବାସିକ ନିର୍ଦ୍ଦେଶକ ଶଶିଭୂଷଣ ଉପାଧ୍ୟାୟ, ମାନବ ସମ୍ବଳ ବିଭାଗ ମୁଖ୍ୟ ରାକେଶ ପାଠକ ପ୍ରମୁଖ ଓ.ପି. ଜିନ୍ଦଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଯାଜପୁର ରୋଡ୍ ଶାନ୍ତି ନିବାସରେ ରହୁଥିବା ଭିନ୍ନକ୍ଷମମାନଙ୍କୁ ବେଡଶିଟ୍ ଓ ମଧ୍ୟାହ୍ନ ଭୋଜନ, କୁଷ୍ଠାଶ୍ରମର ଅନ୍ତେବାସୀମାନଙ୍କୁ ଫଳ ଓ ମିଷ୍ଟାନ୍ନ, ଦାନଗଦୀଠାରେ ଥିବା ଅନାଥାଶ୍ରମର ଅନ୍ତେବାସୀମାନଙ୍କୁ ରାତ୍ରିଭୋଜନ ଓ ବେଡଶିଟ୍ ପ୍ରଦାନ କରାଯାଇଥିଲା।

# ସିଦ୍ଧେଶ୍ୱର ପୀଠର ଉନ୍ନତି ପାଇଁ ପଦକ୍ଷେପ

**ଯାଜପୁର ଟାଉନ,୮।୮(ଡି.ଏନ.ଏ.):** ଦଶରଥପୁର ବ୍ଲକର ପ୍ରସିଦ୍ଧ ଶୈବପୀଠ ସିଦ୍ଧେଶ୍ୱର ପୀଠର ଉନ୍ନତୀକରଣ ପାଇଁ ପଦକ୍ଷେପ ନିଆଯାଇଛି। ଶନିବାର ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ପୀଠରେ ପହଞ୍ଚି ଅସ୍ଥି ବିସର୍ଜନ ସ୍ଥଳ, ସମ୍ଭାବ୍ୟ ପାର୍କ ସ୍ଥଳୀ, ଯଜ୍ଞ ଓ ମେଳାସ୍ଥଳ ପରିଦର୍ଶନ କରିଥିଲେ। ପୌରାଣିକ କିମ୍ବଦନ୍ତୀ ଆଧାରରେ ଅସ୍ଥି ବିସର୍ଜନର ଏକ ପ୍ରମୁଖ ପୀଠ ହୋଇଥିବାରୁ ଏହାର ଉନ୍ନତୀକରଣ ଶୀଘ୍ର କରାଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ପୀଠର ସୌନ୍ଦର୍ଯ୍ୟକରଣ କରିବା, ଯାତ୍ରୀମାନଙ୍କ ସୁବିଧା ପାଇଁ ରାସ୍ତା ଓ ପାର୍କିଂ ସ୍ଥଳ ବ୍ୟବସ୍ଥା ଇତ୍ୟାଦି ଏଥିରେ ସାମିଲ ହେବ। ପରିଦର୍ଶନ ସମୟରେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ଉପସ୍ଥିତ ରହି ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ଆଇଏଏସ୍ ପ୍ରୋବେସନର ସଚିନ୍ ପାୱାର, ପିଡି ଇନ୍ଦ୍ରମଣି ନାୟକ, ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ବ୍ଲକ ଅଧ୍ୟକ୍ଷା ସୁଜାତା ସାହୁ, ଯାଜପୁର ବିଡିଓ ସୌରଭ ଚକ୍ରବର୍ତ୍ତୀ, ଦଶରଥପୁର ତହସିଲଦାର ସୌଭାଗ୍ୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ଦାବି




ପାନୀୟଜଳ ପ୍ରକଳ୍ପ ମେଶିନ ଖୋଲିନିଆଯାଇଛି।

**ଖଣ୍ଡପଡ଼ା,୮।୮(ସ୍ୱ.ପ୍ର.)**

ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଖରାପ ହୋଇଯାଇଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ସମ୍ପର୍କୀୟମାନେ ପାଣିମୁନ୍ଦେ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ୧ବର୍ଷ ତଳୁ ଉକ୍ତ ପାନୀୟ ଜଳ ପ୍ରକଳ୍ପଟି ଅଚଳ ହୋଇପଡିଥିଲା। ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ମରାମତି ଆଳରେ ପାନୀୟ ଜଳ ମେଶିନଟିକୁ ସେଠାରୁ ବାହାର କରିଦେଇଛନ୍ତି। ଏବେ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରକୋଷ୍ଠରେ ଉକ୍ତ ମେଶିନଟି ପଡି ରହି ଖତ ଖାଉଛି। କୋଭିଡ୍-୧୯ ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଶେଷ ହୋଇଥିବା ବେଳେ ଉକ୍ତ ପ୍ରକଳ୍ପ ପ୍ରତି କେହି ଦୃଷ୍ଟି ନ ଦେବା ପରିତାପର ବିଷୟ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି । ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଭିସାର ପଣ୍ଡାଙ୍କୁ ପଚାରିବାରୁ ସେ ଏଥିପ୍ରତି ଦୃଷ୍ଟି ଦେବେ ବୋଲି କହିଛନ୍ତି ।

# କାଳିଆ ଟଙ୍କା ଫେରସ୍ତ ନିଷ୍ପତ୍ତିକୁ ବିରୋଧ

**ବାଲିକୁଦା, ୮।୮(ସ୍ୱ.ପ୍ର.):** ରାଜ୍ୟ ସରକାରଙ୍କ କାଳିଆ ଟଙ୍କା ଫେରସ୍ତ ନୋଟିସକୁ ନେଇ ବାଲିକୁଦା ଭାଜପା ଆନ୍ଦୋଳନକୁ ଓହ୍ଲାଇବ ବୋଲି ବରିଷ୍ଠ ନେତା ସଞ୍ଜୟ ମହାନ୍ତି ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, କାଳିଆ ଯୋଜନାରେ ମିଳିଥିବା ସହାୟତା ଫେରସ୍ତ କରିବା ପାଇଁ କୁହାଯାଇଛି। ଏହା କେବେ ହେଲେ କରିବାକୁ ଦିଆଯିବ ନାହିଁ। କରୋନା ପରିସ୍ଥିତିରେ ଚାଷୀ ହତାଶ ହୋଇ ପଡିଥିବା ବେଳେ କାଳିଆ ଟଙ୍କା ଫେରସ୍ତ ନୋଟିସ ଚାଷୀଙ୍କୁ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଛି। ସରକାରଙ୍କ କୃଷି ବିଭାଗ ପକ୍ଷରୁ ବାଲିକୁଦା ବ୍ଲକର ୫୨୯ ହିତାଧିକାରୀ ଓ ଏରସମା ବ୍ଲକର ୩୮୧ଜଣ ହିତାଧିକାରୀଙ୍କୁ କାଳିଆ ଟଙ୍କା ଫେରାଇ ଦେବା ପାଇଁ ନୋଟିସ୍ କରାଯିବା ଦୁର୍ଭାଗ୍ୟ ଜନକ ବୋଲି ସେ କହିଛନ୍ତି। ତେଣୁ ସରକାରଙ୍କ ଏହି କୃଷକ ବିରୋଧୀ ଚିନ୍ତା ଧାରାକୁ ଏକ ପ୍ରେସ୍ ବିବୃତିରେ ମହାନ୍ତି ତୀବ୍ର ସମାଲୋଚନା କରିଛନ୍ତି। ଏପରି କି କେହି କାଳିଆ ଟଙ୍କା ଫେରସ୍ତ ନ କରିବାକୁ ସେ ପରାମର୍ଶ ଦେଇଛନ୍ତି।

# ଶିଳ୍ପ ସଚିବଙ୍କ କୋଭିଡ୍ ପରିଚାଳନା ସମୀକ୍ଷା

**ଜଗତ୍‌ସିଂହପୁର ଅଫିସ, ୮।୮**

ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ତଥା ଜଗତ୍‌ସିଂହପୁର ଜିଲା କୋଭିଡ୍-୧୯ ପର୍ଯ୍ୟବେକ୍ଷକ ଥିବା ବରିଷ୍ଠ ପ୍ରଶାସକ ହେମନ୍ତ ଶର୍ମା ଦିନିକିଆ ଜଗତ୍‌ସିଂହପୁର ଜିଲା ଗସ୍ତ କରି କୋଭିଡ୍ ପରିଚାଳନା ସମ୍ପର୍କରେ ସମୀକ୍ଷା କରିଛନ୍ତି। ସେ ପ୍ରଥମେ ଜଗତ୍‌ସିଂହପୁର ସହରରେ ଥିବା ସରଳାଦେବୀ କଲ୍ୟାଣ ମଣ୍ଡପରେ ଚାଲିଥିବା କୋଭିଡ୍ କେୟାର ସେଣ୍ଟର ଯାଇ ସୁବିଧା, ଅସୁବିଧା କଥା ବୁଝିଥିଲେ। ଏହାପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ କୋଭିଡ୍ ପରିଚାଳନା ସମ୍ପର୍କରେ ସମୀକ୍ଷା କରିଥିଲେ। ଆଗାମୀ ଦିନରେ ସଂକ୍ରମଣ ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ଥିବାରୁ ଜିଲାରେ ଉତ୍ତମ ଭିତ୍ତିଭୂମି ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ଆମ୍ବୁଲାନ୍ସ, ଅଧିକ ଲୋକଙ୍କ ସ୍ୱାବ୍ ସଂଗ୍ରହ, କୋଭିଡ୍ କେୟାର ସେଣ୍ଟରରେ ଅତିରିକ୍ତ ଶଯ୍ୟା ସଂଖ୍ୟା ବୃଦ୍ଧି ପାଇଁ ଯୋଜନା କରାଯାଉଥିବା ସଚିବ ଶର୍ମା ସୂଚନା ଦେଇଥିଲେ। ଏହି ଅବସରରେ ସେ କରୋନା ନିୟନ୍ତ୍ରଣ ପାଇଁ ନିଆଯାଉଥିବା ପଦକ୍ଷେପ, କୋଭିଡ୍ ହସ୍ପିଟାଲ, କେୟାର ସେଣ୍ଟର, ମ୍ୟାନେଜମେଣ୍ଟ କମିଟି, ଆମ୍ବୁଲାନ୍ସ, ପିପିଇ କିଟ୍ ଆଦିର ଉପଲବ୍ଧତା ଓ ଆଗାମୀ ଦିନରେ କ'ଣ ସବୁ ଆବଶ୍ୟକ ପଡିବ ତା'ଉପରେ ସମୀକ୍ଷା କରିଥିଲେ। ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ଶାସନ ସଚିବ ସୁରେଶ ଚନ୍ଦ୍ର ଦଳାଇ ଯୋଗଦେଇ ଜିଲାରେ କୋଭିଡ୍ ପରିଚାଳନାରେ ଯାହା ଅଭାବ ରହିଛି ସେସବୁ ପର୍ଯ୍ୟବେକ୍ଷକଙ୍କ ଦୃଷ୍ଟିକୁ ଆଣିବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ପରାମର୍ଶ ଦେଇଥିଲେ। ସମସ୍ତ ପରିସ୍ଥିତିରେ କୋଭିଡ୍ ଯୋଦ୍ଧାମାନଙ୍କ ଯତ୍ନ ଓ ସୁରକ୍ଷାକୁ ଅଗ୍ରାଧିକାର ଦେବା ଏବଂ ଆସନ୍ତା ମାସ ଆଗୁଆ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଏସ୍‌ପି ପ୍ରକାଶ ଆର୍, ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଉପଜିଲାପାଳ ମହେନ୍ଦ୍ର କୁମାର ମଲ୍ଲିକ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଜୟା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ସଚିବ, ଜିଲାପାଳ ଅନ୍ୟ ଅଧିକାରୀ।

# ଏମ୍‌ଜିଏନ୍‌ଆର୍‌ଇଜିଏରେ ପାରମ୍ପରିକ ଗଛକୁ ଅଣଦେଖା

**କେନ୍ଦ୍ରାପଡ଼ା ଅଫିସ, ୮।୮**

କରୋନା ମହାମାରୀ ସମୟରେ କର୍ମନିଯୁକ୍ତି ଏକ ସମସ୍ୟା ହୋଇଛି। ଏହାର ସମାଧାନ ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏରେ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯାଉଛି । ତେବେ ଏଥିନେଇ ଥିବା ଜୁଲାଇ ୧୯ ନିର୍ଦ୍ଦେଶନାମା (ନଂ.୧୭୯୪୬)କୁ ପଟ୍ଟାମୁଣ୍ଡାଇ ବ୍ଲକ ବଡପଡା ପଞ୍ଚାୟତରେ ଉଲ୍ଲଂଘନ ହେଉଛି । ନିର୍ଦ୍ଦେଶନାମାରେ ନିମ୍ବ, କରଞ୍ଜ, ତେନ୍ତୁଳି, ହରିଡା ଆଦି ପାରମ୍ପରିକ ଗଛ ଲଗାଇବା ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଉଛି। ବଡପଡା ପଞ୍ଚାୟତ କାଠିଆପଡା ଗ୍ରାମର ପ୍ରଦୀପ କୁମାର କର ଏହି ଅଭିଯୋଗ ଆଣିଛନ୍ତି। ସେ ଗୁରୁବାର ଜିଲାପାଳଙ୍କୁ ଅଭିଯୋଗ ପତ୍ର ଦେବା ସହିତ ବିଭାଗୀୟ ମନ୍ତ୍ରୀ, ସଚିବ ଓ ପିଡିଙ୍କ ନିକଟକୁ ଡାକ ଦ୍ୱାରା ପଠାଇଛନ୍ତି। କର କହିଛନ୍ତି, ପଞ୍ଚାୟତର ମୂଳଗାଁ, ତିଗିରିଆ, କେନାଲ ବନ୍ଧରେ ଏବେ ବନୀକରଣ ହେଉଛି। ହେଲେ ଏଠାରେ ପାରମ୍ପରିକ ଗଛ ବଦଳରେ ବଜାରରେ ଶସ୍ତାରେ ମିଳୁଥିବା ଆକାଶୀ, ମ୍ୟାନଜିୟମ, ୟୁକାଲିପଟାସ ଗଛ ଲଗାଯାଉଛି। ଏହାର ତଦନ୍ତ ଆବଶ୍ୟକ ବୋଲି ସେ ଦାବି କରିଛନ୍ତି । ଏ ସମ୍ପର୍କରେ ବଡପଡା ସରପଞ୍ଚ କୈଳାସ ଚନ୍ଦ୍ର ସିଂହ କହିଛନ୍ତି, କର୍ମନିଯୁକ୍ତିକୁ ପ୍ରାଥମିକତା ଦିଆଯାଇଥିବା ବେଳେ ବଜାରରେ ମିଳୁଥିବା ଚାରାକୁ ଏଥିରେ ଉପଯୋଗ କରାଯାଇଛି । ପାରମ୍ପରିକ ଗଛ ମିଳିଲେ ଏଥିରେ ଉପଯୋଗ କରାଯାଇପାରିବ।

# କର୍ମନିଯୁକ୍ତି ପାଇଁ ପ୍ରତିଷ୍ଠା ହେବ ଶିଳ୍ପ

**ଜିଲା କୋଭିଡ୍ ୧୯ ପରିଚାଳନା ସମୀକ୍ଷା ବୈଠକ**

**କେନ୍ଦ୍ରାପଡ଼ା ଅଫିସ, ୮।୮**


କରୋନା ମହାମାରୀ ପାଇଁ କେନ୍ଦ୍ରାପଡ଼ା ଜିଲାକୁ ବହୁ ସଂଖ୍ୟାରେ ପ୍ରବାସୀ ଆସିଛନ୍ତି। କର୍ମନିଯୁକ୍ତି ଏକ ସମସ୍ୟା ଥିବାରୁ ଆଗାମୀ ଦିନରେ ଶିଳ୍ପ ପ୍ରତିଷ୍ଠା କରାଯାଇ ଏହାର ସମାଧାନ ହେବ। ଜିଲା ପର୍ଯ୍ୟବେକ୍ଷକ ହେମନ୍ତ ଶର୍ମା ଗଣମାଧ୍ୟମକୁ ଶୁକ୍ରବାର ଏହି ସୂଚନା ଦେଇଛନ୍ତି । ଏହି ଅବସରରେ ଜିଲା କୋଭିଡ୍ ପରିଚାଳନା ଅଦ୍ୟାବଧି ଠିକ୍ ଥିବା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଅଗଷ୍ଟରେ ସମ୍ଭାବ୍ୟ ଆକ୍ରାନ୍ତଙ୍କ ପାଇଁ ଚିକିତ୍ସା ଭିତ୍ତିଭୂମି ପର୍ଯ୍ୟାପ୍ତ ଅଛି। ସେପ୍ଟେମ୍ବର ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଏହା ପୂର୍ବରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏ ନେଇ ସମୀକ୍ଷା କରିଥିଲେ। ଜିଲାର ସମସ୍ତ କରୋନା ଯୋଦ୍ଧାଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଟେଷ୍ଟିଂ ହାରକୁ ବୃଦ୍ଧି କରିବାକୁ ଗୁରୁତ୍ୱ ଦେଇଥିଲେ। ବୈଠକରେ ଜିଲାପାଳ ସମର୍ଥ ବର୍ମା, ଅନ୍ୟତମ ପର୍ଯ୍ୟବେକ୍ଷକ ସୁରେଶ ଚନ୍ଦ୍ର ଦଳାଇ, ପ୍ରୋବେସନାରୀ ଆଇଏଏସ୍ ଅକ୍ଷୟ ଅଗ୍ରୱାଲ, ଏଡିଏମ୍ ବସନ୍ତ କୁମାର ରାଉତ, ଏଡିଏମ୍ ନରହରୀ ସେଠୀ, ଏଏସ୍‌ପି ବ୍ରହ୍ମାନନ୍ଦ ଗାଗାରିନ ମହାନ୍ତି, ପିଡି ଦିଲୀପ ପରିଡା, ସିଡିଏମ୍ଓ ଡା. ଅନୀତା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

# ବିଦ୍ୟୁତ୍ ବିଲ୍ ସଂଶୋଧନ ପାଇଁ ସମୟସୀମା ବୃଦ୍ଧି

**ପଟ୍ଟାମୁଣ୍ଡାଇ, ୮।୮(ସ୍ୱ.ପ୍ର.):** କେନ୍ଦ୍ରାପଡା ଜିଲା ବିଦ୍ୟୁତ୍ ଉପଭୋକ୍ତା ଆସୋସିଏଶନ୍ ପକ୍ଷରୁ ବକେୟା ଥିବା ପୁରୁଣା ବିଦ୍ୟୁତ୍ ବିଲ୍‌ର ସଂଶୋଧନ ପାଇଁ ସମୟ ସୀମା ବୃଦ୍ଧି କରିବାକୁ ଦାବି ହୋଇଥିଲା। ବିଦ୍ୟୁତ୍ ନିୟାମକ ଏହାକୁ ବିଚାରକୁ ନେଇ ୩୧ ଜୁଲାଇ ୨୦୨୦ ପରିବର୍ତ୍ତେ ୩୧ଡିସେମ୍ବର ପର୍ଯ୍ୟନ୍ତ ବିଲ ସଂଶୋଧନ ପାଇଁ ସମୟସୀମା ବୃଦ୍ଧି କରିଛନ୍ତି। ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ନିକଟରେ ଆସୋସିଏଶନ୍ ପକ୍ଷରୁ ଏନେଇ ପୂର୍ବରୁ ଦାବିପତ୍ର ଦିଆଯାଇଥିଲା। ପୁରୁଣା ବିଦ୍ୟୁତ୍ ବିଲ୍ ସଂଶୋଧନ ନିମନ୍ତେ ସଂଘ ସଭାପତି ଆଡ୍‌ଭୋକେଟ୍ ଭୀମସେନ ପରିଡାଙ୍କ ପକ୍ଷରୁ ଅର୍ଡର୍ ନଂ-୧୬୭୩/୬-୧୧-୧୯ରେ ଦାବି କରାଯାଇଥିଲା।

# ୧୭ ଗ୍ରାମ୍ ବ୍ରାଉନସୁଗାର ଜବତ: ଅଭିଯୁକ୍ତ କୋର୍ଟ ଚାଲାଣ

**ନାଉଗାଁ,୮।୮(ସ୍ୱ.ପ୍ର.):** ନାଉଗାଁ ବ୍ଲକ ନୂଆଗାଁ ପଞ୍ଚାୟତ ଅନ୍ତର୍ଗତ ମଙ୍ଗୁଳିଆକଣ୍ଡା ଗ୍ରାମରେ ଅବକାରୀ ବିଭାଗ ଓ ନାଉଗାଁ ପୋଲିସ ଶୁକ୍ରବାର ମିଳିତ ଚଢ଼ାଉ କରି ୧୭ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିଛି। ଏହି ଅଭିଯୋଗରେ ଅଭିଯୁକ୍ତ ମନୋଜ ସାହୁ ଓରଫ କଳିଙ୍ଗଙ୍କୁ ଗିରଫ କରାଯାଇଛି। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏନେଇ ନାଉଗାଁ ଥାନାରେ ମାମଲା(ନଂ.୧୦/୨୦) ରୁଜୁ କରାଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ପ୍ରାୟ ୧ ଲକ୍ଷ ୭୦ ହଜାର ଟଙ୍କା ହେବ। କୌଣସିସୂତ୍ରରୁ ଖବରପାଇ ଜଗତସିଂହପୁର ଅବକାରୀ ବିଭାଗ ନିରୀକ୍ଷକ ପ୍ରତାପ ଦାସ ଓ ନାଉଗାଁ ଥାନା ଅଧିକାରୀ ଗୋବର୍ଦ୍ଧନ ସାହୁ ଗ୍ରାମରେ ଚଢ଼ାଉ କରି ଅଭିଯୁକ୍ତ ମନୋଜଙ୍କୁ କାବୁ କରିଥିଲେ। ନାଉଗାଁ ବ୍ଲକରେ ଦିନକୁ ଦିନ ଧଳା ଜହର କାରବାର ବୃଦ୍ଧି ପାଉଥିବା ନେଇ ଖବରକାଗଜରେ ପ୍ରକାଶିତ ହେବାପରେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତତ୍ପରତା ପ୍ରକାଶ ପାଇଥିବା ଚର୍ଚ୍ଚା ହେଉଛି।



ଗିରଫ ମନୋଜ ସାହୁ।

# ପ୍ରଦର୍ଶନରେ ସୁଧାର ନ ଆସିଲେ ବିଦା: ଜିଲାପାଳ

**ଦଶରଥପୁରରେ ଜିଲାପାଳଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା**

**ଯାଜପୁର ଟାଉନ,୮।୮(ଡି.ଏନ.ଏ.)**

କୌଣସି କର୍ମଚାରୀ ଯଦି ନିଜ ପ୍ରଦର୍ଶନରେ ସୁଧାର ଆଣୁନାହାନ୍ତି ତେବେ ୫-ଟି ବ୍ୟବସ୍ଥା ଆଧାରରେ ସେମାନଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇପାରିବ। ଶନିବାର ପୂର୍ବାହ୍ନରେ ଦଶରଥପୁର ବ୍ଲକ୍‌ର ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା ବୈଠକରେ ଜିଲାପାଳ ରଞ୍ଜନ କୁମାର ଦାସ ଅଧ୍ୟକ୍ଷତା କରି ଏଭଳି ଚେତାବନୀ ଦେଇଛନ୍ତି। ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଦାସ ଆବାସ, ଏମ୍‌ଜିଏନ୍‌ଆର୍‌ଜିଏସ୍, ବୃକ୍ଷରୋପଣ, ଜୀବିକା ମିଶନର୍ କାର୍ଯ୍ୟ ସମୀକ୍ଷା କରିଥିଲେ। କେତେକ ପଞ୍ଚାୟତରେ ଉଲ୍ଲେଖନୀୟ କାର୍ଯ୍ୟ ହୋଇଥିବା ବେଳେ ଆଉ କେତେକରେ କର୍ମଚାରୀଙ୍କ ଅବହେଳା ଯୋଗୁ କାର୍ଯ୍ୟରେ ଶିଥିଳତା ଦେଖାଦେଇଛି। ଏଭଳି ଅବହେଳାକୁ ବରଦାସ୍ତ କରାଯିବ ନାହିଁ। ଏଣିକି ପ୍ରତିଟି କାର୍ଯ୍ୟପାଇଁ ଅଧିକାରୀ ଓ କର୍ମଚାରୀଙ୍କୁ ଉତ୍ତରଦାୟୀ କରାଯିବ। ଯଦି ବାରମ୍ବାର ତାଗିଦ୍ ସତ୍ତ୍ୱେ ପ୍ରଦର୍ଶନରେ ଉନ୍ନତ ଆସୁନାହିଁ, ତେବେ ସେ ଅଧିକାରୀ ବା କର୍ମଚାରୀଙ୍କ କାର୍ଯ୍ୟରେ ଆଗ୍ରହ ନ ଥିବା କାରଣରୁ ତାଙ୍କୁ ବିଦା କରିଦିଆଯିବ। ବର୍ତ୍ତମାନ ଅନେକ ଯୋଗ୍ୟ ଓ ଦକ୍ଷ ପିଲାମାନେ କାର୍ଯ୍ୟ କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ଜିଲାପାଳ ସୂଚନା ଦେଇଥିଲେ। ଅପରପକ୍ଷରେ ଚଳିତ ବର୍ଷ ଦଶରଥପୁର ବ୍ଲକ୍‌କୁ ୨ ହଜାର ଗାଈ ଯୋଗାଇ ଡାଏରୀ ଫାର୍ମ କରିବାର ନିଷ୍ପତ୍ତି ନିଆଯାଇଛି। ତେଣୁ ଏହି ଡାଏରୀଫାର୍ମ ମାଧ୍ୟମରେ ଅନେକ ଆତ୍ମନିଯୁକ୍ତି ସୃଷ୍ଟି କରାଯିବ। ବିଶେଷ କରି ଗୋଚରଜମିରେ ଏସ୍‌ଏଚ୍‌ଜିଙ୍କ ମାଧ୍ୟମରେ ଘାସ ଚାଷ କରିବାର ବ୍ୟବସ୍ଥା ହୋଇଛି। ଏହା ଦ୍ୱାରା ସେମାନେ ରୋଜଗାରକ୍ଷମ ହେବା ସହ ସମ୍ପୃକ୍ତ ଜମିଗୁଡିକ ଜବରଦଖଲ ମୁକ୍ତ ରହିପାରିବ। ସେହିପରି ଚଳିତବର୍ଷ ବ୍ୟାପକ ବୃକ୍ଷରୋପଣ ପାଇଁ ଯୋଜନା ହୋଇଥିବାରୁ ସମସ୍ତ ପଞ୍ଚାୟତରେ ବୃକ୍ଷରୋପଣ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ବ୍ଲକ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତିଙ୍କୁ ନିୟମିତ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣୀ ନାୟକ, ସଚିନ୍ ପାୱାର୍, ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ପଞ୍ଚାୟତ ଅଧିକାରୀ ଅଶୋକ ସେଠୀ, ବିଡିଓ ନାରାୟଣ ନାୟକ, ତହସିଲଦାର ସୌଭାଗ୍ୟ ବେହେରା, ଏମ୍‌ଜିଏନ୍‌ଆର୍‌ଜିଏସ୍‌ର ସଂଯୋଜକ ଚିନ୍ମୟ ସିଂ ଓ ବ୍ଲକ୍‌ର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

## ବେଆଇନ ଖଣିରେ ପ୍ରଶାସନର ଚଢ଼ାଉ

**ଖୋର୍ଦ୍ଧା ଅଫିସ:** ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ଥିବା ଖଣିରୁ ବେଆଇନ ଭାବେ ମାଙ୍କଡ଼ା ପଥର ଓ ମୋରମ ଚାଲାଣ କରାଯାଉଥିଲା। ଶନିବାର ଜିଲାପାଳ ସନତ୍ କୁମାର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ପକ୍ଷରୁ ଟଙ୍ଗୀ, ଖୋର୍ଦ୍ଧା, ଟାଙ୍ଗୀ, ବେଗୁନିଆ ଅଞ୍ଚଳର ଅନେକ ବେଆଇନ ଖଣିରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ୭ଟି ଟ୍ରକ୍ ଓ ଗୋଟିଏ ପାୱାର ଟ୍ରିଲର ଜବତ କରାଯାଇଛି। ଏହି ଚଢ଼ାଉରେ ଖୋର୍ଦ୍ଧା ଉପଜିଲାପାଳ ଅଶୋକ ବେହୁରିଆ, ତହସିଲଦାର ପଦ୍ମଚରଣ ସାହୁ, ବେଗୁନିଆ ତହସିଲଦାର, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ପ୍ରମୁଖ ସାମିଲ ଥିଲେ।

**ସଂକ୍ଷେପରେ**

## ବୁଣାକାରଙ୍କ ସହ ରହିଛି 'ବୟନିକା'

**ଭୁବନେଶ୍ୱର, ୮।୮ (ବ୍ୟୁରୋ):** ଓଡ଼ିଶାର ହସ୍ତତନ୍ତ ପ୍ରତି ଲୋକଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ସହ ବୁଣାକାରଙ୍କ ପାଇଁ କାର୍ଯ୍ୟ କରୁଛି ରାଜ୍ୟ ସରକାରଙ୍କ 'ବୟନିକା'। ୬୪ବର୍ଷ ଧରି ବୁଣାକାରଙ୍କ ସହ କାର୍ଯ୍ୟ କରି ଆସୁଥିବା ଏହି ସଂସ୍ଥା ଏବେ କୋଭିଡ୍ ମହାମାରୀ ସମୟରେ ବୁଣାକାରଙ୍କ ଜୀବନଜୀବିକାକୁ ବେଶ୍ ଗୁରୁତ୍ୱ ଦେଉଛି। ବୁଣାକାରଙ୍କ ପ୍ରତି ବୟନିକାର ଦାୟିତ୍ୱବୋଧ ହେତୁଗୁଡ଼ିଏ ହୋଇଥିବାବେଳେ ଜାତିକର୍ତ୍ତା ପାଇଁ ପଦକ୍ଷେପ ନେଇଛି। ଜାତୀୟ ହସ୍ତତନ୍ତ ଦିବସ ଅବସରରେ ବୟନିକା ପକ୍ଷରୁ କୁହାଯାଇଛି ଯେ, ଏପ୍ରିଲ ୨୦ରୁ ଏଯାବତ ବିଭିନ୍ନ ବୁଣାକାର ସମବାୟ ସମିତିକୁ ୪କୋଟି ୩୦ଲକ୍ଷ ଟଙ୍କାର ସୂତା ଯୋଗାଇ ଦେଇଛି ଓ ସେମାନଙ୍କଠାରୁ ପ୍ରାୟ ୧୦କୋଟି ଟଙ୍କାର ଲୁଗା କ୍ରୟ କରିଛି। ମଜୁରି ଓ ଲୁଗା ବକେୟା ବାବଦକୁ ସମିତିଗୁଡ଼ିକୁ ୧୨କୋଟି ୩୮ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହାଦ୍ୱାରା ଓଡ଼ିଶାର ବୁଣାକାରମାନେ ନିଜର କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାରେ ସକ୍ଷମହୋଇପାରିଛନ୍ତି। ଗତବର୍ଷ ତୁଳନାରେ ବୟନିକା ଚଳିତବର୍ଷ କରୋନା ପାଇଁ ୨୦କୋଟି ଟଙ୍କାର ବ୍ୟବସାୟ ହରାଇବ। ଏହାସତ୍ତ୍ୱେ ବୁଣାକାରଙ୍କୁ ନିୟମିତ କାମ ଯୋଗାଇ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବସ୍ତ୍ର କିଣିବା ପାଇଁ ଓଡ଼ିଶା ସରକାର ବୟନିକାକୁ ୧୫କୋଟି ଟଙ୍କାର ସୁଧମୁକ୍ତ କାର୍ଯ୍ୟକାରୀ ମୂଳଧନ ଯୋଗାଇ ଦେବାପାଇଁ ନିଷ୍ପତ୍ତି ନେଇଛନ୍ତି। ଏହା ବୟନିକା ଓ ବୁଣାକାରଙ୍କ ପାଇଁ ରାଜ୍ୟ ସରକାରଙ୍କ ଏକ ବଡ଼ ପଦକ୍ଷେପ ବୋଲି କୁହାଯାଇଛି।

## ଖୁଣ୍ଟୁଣୀ ପଞ୍ଚାୟତ ୫ଦିନ କଣ୍ଟେନ୍‌ମେଣ୍ଟ ଜୋନ

**ଖୁଣ୍ଟୁଣୀ,୮।୮ (ଡି.ଏନ୍.ଏ.):** ଖୁଣ୍ଟୁଣୀ ପଞ୍ଚାୟତରେ ୧୩ଜଣ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଏହି ପଞ୍ଚାୟତ, ବଜାର ଓ ଶିଳ୍ପାଞ୍ଚଳକୁ ୫ଦିନ ପର୍ଯ୍ୟନ୍ତ କଣ୍ଟେନ୍‌ମେଣ୍ଟ ଜୋନଭାବେ ଘୋଷଣା କରାଯାଇଛି। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରବିବାର ସକାଳ ୬ଟାରୁ ଆସନ୍ତା ୧୩ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ୫ଦିନ ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର ବନ୍ଦ ରହିବ। ଔଷଧ ଦୋକାନ ଖୋଲା ରହିବ ବୋଲି ଖୁଣ୍ଟୁଣୀ ଆଇଆଇସି ସୁଚିତ୍ର ବିର୍ଯ୍ୟ ଦାସ କହିଛନ୍ତି। ସୂଚନାଥାଉ କି, ଏହି ପଞ୍ଚାୟତର ୮୫ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ଥିବା ବେଳେ ୧୩ଜଣଙ୍କ ରିପୋର୍ଟ ପଜିଟିଭ୍ ରହିଛି ବୋଲି ଜଣାପଡ଼ିଛି।

# ସଂକ୍ରମଣର କାରଣ ହେବ ଫ୍ଲୋର୍ ଆଡମିଶନ

କଟକ ଅଫିସ,୮।୮



**ଏସ୍‌ସିବିରେ ଶଯ୍ୟା ଅଭାବ**
- ହେମାଟୋଲୋଜିରେ କ୍ଷମତାଠାରୁ ୪ ଗୁଣ ରୋଗୀ
- ନେଫ୍ରୋଲୋଜିରେ ମଧ୍ୟ ୨ ଗୁଣରୁ ଅଧିକ

ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର କିଛି ନିର୍ଦ୍ଦିଷ୍ଟ ବିଭାଗରେ ଡାକ୍ତର ଇଚ୍ଛାକରି ମଧ୍ୟ କୋଭିଡ୍ ନିୟମ ପାଳନ କରିପାରୁ ନାହାନ୍ତି। ରୋଗୀ ସଂଖ୍ୟା ଏତେ ବଢୁଛି ଯେ ବାଧ୍ୟହୋଇ ଡାକ୍ତର ଫ୍ଲୋର ଆଡମିଶନ (ଚଟାଣରେ ରୋଗୀସେବା) କରୁଛନ୍ତି। ଫଳରେ ଏପରି ସ୍ଥିତିରେ ସଂକ୍ରମଣ ଆଶଙ୍କା ଅଧିକ ରହୁଛି। ଏହାର ବିକଳ୍ପ ବ୍ୟବସ୍ଥା ପାଇଁ ଦାବି ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଦାବି କରୁଛନ୍ତି। ଏସ୍‌ସିବିର ହେମାଟୋଲୋଜି ବିଭାଗର କ୍ଷମତା ମାତ୍ର ୨୦ଟି ବେଡ୍। କିନ୍ତୁ ଏବେ ଏଠାରେ ପ୍ରାୟ ୮୦ରୁ ଅଧିକ ସଂଖ୍ୟକ ରୋଗୀ ଚିକିତ୍ସିତ ହେଉଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ରକ୍ତ କର୍କଟ ଓ ଅସ୍ଥିମଜ୍ଜା କର୍କଟ ରୋଗରେ ପୀଡ଼ିତ। ଏଭଳି ଜଟିଳ ରୋଗୀଙ୍କ ଚିକିତ୍ସା ସୁବିଧା ରାଜ୍ୟର ଖୁବ୍ କମ୍ ହସ୍ପିଟାଲରେ ଉପଲବ୍ଧ ରହିଛି। ଗମନାଗମନର ବ୍ୟବସ୍ଥା ନ ଥିବାରୁ ଏପରି ରୋଗୀ ରାଜ୍ୟ ବାହାରକୁ ମଧ୍ୟ ଯାଇପାରୁ ନାହାନ୍ତି। ଫଳରେ ସେମାନେ ବାଧ୍ୟହୋଇ ଏସ୍‌ସିବିକୁ ହିଁ ଆସୁଛନ୍ତି। ଏହି ବିଭାଗକୁ ସପ୍ତାହ ପୂର୍ବେ ଗଞ୍ଜାମ ଜିଲାରୁ ଆସିଥିବା ଜଣେ ରୋଗୀଙ୍କ ସମ୍ପର୍କୀୟ ଭାଗୀରଥି ସାମଲ କହିଛନ୍ତି ଯେ, ଏଠାରେ ବହୁ ଦିନ ହେଲା ବେଡ୍ ଖାଲି ନାହିଁ। ସମସ୍ୟାକୁ ନେଇ ଆମେ କାହାକୁ କହିଲେ ବି କିଛି ସୁଫଳ ମିଳିବ ନାହିଁ। ଅନ୍ୟ ରାଜ୍ୟକୁ ଚିକିତ୍ସା ପାଇଁ ନେବାକୁ ଚାହିଁଲେ ବି ଗମନାଗମନ ସୁବିଧା ନାହିଁ। ପରିସ୍ଥିତିକୁ ଦେଖି ଚୁପ୍ ରହିବାକୁ ବାଧ୍ୟ ହେଉଛୁ। ସେହିପରି ନେଫ୍ରୋଲୋଜି ବିଭାଗରେ ବି ମାତ୍ର ୬୦ ବେଡ୍‌ର ବ୍ୟବସ୍ଥା ରହିଛି। କିନ୍ତୁ ଏହି ବିଭାଗରେ ବି ଅଧିକାଂଶ ସମୟରେ ରୋଗୀ ସଂଖ୍ୟା ଦୁଇଗୁଣା ଥାଏ। ଫଳରେ ଏଠାରେ ଅନେକ ସମୟରେ ରୋଗୀ, ସେମାନଙ୍କ ସମ୍ପର୍କୀୟ ଓ ହସ୍ପିଟାଲ କର୍ମଚାରୀ କରୋନା ସଂକ୍ରମଣର ଶିକାର ହେଉଛନ୍ତି। ଏଯାବତ୍ ଏହି ବିଭାଗରେ ଡାକ୍ତର, ରୋଗୀ ଓ ସମ୍ପର୍କୀୟଙ୍କୁ ମିଶାଇ ପ୍ରାୟ ୪୦ ଜଣ କରୋନା ଆକ୍ରାନ୍ତ ହେଲେଣି। ଏ ନେଇ ଏସ୍‌ସିବି ଅଧୀକ୍ଷକ ଡା. ଅନନ୍ଦା ପ୍ରସାଦ ପଟ୍ଟନାୟକଙ୍କୁ ପଚରାଯିବାରୁ କୋଭିଡ୍ ଗାଇଡ୍‌ଲାଇନ୍‌ର ବାହାନା କରି ସେ କିଛି କହିବାକୁ ମନା କରିଦେଇଛନ୍ତି।

# ସଂକ୍ରମଣ ରୋକିବା ପାଇଁ ଟେଷ୍ଟିଂକୁ ଗୁରୁତ୍ୱ

କଟକ ଅଫିସ,୮।୮

**କଟକରେ କୋଭିଡ୍ ପର୍ଯ୍ୟବେକ୍ଷକ**

କଟକ ଜିଲାରେ କରୋନା ସଂକ୍ରମଣକୁ ନିୟନ୍ତ୍ରଣରେ ରଖିବା ପାଇଁ ଅଧିକରୁ ଅଧିକ ପରିମାଣରେ ପରୀକ୍ଷାକୁ ଗୁରୁତ୍ୱ ଦେଉଛନ୍ତି ଜିଲା କୋଭିଡ୍ ପର୍ଯ୍ୟବେକ୍ଷକ ତଥା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ ଓ ସାଧାରଣ ପ୍ରଶାସନର ବିଭାଗର ଅତିରିକ୍ତ ସଚିବ ସୁଶାନ୍ତ ମହାପାତ୍ର। ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ସମୀକ୍ଷା ବୈଠକରେ ଆର୍‌ଟିପିସିଆର୍ ଓ ଆଣ୍ଟିଜେନ ଟେଷ୍ଟିଂ ବଢ଼ାଇବା ସହ ଟ୍ରାକ୍ ବ୍ୟବସ୍ଥାକୁ ଅଧିକ ସକ୍ରିୟ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସହର ଓ ଗ୍ରାମାଞ୍ଚଳରେ କରୋନା ସ୍ଥିତି ନେଇ ସିଏମସି କମିଶନର ଅନନ୍ୟା ଦାସ ଓ ଡିଆର୍‌ଡିଏ ପିଡି ଅବଦଲ ଅଖତରଙ୍କ ସହ ପର୍ଯ୍ୟବେକ୍ଷକ ଆଲୋଚନା କରିଥିଲେ। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କ ସହ ଆଲୋଚନା କରି ମାଲଗୋଦାମ ଅଞ୍ଚଳରେ ସଂକ୍ରମଣ ରୋକିବା ପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ସିଏମ୍‌ସି କମିଶନର ଓ କଟକ ଡିସିପି ପ୍ରତୀକ ସିଂଙ୍କୁ କୁହାଯାଇଥିଲା। ଆବଶ୍ୟକ ଅନୁଯାୟୀ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀଙ୍କୁ ଡ୍ୟୁଟି ପାସ ଦେବା ଓ ସେମାନଙ୍କୁ ପାଳି କରି ତଥା ଅଲଗା ରଖି କାର୍ଯ୍ୟ କରାଇବା ପାଇଁ ଅନୁମତି ଦିଆଯିବା ଲାଗି ନିଷ୍ପତ୍ତି ହୋଇଥିଲା। ଏସ୍‌ସିବି ମେଡିକାଲ ଅଧୀକ୍ଷକ ଡା. ଅନନ୍ଦା ପ୍ରସାଦ ପଟ୍ଟନାୟକ, ଅଧ୍ୟକ୍ଷ ପ୍ରଫେସର ଡା. ଦେବେଶ୍ୱର ହୋତା ଓ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନ ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ ବୈଠକରେ ବିଭିନ୍ନ ପଦକ୍ଷେପ ନେଇ ସୂଚନା ରଖିଥିଲେ। ଜିଲାରେ ୧୦୦ ଶଯ୍ୟାବିଶିଷ୍ଟ ଆହୁରି କୋଭିଡ୍ କେୟାର କେନ୍ଦ୍ର ଖୋଲାଯାଉ ସେଠାରେ ଟେଷ୍ଟି, ଡାଏଲିସିସ୍ ବ୍ୟବସ୍ଥା ନେଇ ଜିଲାପାଳ ଅବଗତ କରାଇଥିଲେ। ଶୁକ୍ରବାର ପର୍ଯ୍ୟନ୍ତ ଜିଲାରେ [illegible] ଆର୍‌ଟିପିସିଆର ଓ ୭୪୯୫ ଆଣ୍ଟିଜେନ ଟେଷ୍ଟ ହୋଇଥିବା ବେଳେ ୨୮୫୫ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ଦୈନିକ ୯୦୦ରୁ ୧୦୦୦ ମଧ୍ୟରେ ଟେଷ୍ଟିଂ ହେଉଛି। ଏହାକୁ ବୃଦ୍ଧି କରାଯିବ ବୋଲି ସିଡିଏମ୍‌ଓ ଡା. ସତ୍ୟବ୍ରତ ଛୋଟରାୟ କହିଥିଲେ। ଅଶ୍ୱିନୀ ହସ୍ପିଟାଲ ନିର୍ଦ୍ଦେଶକ ଡା. ସୁବ୍ରତ ଜେନା ଆଉ ୫୦ଟି ଶଯ୍ୟା ବଢ଼ାଇବା ଦିଗରେ ପଦକ୍ଷେପ ନିଆଯାଉଥିବା ସୂଚନା ଦେଇଥିଲେ। ବୈଠକରେ ଗ୍ରାମାଞ୍ଚଳ ଏସ୍‌ପି ବି. ଯୁଗଳକିଶୋର ଉପସ୍ଥିତ ଥିଲେ।



ବଙ୍ଗୋପସାଗରରେ ରବିବାର ଆଉଏକ ଲଘୁଚାପ ସୃଷ୍ଟି ପୂର୍ବରୁ ଶନିବାର ପୁରୀ ସମୁଦ୍ରକୂଳ ଉପରକୁ ଜୁଆର ମାଡ଼ି ଆସିଛି।

## ସାଇବର ଠକେଇ: ୫୮ହଜାର ଟଙ୍କା ହରାଇଲେ ପ୍ରାଧ୍ୟାପିକା

ଭୁବନେଶ୍ୱର,୮।୮ (ବ୍ୟୁରୋ)

ଜାଲ୍ ୱେବ୍‌ସାଇଟ୍ ଓ ଲିଙ୍କ୍ ଖୋଲି ବସିଛନ୍ତି ସାଇବର ଠକ। ସୁଯୋଗ ପାଇବାମାତ୍ରେ ଲୋକଙ୍କୁ ଫସାଇ ଆକାଉଣ୍ଟରୁ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଉଛନ୍ତି। ପୂର୍ବରୁ ବହୁ ବଡ଼ ବଡ଼ ଘଟଣା ନଜରକୁ ଆସିଥିବାବେଳେ ଏବେ ଭୁବନେଶ୍ୱରର ଜଣେ ପ୍ରାଧ୍ୟାପିକା ୫୮ହଜାର ଟଙ୍କା ହରାଇଛନ୍ତି। ସେ ହେଲେ ବିଜେବି କଲେଜର କେମିଷ୍ଟ୍ରି ପ୍ରାଧ୍ୟାପିକା ରେଣୁକା ସାହୁ। ଏନେଇ ସେ ଶହୀଦନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଚିରାଚରିତ ଢଙ୍ଗରେ ତଦନ୍ତ ଆରମ୍ଭ କରିଛି। ଅଭିଯୋଗରୁ ପ୍ରକାଶ, ରେଣୁକା ଗତ ୪ ତାରିଖରେ ଗାଡ଼ି ଶୋରୁମ୍‌କୁ ୮ ହଜାର ୨୯୬ ଟଙ୍କା ଗୁଗଲ ପେ'ମାଧ୍ୟମରେ ପେମେଣ୍ଟ କରିଥିଲେ। କିନ୍ତୁ ଟଙ୍କା କଟିଯାଇଥିଲେ ମଧ୍ୟ ଶୋ'ରୁମ୍ ମାଲିକଙ୍କ ଆକାଉଣ୍ଟକୁ ଯାଇ ନ ଥିଲା। ଏହାପରେ ରେଣୁକା ଗୁଗଲ ପେ' କଷ୍ଟମର କେୟାର ଅଫିସକୁ ଯୋଗାଯୋଗ କରିବାକୁ ଇଣ୍ଟରନେଟ୍‌ରେ ଫୋନ୍ ନମ୍ବର ଖୋଜି ଅଜାଣତରେ ସାଇବର ଠକଙ୍କ ହାବୁଡ଼ରେ ପଡ଼ିଯାଇଥିଲେ। ସାଇବର ଠକଙ୍କ କଥାନୁସାରେ ରେଣୁକା ପ୍ଲେ ଷ୍ଟୋରରୁ ଏକ ଆପ୍ ଡାଉନ୍ ଲୋଡ୍ କରି ନିଜର ବ୍ୟାଙ୍କ୍ ଆକାଉଣ୍ଟର ସମସ୍ତ ତଥ୍ୟ ଦେଇଥିଲେ। ଏହାର ଅଧଘଣ୍ଟା ପରେ ରେଣୁକାଙ୍କ ଆକାଉଣ୍ଟରୁ ପ୍ରଥମେ ୪୯ ହଜାର ୯୯୯ ଟଙ୍କା ଓ ପରେ ପୁଣି ୮ ହଜାର ଟଙ୍କା କଟିଯାଇଥିଲା। ରେଣୁକା ଉକ୍ତ ଫୋନ୍ ନମ୍ବରରେ ଯୋଗାଯୋଗ କରିଥିଲେ ମଧ୍ୟ କେହି ଉଠାଇ ନ ଥିଲେ। ଏହାପରେ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ।

# କରୋନା ଟେଷ୍ଟିଂ କେନ୍ଦ୍ର ସ୍ଥାପନ କରିବ ବିଏମ୍‌ସି

ଭୁବନେଶ୍ୱର,୮।୮ (ବ୍ୟୁରୋ)

- ଜିଲା ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ହେବ ନମୁନା ପରୀକ୍ଷା
- ଆକ୍ରାନ୍ତଙ୍କୁ ନେବାଆଣିବାରେ ଲାଗିବ ଆଉ ୧୦ ଗାଡ଼ି
- ଭୁବନେଶ୍ୱରରେ ବୃଦ୍ଧିପାଇଛି ଆରୋଗ୍ୟ ହାର

ଭୁବନେଶ୍ୱରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ନମୁନା ସଂଗ୍ରହ ଓ ଟେଷ୍ଟିଂ ପରିମାଣକୁ ବଢ଼ାଇ ଦିଆଯାଇଛି। ଅଧିକ ଟେଷ୍ଟ ହେଉଥିବାରୁ ଅଧିକ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ପୂର୍ବରୁ ସହରର ବିଭିନ୍ନ ସ୍ଥାନରେ କ୍ୟାମ୍ପ୍ କରାଯାଇ ନମୁନା ପରୀକ୍ଷା କରାଯାଉଥିଲା। ଏବେ ଜିଲା ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଟେଷ୍ଟିଂ ସୁବିଧା କରାଯିବ। ଏଥିସହ ଆଗକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ତା'ର ନିଜର ସ୍ୱତନ୍ତ୍ର ଟେଷ୍ଟିଂ କେନ୍ଦ୍ର ସ୍ଥାପନ କରିବ। ଆକ୍ରାନ୍ତଙ୍କୁ ଯଥାଶୀଘ୍ର କୋଭିଡ୍ ହସ୍ପିଟାଲ କିମ୍ବା କୋଭିଡ୍ କେୟାର ସେଣ୍ଟରକୁ ନେବା ଆଣିବା ବ୍ୟବସ୍ଥାକୁ ଆହୁରି ତ୍ୱରାନ୍ୱିତ କରାଯିବ। ପୂର୍ବରୁ ୧୪ଟି ଗାଡ଼ିର ବ୍ୟବସ୍ଥା ହୋଇଥିବାବେଳେ ଏହି ସଂଖ୍ୟା ୨୪କୁ ବୃଦ୍ଧି କରାଯିବ ବୋଲି ବିଏମ୍‌ସି କମିଶନର ପ୍ରେମ ଚନ୍ଦ୍ର ଚୌଧାରୀ କହିଛନ୍ତି।

ଶନିବାର ଗୀତଗୋବିନ୍ଦ ସଦନରୁ କମିଶନର ଚୌଧାରୀ କୋଭିଡ୍ ସଂକ୍ରାନ୍ତରେ ସୂଚନା ଦେଇ କହିଲେ, ଟିକା ବାହାରିବା ପର୍ଯ୍ୟନ୍ତ ଆମକୁ ଅଧିକରୁ ଅଧିକ ସତର୍କ ରହିବାକୁ ହେବ। ଭୁବନେଶ୍ୱରରୁ ଏଯାବତ୍ ୩୭୬୩ଜଣ ସଂକ୍ରମିତ ହୋଇସାରିଲେଣି। ହେଲେ ଆଶ୍ୱସ୍ତି ଏତିକି ଯେ, ଏମାନଙ୍କ ମଧ୍ୟରୁ ୬୩% ଅର୍ଥାତ୍ ୨୩୬୦ ଜଣ ସୁସ୍ଥ ହୋଇଛନ୍ତି। ଶେଷ ୧୦ ଦିନରେ ୧୨୬୦ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୧୨୬ଜଣ ସକ୍ରିୟ ଅଛନ୍ତି। ବର୍ତ୍ତମାନ ବସ୍ତି ଅଞ୍ଚଳରୁ ୨୦୪ଜଣ ଚିକିତ୍ସାଧୀନ ରହିଥିବାବେଳେ ୧୨୩ଜଣ ବରିଷ୍ଠ ନାଗରିକ ଅଛନ୍ତି। ଟେଷ୍ଟିଂ, କଣ୍ଟାକ୍ଟ ଟ୍ରେସିଂ ଓ ଆକ୍ରାନ୍ତଙ୍କ ଚିକିତ୍ସା ପ୍ରତି ବିଏମ୍‌ସି ଗୁରୁତ୍ୱ ଦେଉଛି। ଗତ ସପ୍ତାହରେ ଦିନକୁ ୧୪ଶହ ନମୁନା ଟେଷ୍ଟ ହେଉଥିବାବେଳେ ଏବେ ପାଖାପାଖି ୧୮ଶହରେ ପହଞ୍ଚିଛି। ସରକାରଙ୍କ ପକ୍ଷରୁ ବିଭିନ୍ନ କୋଭିଡ୍ ହସ୍ପିଟାଲ, ହୋମ୍ କେୟାର ସେଣ୍ଟର, କମ୍ୟୁନିଟି କେୟାର ସେଣ୍ଟର ଓ ହୋମ୍ ଆଇସୋଲେଶନର ବ୍ୟବସ୍ଥା ରହିଛି। ଏବେ ଆବାସିକ କଲ୍ୟାଣ ସଂଘ ବିଏମ୍‌ସି ସହିତ ସହଯୋଗ କରି ୪ଟି କୋଭିଡ୍ କେୟାର ସେଣ୍ଟର ଖୋଲିଛି। ଆଗକୁ ଆହୁରି ଖୋଲାଯିବ। ଲୋକେ କିଛି ବି ଦ୍ୱନ୍ଦ୍ୱରେ ନ ପଡ଼ି ଆଗ୍ରହର ସହ ନମୁନା ପରୀକ୍ଷା କରାନ୍ତୁ ବୋଲି କମିଶନର ଚୌଧାରୀ ପରାମର୍ଶ ଦେଇଛନ୍ତି।

# ରାଜ୍ୟରେ ଆଉ ୧୫୪୪ ଆକ୍ରାନ୍ତ ସୁସ୍ଥ

ଭୁବନେଶ୍ୱର, ୮।୮ (ବ୍ୟୁରୋ)

ଶେଷ ୨୪ ଘଣ୍ଟାରେ ରାଜ୍ୟର ୨୬ ଜିଲାରୁ ଆଉ ୧୫୪୪ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏମାନଙ୍କୁ ମିଶାଇ ମୋଟ ଆରୋଗ୍ୟ ସଂଖ୍ୟା ଗଞ୍ଜାମରୁ ସର୍ବାଧିକ ୫୬୦ଜଣ ସୁସ୍ଥ ହୋଇଥିବାବେଳେ ଖୋର୍ଦ୍ଧାରୁ ଦ୍ୱିତୀୟ ସର୍ବାଧିକ ୨୦୩ ଜଣ ରହିଛନ୍ତି। ସେହିପରି କୋରାପୁଟ ୧୪୩, ଗଜପତି ୭୫, ନୟାଗଡ଼ ୬୨, ସୁନ୍ଦରଗଡ଼ ୫୯, କନ୍ଧମାଳ ୪୧, କଟକ ୩୭, କଳାହାଣ୍ଡି ଓ ରାୟଗଡ଼ାରୁ ୩୬ ଲେଖାଏ, ଯାଜପୁର ୩୪, ବାଲେଶ୍ୱର ୩୩, ପୁରୀ ୩୨, ସମ୍ବଲପୁର ୩୧, ମାଲକାନାଗିରି ୨୪, କେନ୍ଦ୍ରାପଡ଼ା ୨୧, କେନ୍ଦୁଝର ୧୭, ବରଗଡ଼ ଓ ବଲାଙ୍ଗୀରରୁ ୧୬ଜଣ ଲେଖାଏ, ଢେଙ୍କାନାଳ ୧୩, ମୟୂରଭଞ୍ଜ ୧୨, ଭଦ୍ରକ, ଜଗତ୍‌ସିଂହପୁର ଓ ସୁବର୍ଣ୍ଣପୁରରୁ ୮ଜଣ ଲେଖାଏ, ନୂଆପଡ଼ା ଓ ଅନୁଗୋଳରୁ ୬ଜଣ ଲେଖାଏ ଓ ନବରଙ୍ଗପୁରରୁ ୪ଜଣ କରୋନାକୁ ହରାଇ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏହାକୁ ମିଶାଇ ରାଜ୍ୟରେ ମୋଟ ୩୦୨୪୧ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

# ସ୍କିମ୍ ୱାର୍କର୍ସଙ୍କ ବିକ୍ଷୋଭ

**କଟକ ଅଫିସ,୮।୮:** କେନ୍ଦ୍ର ସରକାରଙ୍କ ସ୍କିମ ଯୋଜନାରେ କାମ କରୁଥିବା ଆଶା, ଅଙ୍ଗନୱାଡ଼ି, ପାଚିକା ସହାୟିକାମାନେ ସର୍ବନିମ୍ନ ମଜୁରି ଓ ସରକାରୀ ମାନ୍ୟତା ଦାବି କରି ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପାଚିକା ସହାୟିକାଙ୍କୁ ୨୮ ମାସର ବର୍ଦ୍ଧିତ ବକେୟା ପାରିଶ୍ରମିକ, ସର୍ବନିମ୍ନ ମାସିକ ୨୧ ହଜାର ଟଙ୍କା, ମାସିକ ୧୦ହଜାର ପେନ୍‌ସନ, ଶ୍ରମିକଙ୍କୁ ସ୍ଥାୟୀ କରିବା, କୋଭିଡ୍ ବେଳେ ପାଚିକାଙ୍କୁ ପାରିଶ୍ରମିକ ସହ ବିଭିନ୍ନ ଦାବିରେ ବିକ୍ଷୋଭ ହୋଇଥିଲା। ଜିଲା ସମ୍ପାଦକ ରାଜକିଶୋର ମଲ୍ଲିକ, ଅଫିସ ସମ୍ପାଦକ ଖଗେଶ୍ୱର ସେଠୀ, ପାଚିକା ସହାୟିକା ସଂଘ ପକ୍ଷରୁ ସ୍ୱାଧୀନ ବେହେରା, ଚିନ୍ତାମଣି ପଟ୍ଟନାୟକ ଓ ବିଶ୍ୱନାଥ ସାମଲ ଏହାର ନେତୃତ୍ୱ ନେଇଥିଲେ। ବିକ୍ଷୋଭକାରୀଙ୍କ ପକ୍ଷରୁ କଟକ ଜିଲାପାଳଙ୍କ ଜରିଆରେ କେନ୍ଦ୍ର ଶ୍ରମ ମନ୍ତ୍ରୀଙ୍କୁ ସ୍ମାରକପତ୍ର ଦିଆଯାଇଥିଲା।

## ରାହୁରେଖା ଲାଗିହେଲେ ମହାପ୍ରଭୁ

ପୁରୀ ଅଫିସ,୮।୮

ଶ୍ରୀମନ୍ଦିରରେ ଶନିବାର ମହାପ୍ରଭୁଙ୍କୁ ସୁନା ରାହୁରେଖା ଲାଗି କରାଯାଇଛି। ଦଇତାପତି ସେବକମାନେ ରାହୁରେଖା ଲାଗି କରିଛନ୍ତି। ଭୋଗମଣ୍ଡପ ନୀତି ସମ୍ପନ୍ନ ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଏହାପରେ ପାଳିଆ ପୁଷ୍ପାଳକ ସେବକମାନେ ରତ୍ନସିଂହାସନ ଉପରକୁ ଉଠି ଠାକୁରଙ୍କ ଖୋବାକଣ୍ଠି ମଇଲମ କରିଥିଲେ। ଶ୍ରୀଦେବୀ, ଭୂଦେବୀଙ୍କୁ ଖଟଶେଯ ଘରକୁ ବିଜେ କରାଇଥିଲେ। ଶୁଦ୍ଧସୁଆରମାନେ ରତ୍ନସିଂହାସନ ତଳେ ଓଷୁଅ ପ୍ରସ୍ତୁତ କରିଥିବାବେଳେ ବଣିଆମାନେ ସୁନା ରାହୁରେଖାକୁ ସଫା କରି ରଖିଥିଲେ। ଏହାପରେ ଦଇତାପତି ଗର୍ଭଗୃହକୁ ପ୍ରବେଶ କରି ମହାପ୍ରଭୁଙ୍କୁ ରାହୁରେଖା ଲାଗି କରିବା ପାଇଁ ପ୍ରସ୍ତୁତ ହୋଇଥିଲେ। ପାଳିଆ ମେକାପ ରାହୁରେଖାଗୁଡ଼ିକୁ ପତି ମହାପାତ୍ରଙ୍କ ହାତକୁ ବଢ଼ାଇଥିଲେ। ପତି ମହାପାତ୍ର ରାହୁରେଖାଗୁଡ଼ିକୁ ସଂସ୍କାର କରି ବଡ଼ବାଡ କ୍ରମରେ ଅର୍ଥାତ୍ ଶ୍ରୀବଳଭଦ୍ରଙ୍କଠାରୁ ଆରମ୍ଭ କରି ତିନିବାଡ଼ର ବାଡଗ୍ରାହୀ ଦଇତାଙ୍କୁ ପ୍ରଦାନ କରିଥିଲେ। ଏହାପରେ ସମସ୍ତ ଦଇତାପତି ମିଶି ଶୁଦ୍ଧସୁଆରଙ୍କଠାରୁ ଓଷୁଅ ଓ ଚାଙ୍ଗଡା ମେକାପଙ୍କଠାରୁ ବଇତମ (ସଫା ଛିଣ୍ଡା କନା) ନେଇ ଠାକୁରମାନଙ୍କ ଶ୍ରୀମୁଖରେ ରାହୁରେଖା ଲାଗି କରିଥିଲେ। ପରେ ରତ୍ନସିଂହାସନ ପୋଛା ମରାଯାଇ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଶ୍ରୀଦେବୀ, ଭୂଦେବୀଙ୍କୁ ଖଟଶେଯ ଘରୁ ଆଣି ରତ୍ନସିଂହାସନରେ ବିଜେ କରାଯାଇଥିଲା। ଏହାପରେ ଠାକୁରମାନଙ୍କ ମଇଲମ ହୋଇ ବେଶ ବଢିଥିଲା। ମଧ୍ୟାହ୍ନଧୂପ ପୂଜା ସରିବା ପରେ ପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ୩ ବାଡରେ ବନ୍ଦାପନା କରିଥିଲେ। ପରେ ମହାପ୍ରଭୁଙ୍କ ଅନ୍ୟ ନୀତି ବଢିଥିଲା।

**ତହସିଲ କାର୍ଯ୍ୟାଳୟ, ଚିତ୍ରକୋଣ୍ଡା, ଜିଲ୍ଲା - ମାଲକାନଗିରି**

ବିଜ୍ଞପ୍ତି ସଂଖ୍ୟା 1172/2020 (ସୈରାତ) — ତାରିଖ: 07.08.2020

**ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ଚିତ୍ରକୋଣ୍ଡା ତହସିଲ ଅନ୍ତର୍ଗତ ନିମ୍ନ ପ୍ରଦତ୍ତ ଲଘୁଖଣିଜ ସୈରାତ ଉତ୍ସଗୁଡିକର ଓଡ଼ିଶା ଲଘୁ ଖଣିଜଦ୍ରବ୍ୟ ରିହାତି ଆଇନ -୨୦୧୬ ଓ ଏହାର ସଂଶୋଧନ ଆଇନ- ୨୦୧୮ (Odisha Minor Mineral Concession-OMMC, Rules-2016 & its Ammendment-2018) ମୁତାବକ ଆସନ୍ତା ୫(ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rules-2016ର ଫର୍ମ-M (Form-M) ପୂରଣକରି ଏହାର ତିନି କପି ସହ ଆବଶ୍ୟକୀୟ କାଗଜାତର ନକଲ ସଂଲଗ୍ନ ପୂର୍ବକ ଠିକ୍ ଭାବରେ ବନ୍ଦଥିବା ଲଫାପା ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖକରି ଶେଷ ତାରିଖ ୨୮।୦୮।୨୦୨୦ ପୂର୍ବାହ୍ନ ୧୧.୦୦ ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ଠିକା ପେଟିକା (Tender Box)ରେ ପକାଇପାରିବେ କିମ୍ବା ରେଜିଷ୍ଟ୍ରି ବା କ୍ଷିପ୍ର ଡାକ ମାଧ୍ୟମରେ ପଠାଇପାରିବେ । ଏହି ବିଜ୍ଞାପନର ସମସ୍ତ ବିସ୍ତୃତ ବିବରଣୀ ମାଲକାନଗିରି ଜିଲ୍ଲା ୱେବ୍‌ସାଇଟ୍ www.malkangiri.nic.inରେ ଦେଖିପାରିବେ । ଯଦି ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ।

| | | |
|---|---|---|
| ୧- କାମୱାଡା ପଥର ଖାଦାନ | ୨- ଚିତାପାରି ପଥର ଖାଦାନ | ୩- ବାଲିମେଳା ବାଲି ଖାଦାନ |

ସ୍ୱା./- ତହସିଲଦାର, ଚିତ୍ରକୋଣ୍ଡା

ଏତଦ୍ୱାରା ଜିଲ୍ଲା ପ୍ରଶାସନ, ବରଗଡ଼ଙ୍କ ନିର୍ଦ୍ଦେଶକ୍ରମେ ୟୁରିଆ ସାରର ସ୍ୱଳ୍ପତା ପରିପ୍ରେକ୍ଷୀରେ ବରଗଡ ଜିଲ୍ଲାର ଚାଷୀଭାଇମାନଙ୍କୁ ଅବଗତ କରାଇଦିଆଯାଉଛି ଯେ, ସମସ୍ତ ସେବା ସମବାୟ ସମିତି ମାଧ୍ୟମରେ ୟୁରିଆ ସାର ସରକାରୀ ଧାର୍ଯ୍ୟ ମୂଲ୍ୟରେ ଅର୍ଥାତ୍ ୪୫ କେ.ଜି. ବସ୍ତା ପ୍ରତି ଟ୨୬୬.୫୦ ଦରରେ ଅଣରଣୀ ଚାଷୀମାନଙ୍କୁ ନଗଦ ବିକ୍ରିର ବ୍ୟବସ୍ଥା କରାଯାଇଛି । ଚାଷୀ ପ୍ରତି ସର୍ବୋଚ୍ଚ ୨ ବସ୍ତା ୟୁରିଆ କ୍ରୟ କରିପାରିବେ । ଏଥିପାଇଁ ଚାଷୀମାନେ ନିଜର ଆଧାର ନମ୍ବର ସହିତ POS ମେଶିନ୍‌ରେ ଟିପ ଚିହ୍ନ ଦେବା ଜରୁରୀ ଅଟେ ।
ଏତଦ୍‌ବ୍ୟତୀତ କୌଣସି ସ୍ଥାନରେ କୌଣସି ଅଧୀକୃତ ବିକ୍ରେତା ଅଧିକ ଦରରେ ୟୁରିଆ କିମ୍ବା ଅନ୍ୟସାର ବିକ୍ରି କରୁଥିବା ଖବର ପାଆନ୍ତି ତେବେ ତୁରନ୍ତ ନିକଟସ୍ଥ ବ୍ଲକ୍ କୃଷି ଅଧିକାରୀଙ୍କୁ ଜଣାନ୍ତୁ କିମ୍ବା ୯୪୩୭୦୮୪୭୯୭ ନମ୍ବରରେ ମୁଖ୍ୟ ଜିଲ୍ଲା କୃଷି କାର୍ଯ୍ୟାଳୟ, ବରଗଡରେ ଥିବା ସହକାରୀ କୃଷି ନିର୍ଦ୍ଦେଶକଙ୍କୁ ଜଣାଇବା ପାଇଁ ଅନୁରୋଧ କରାଗଲା ।
ଶ୍ରୀ ଦୀନବନ୍ଧୁ ଗାନ୍ଧୀ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ବରଗଡ଼

**N.A.C. OFFICE, KOTPAD**

Ph.No. 06860-283036, Fax No. 06860-283036, E-mail:kotpadnac@rediffmail.com

**'e' PROCUREMENT NOTICE**

**BID IDENTIFICATION NO. KPDNAC/25/2020-21**

**Tender ID-2020 ORULB 62149**

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in

| | |
|---|---|
| 1. Name of the work | : Civil |
| 2. No. of works | : 1 No. |
| 3. Estimated cost | : As per DTCN |
| 4. Period of completion | : As per DTCN |
| 5. Date & time of availability of the bid documents in the portal | : From 11.00 hours of 07.08.2020 to 17.00 hours of 17.08.2020 |
| 6. Last date/time for receipt of bids in the portal | : 17.08.2020 upto 17.00 hours |
| 7. Last date /time for receipt of documents through Regd. Post / Speed Post | :20.08.2020 upto 17.00 hours |
| 8. Bids received online shall be opened on | : 21.08.2020 at 11.00 hours |
| 9. Name & address of the officer inviting bid | : Executive Officer, N.A.C., Kotpad |

Further details can be seen from the procurement portal: www.tendersorissa.gov.in

Sd./- Executive Officer
N.A.C., Kotpad

**ପୂର୍ବ ତଟ ରେଳପଥ**

**ଇଂଜିନିୟରିଂ କାର୍ଯ୍ୟ**

ଫାଇଲ୍ ନଂ.DRM/Engg/KUR/20-21/E-Tender/18, ତା.03.08.2020ରିଖ

(1) ଟେଣ୍ଡର ବିଜ୍ଞପ୍ତି ସଂ.e-Tender NORTH-KUR-133-2020,ତା.30.07.2020ରିଖ

**ବିବରଣୀ:** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ଭଦ୍ରକ ଅଧୀନସ୍ଥ ଭଦ୍ରକ-ଯାଜପୁର କେନ୍ଦୁଝର ରୋଡ୍ ଷ୍ଟେସନ ମଧ୍ୟରେ କି.ମି. 287.47 ଠାରୁ କି.ମି.334.74 ପର୍ଯ୍ୟନ୍ତ 30.09.2021 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 115.71 ଲକ୍ଷ, EMD: 2,07,900/-, ଶେଷ ହେବା ଅବଧି: 30.09.2021 ।

(2) ଟେଣ୍ଡର ବିଜ୍ଞପ୍ତି ସଂ.e-Tender NORTH-KUR-134-2020,ତା.30.07.2020ରିଖ

**ବିବରଣୀ:** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ଯାଜପୁର କେନ୍ଦୁଝର ରୋଡ୍ ଅଧୀନସ୍ଥ J-D ଲାଇନ୍‌ରେ କି.ମି.180.00 ଠାରୁ କି.ମି. 147.00 ଏବଂ ଯାଜପୁର କେନ୍ଦୁଝର ରୋଡ୍-ଜେନାପୁର ଷ୍ଟେସନ ମଧ୍ୟରେ କି.ମି.334.74 ଠାରୁ କି.ମି. 353.80 ପର୍ଯ୍ୟନ୍ତ 30.09.2021 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 120.70 ଲକ୍ଷ, EMD: 2,10,400/-, ଶେଷ ହେବା ଅବଧି: 30.09.2021 ।

(3) ଟେଣ୍ଡର ବିଜ୍ଞପ୍ତି ସଂ.e-Tender NORTH-KUR-135-2020, ତା.31.07.2020ରିଖ

**ବିବରଣୀ:** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/କେନ୍ଦୁଝରଗଡ଼ ଅଧୀନସ୍ଥ ସୀତାବିଞ୍ଜ-ଜାରୋଲି ସେକ୍ସନରେ କି.ମି.16.298 ଠାରୁ କି.ମି.84.30 ପର୍ଯ୍ୟନ୍ତ 30.09.2021 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 101.27 ଲକ୍ଷ, EMD: 2,00,600/-, ଶେଷ ହେବା ଅବଧି: 30.09.2021 ।

(4) ଟେଣ୍ଡର ବିଜ୍ଞପ୍ତି ସଂ.e-Tender NORTH-KUR-136-2020, ତା.30.07.2020ରିଖ

**ବିବରଣୀ:** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ହରିଚନ୍ଦନପୁର ଅଧୀନସ୍ଥ ଟମ୍କା-ସୀତାବିଞ୍ଜ ସେକ୍ସନରେ କି.ମି.84.30 ଠାରୁ କି.ମି.151.10 ପର୍ଯ୍ୟନ୍ତ 30.09.2021 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 110.09 ଲକ୍ଷ, EMD: 2,05,100/-, ଶେଷ ହେବା ଅବଧି: 30.09.2021 ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.21.08.2020 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।

ଟେଣ୍ଡର ନଥିପତ୍ର ସମ୍ବନ୍ଧୀୟ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଯେକୌଣସି ଶୁଦ୍ଧିପତ୍ର ଜାରି ହେବା ସମ୍ପର୍କରେ ଜାଣିବା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଅବଲୋକନ କରିବାକୁ ହେବ ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ)/ ଖୋର୍ଦ୍ଧା ରୋଡ୍

PR-199/L/20-21

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

SMS SENDING WORK
ବେକାର ଯୁବକ, ଯୁବତୀ, ଗୃହିଣୀ ଏବଂ ବିଦ୍ୟାର୍ଥୀ ମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ Part time, full time SMS Work କରି ମାସକୁ 15000/- ରୁ 30000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ । ବିଦ୍ୟାର୍ଥୀ ମାନଙ୍କୁ ସର୍ବାଧିକାର ଦିଆଯିବ ।
Laptop, Mobile FREE
7326805892
7325861595

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165



ଖେଳିଲା ବେଳେ ପିଲାଏ ପାଟି କରିବା, ଚିଲେଇବା ସ୍ୱାଭାବିକ କଥା। ତେବେ ଝାଡ଼ଖଣ୍ଡର ହଜାରିବାଗ ଅଞ୍ଚଳରେ ଥିବା ଦାରୁ ଅଞ୍ଚଳର ଦାରୁବକସିଡ଼ିହ ଗାଁରେ ପିଲାମାନେ ଖେଳିବା ସମୟରେ ପାଟିତୁଣ୍ଡ କରି ନ ଥାନ୍ତି। ଏହି ପିଲାମାନେ ଜନ୍ମରୁ ଶୁଣିବା ଏବଂ କଥା କହିବା ଶକ୍ତି ହରାଇ ବସିଛନ୍ତି। ସେହିପରି ଗାଁରେ ୩୦ଜଣରୁ ଅଧିକ ମହିଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ମଦ୍ୟପାନ ଯୋଗୁ ଏଭଳି ଘଟିଛି। ଏନେଇ କୌଣସି ଆଖିଦୃଶିଆ ପଦକ୍ଷେପ ସରକାର ନେଉ ନ ଥିବା ଲୋକେ କହିଛନ୍ତି।



# ପୁଅକୁ ଫେରିପାଇଲେ ମା’



୩୨ ବର୍ଷ ପରେ ଭେଟ

**ବେଜିଂ:** ୩୨ ବର୍ଷ ପରେ ପୁଅକୁ ଫେରି ପାଇଥିବା ଜଣେ ମା’ର ବାତ୍ସଲ୍ୟ ମମତା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ପ୍ରାୟ ତିନି ଦଶନ୍ଧି ଧରି ପୁଅକୁ ଖୋଜିବା ପରେ, ମା’ ପ୍ରାୟ ଆଶା ହରାଇଥିଲେ। ତେବେ ୩୨ ବର୍ଷ ପରେ ପୁଅକୁ ଭେଟିବା ପୂର୍ବରୁ ମା’ ମଧ୍ୟ ଭୟ କରୁଥିଲେ ଯେ, କାଳେ ତାଙ୍କ ପୁଅ ତାଙ୍କୁ ଚିହ୍ନି ପାରିବନି। ତାଙ୍କୁ ଗ୍ରହଣ କରିବନି। ମାତ୍ର ପୁଅ ମଧ୍ୟ ମାଆଙ୍କୁ ଦେଖି ଆନନ୍ଦର ଅଶ୍ରୁ ବୁହାଇଥିବା ଫଟୋ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି।

ତେବେ ଏମିତି ଏକ ଖୁସିଖବର ଆସିଛି ଚାଇନାରୁ। ଲି ଜିଙ୍ଗଜି ନାମକ ଜଣେ ମହିଳାଙ୍କ ପୁଅ ମାଓୟିନ୍‌ଙ୍କୁ ୧୯୮୮ରେ କେହି ଅପହରଣ କରି ବିକ୍ରି କରିଦେଇଥିଲା। ଏହା ପରେ ମା’ ବହୁତ ଖୋଜାଖୋଜି କରିଥିଲେ ମଧ୍ୟ ପୁଅ ସନ୍ଧାନ ନ ପାଇ ଫେରିବା ଆଶା ହରାଇଥିଲେ। ଲି ଜିଙ୍ଗଜି ଶାନଜୀ ପ୍ରଦେଶର ବାସିନ୍ଦା। ୧୯୮୮ରେ ଯେତେବେଳେ ପୁଅ ମାଓୟିନ୍‌ଙ୍କୁ ଅପହରଣ କରାଯାଇଥିଲା। ସେତେବେଳେ ସେ ମାତ୍ର ୩ ବର୍ଷର ହୋଇଥିଲେ। ଲି ଜିଙ୍ଗଜି ତିନି ଦଶନ୍ଧି ପରେ ପୁଅକୁ ପାଇଛନ୍ତି। ଏହା ପରେ ମାଓୟିନ୍ ମାତାପିତାଙ୍କ ସହିତ ପ୍ରାୟ ଏକ ମାସ ବିତାଇଲେ।

ମାଓୟିନ୍ ଏକମାତ୍ର ସନ୍ତାନ। କାରଣ ସେହି ସମୟରେ ଚାଇନାରେ ଗୋଟିଏ ଶିଶୁର ନୀତି ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହୋଇଥିଲା। ଯେତେବେଳେ ତାଙ୍କ ପିତା ଏକ ହୋଟେଲ ନିକଟରେ ପାଣି ପିଇବା ବନ୍ଦ କରିଥିଲେ, ସେତେବେଳେ ତାଙ୍କୁ ଅପହରଣ କରାଯାଇଥିଲା। ମାତାପିତା ପୁଅକୁ ଖୋଜିବା ପାଇଁ ତାଙ୍କ ଫଟୋ ସହିତ ୧ ଲକ୍ଷ ପୋଷ୍ଟର ଛାପିଥିଲେ। କିନ୍ତୁ ସଫଳ ହୋଇ ନ ଥିଲେ। ଚଳିତବର୍ଷ ମାଓୟିନ୍‌ଙ୍କ ବିଷୟରେ କେହି ପୋଲିସକୁ ସୂଚନା ଦେଇଥିଲେ, ସେତେବେଳେ ଡିଏନ୍‌ଏ ପରୀକ୍ଷା କରାଯାଇଥିଲା। ଯାହା ତାଙ୍କ ମାତାପିତାଙ୍କୁ ନିଶ୍ଚିତ କରିଥିଲା। ଏକ ଦାମ୍ପତ୍ୟ ଜୀବନ ବିତାଉଥିବା ମାଓୟିନ୍ ତାଙ୍କ ଘରୁ ପ୍ରାୟ ୭୦୦ କିଲୋମିଟର ଦୂରରେ ଥିବା ଚେଙ୍ଗଡୁ ନାମକ ଏକ ସହରରେ ରହୁଥିଲେ। ମାଓୟିନ୍‌ଙ୍କୁ ଅପହରଣକାରୀମାନେ ମାତ୍ର ୬୪ ହଜାର ଟଙ୍କାରେ ଏକ ଦମ୍ପତିଙ୍କୁ ବିକ୍ରି କରି ଦେଇଥିଲେ। ଏହି ଦମ୍ପତିଙ୍କର ମଧ୍ୟ କୌଣସି ସନ୍ତାନସନ୍ତତି ନ ଥିଲେ।

# ବିମାନ ଦୁର୍ଘଟଣା ପୂର୍ବରୁ ଶେଷ ସେଲ୍ଫି




**କୋଝିକୋଡ:** କେରଳର କୋଝିକୋଡ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନ ଶୁକ୍ରବାର ସନ୍ଧ୍ୟାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ୧୮ ଜଣଙ୍କ ମୃତ୍ୟୁ ଘଟିଥିଲା। ବନ୍ଦେ ଭାରତ ମିଶନରେ ଦୁବାଇରୁ ଆସୁଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନରେ ୧୭୪ଜଣ ଯାତ୍ରୀ ଥିଲେ। କେରଳର କୋଝିକୋଡ ବିମାନବନ୍ଦରରେ ଲ୍ୟାଣ୍ଡିଂ କରୁଥିବା ସମୟରେ ବିମାନଟି ହଠାତ୍ ରନ୍‌ୱେରୁ ବାହାରକୁ ଚାଲିଯାଇ ୩୦ ଫୁଟ ତଳକୁ ଖସିପଡ଼ିବାରୁ ଦୁଇଖଣ୍ଡ ହୋଇଯାଇଥିଲା। ଯାହା ଅତ୍ୟନ୍ତ ହୃଦୟ ବିଦାରକ ଦୃଶ୍ୟ ଥିଲା। ଅନ୍ୟପଟେ ବିମାନ ଦୁର୍ଘଟଣା ପରେ ଏବେ ୨ଟି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବିମାନରେ ଦୁବାଇରୁ ଆସୁଥିବା ଏକ ପରିବାରର ଏହି ଫଟୋ ଅନେକଙ୍କ ମନରେ ଦୁଃଖ ଆଣିଦେଇଛି। କାରଣ ଦୁର୍ଘଟଣା ପୂର୍ବରୁ ଜଣେ ବ୍ୟକ୍ତି ନିଜ ଝିଅ ଓ ପତ୍ନୀଙ୍କ ସହ ବିମାନରେ ନେଇଥିବା ସେଲ୍ଫି ତାଙ୍କ ପାଇଁ ଶେଷ ସେଲ୍ଫି ହୋଇଯାଇଛି। ଉକ୍ତ ଫଟୋରେ ସେମାନେ ମାସ୍କ ଓ ଫେସ୍‌ସିଲ୍ଡ ପିନ୍ଧି ବିମାନରେ ସେଲ୍ଫି ନେଇଥିବା ନଜର ଆସିଛି। ଏହାପରେ ହଠାତ୍ ଯେପରି ତାଙ୍କ ଉପରେ ଆକାଶ ଭାଙ୍ଗି ପଡ଼ିଥିଲା। ବିମାନ ଦୁର୍ଘଟଣାରେ ସରିଫ୍‌ଉଦ୍ଦିନ ନାମକ ବ୍ୟକ୍ତି ଗୁରୁତର ଆହତ ହୋଇଥିବା ବେଳେ ମା’ ମଧ୍ୟ ଆହତ ହୋଇ ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତେବେ ଝିଅଟି ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଏହି ପରିବାର କେରଳର ମାନ୍ନାପୁରମ ଅଞ୍ଚଳର ବାସିନ୍ଦା ବୋଲି ସୂଚନା ରହିଛି। ସେହିପରି ଆଉ ଏକ ହୃଦୟ ବିଦାରକ ଦୃଶ୍ୟ ସାମ୍ନାକୁ ଆସିଛି। କାରଣ ଦୁର୍ଘଟଣାରେ ବାପା ମା’ଙ୍କଠାରୁ ଜଣେ ଶିଶୁ ଅଲଗା ହୋଇଯାଇଥିବା ବେଳେ ଜଣେ ପୋଲିସ କର୍ମଚାରୀ ଝିଅଟିକୁ ଉଦ୍ଧାର କରି ଚିକିତ୍ସା ଲାଗି ହସ୍ପିଟାଲ ପଠାଇଥିବା ଦେଖିବାକୁ ମିଳିଛି। ଏହି ୨ଟି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

# ଅନାଥ ଶିଶୁଙ୍କ ଦାୟିତ୍ୱ ନେଲେ ସୋନୁ



ସୋନୁ ସୁଦ

**ମୁମ୍ବାଇ:** ଦେଶରେ ଲକ୍‌ଡାଉନ ସମୟରେ ବଲିଉଡ୍ ଅଭିନେତା ସୋନୁ ସୁଦ ପ୍ରବାସୀଙ୍କ ପାଇଁ ଦେବଦୂତ ସାଜିଛନ୍ତି। ଲକ୍‌ଡାଉନ ସମୟରେ ବିଭିନ୍ନ ରାଜ୍ୟରେ ଫସିଥିବା ପ୍ରବାସୀ ଶ୍ରମିକଙ୍କୁ ନିଜ ଘରକୁ ପଠାଇ ସୋନୁ ବେଶ୍ ଚର୍ଚ୍ଚିତ ହେବା ସହ ପ୍ରଶଂସା ମଧ୍ୟ ସାଉଁଟିଛନ୍ତି। ତେବେ ପ୍ରବାସୀଙ୍କ ସହାୟତା ପରେ ଏବେ ସୋନୁ ୪ଜଣ ଅନାଥ ଶିଶୁଙ୍କୁ ସହାୟତା କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଶୁଣିବାକୁ ମିଳିଛି, ପଞ୍ଜାବର ତରନତାରନ ଜିଲାର ପଣ୍ଡୋରୀ ଗୋଲା ଗାଁର ସୁଖଦେବ ସିଂହଙ୍କ ବିଷାକ୍ତ ମଦ ପିଇ ମୃତ୍ୟୁ ହୋଇଥିଲା। ସ୍ୱାମୀଙ୍କ ମୃତ୍ୟୁକୁ ସହ୍ୟ କରି ନ ପାରି ସ୍ତ୍ରୀ ମଧ୍ୟ ପ୍ରାଣ ହରାଇଥିଲେ। ଦମ୍ପତିଙ୍କ ମୃତ୍ୟୁ ପରେ ୪ଜଣ ଶିଶୁ ଅନାଥ ହୋଇଯାଇଥିବା ବେଳେ ଏବେ ସୋନୁ ସେମାନଙ୍କ ପାଇଁ ଦେବଦୂତ ସାଜିଛନ୍ତି। ସୋନୁ ଶନିବାର ଟୁଇଟ କରି ୪ଜଣ ଶିଶୁଙ୍କ ଦାୟିତ୍ୱ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଖୁବ୍‌ଶୀଘ୍ର କରଣବୀର, ଗୁରପ୍ରୀତ, ଅର୍ଶଦୀପ ଓ ସନ୍ଦୀପଙ୍କୁ ସେ ଭଲ ଘର, ଭଲ ସ୍କୁଲ ଓ ଭଲ ଭବିଷ୍ୟତ ଯୋଗାଇଦେବେ ବୋଲି କହିଛନ୍ତି। ବର୍ତ୍ତମାନ ଉକ୍ତ ଶିଶୁ ନିଜ କକାଙ୍କ ପାଖରେ ରହୁଥିବା ସୂଚନା ରହିଛି।

# ମେଦବହୁଳତା ଦୂରକରେ ଗଧ କ୍ଷୀର



ଲିଟର ପିଛା ୭ ହଜାର ଟଙ୍କା

**ହିସାର:** ଏବେ ପିଲାଙ୍କୁ ଗଧ କ୍ଷୀର ପିଇବାକୁ ଦିଆଯିବ। ଏହାଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହେବା ସହିତ ସ୍ମୃତି ଶକ୍ତି ବି ପ୍ରଖର ହେବ। ଏହାକୁ ନିୟମିତ ପିଇଲେ କର୍କଟ, ମେଦବହୁଳତା ଏବଂ ଆଲର୍ଜିରୁ ମୁକ୍ତି ମିଳିପାରିବ ବୋଲି କୁହାଯାଉଛି। ହରିୟାଣାର ହିସାରଠାରେ ଥିବା ଜାତୀୟ ଅଶ୍ୱ ଅନୁସନ୍ଧାନ କେନ୍ଦ୍ର(ଏନ୍‌ଆର୍‌ସିଇ) ପକ୍ଷରୁ ଗଧ କ୍ଷୀର ବିକ୍ରି ପାଇଁ ଷ୍ଟଲ ସ୍ଥାପନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ହଲାରୀ ପ୍ରଜାତିର ମାଈ ଗଧଙ୍କଠାରୁ କ୍ଷୀର ସଂଗ୍ରହ କରାଯାଇ ଏହାକୁ ଅଧ ଲିଟର ଏବଂ ଲିଟର ପଲିପ୍ୟାକ ତଥା ବୋତଲରେ ବିକ୍ରି କରାଯିବ। ଏହାର ଦାମ ଲିଟର ପିଛା ୭ ହଜାର ଟଙ୍କା ରହିବ। ଏନେଇ କେନ୍ଦ୍ରୀୟ ମଇଁଷି ଅନୁସନ୍ଧାନ କେନ୍ଦ୍ର ଏବଂ ଜାତୀୟ ଦୁଗ୍ଧ ଗବେଷଣା ସଂସ୍ଥାନର ବିଶେଷଜ୍ଞଙ୍କ ସହଯୋଗ ଲୋଡ଼ା ଯାଇଛି। ଗାଈ କ୍ଷୀର ଭଳି ଗଧ କ୍ଷୀର ମଧ୍ୟ ବିକ୍ରି କରାଯିବ ବୋଲି ଏହି ପ୍ରକଳ୍ପରେ କାମ କରୁଥିବା ଏନ୍‌ଆର୍‌ସିଇ ବରିଷ୍ଠ ଗବେଷକ ପ୍ରଫେସର ଡ.ଅନୁରାଧା ଭରଦ୍ୱାଜ ସୂଚନା ଦେଇଛନ୍ତି।

# ଅନ୍‌ଲାଇନ୍‌ରେ ଗଣେଶପୂଜା



**ମୁମ୍ବାଇ:** କରୋନା ପାଇଁ ଏଥର ସବୁଆଡ଼େ ଉତ୍ସବ ପାଳନରେ ଲାଗିଛି କଟକଣା। ଏ ଦୃଷ୍ଟିରୁ ଏଥର ବିଭିନ୍ନ ମଣ୍ଡପରେ ଗଣେଶ ପୂଜା ହେବ ନାହିଁ। ବରଂ ଘରେ ଘରେ ଶ୍ରଦ୍ଧାଳୁଙ୍କ ପାଖରେ ପହଞ୍ଚିବେ ଭଗବାନ ଗଣେଶ। ଏମିତି ଏକ ଉଦ୍ଦେଶ୍ୟରେ ପୁଣେର କସ୍‌ବା ଗଣପତି ମଣ୍ଡଳ କୁହନ୍ତି, କରୋନା ପାଇଁ ଦେଶର ବିଭିନ୍ନ ସ୍ଥାନରେ ମାଟିରେ ତିଆରି ୧୨୧ଟି ଗଣେଶ ପ୍ରତିମା ବାଣ୍ଟିବା ପାଇଁ ନିଷ୍ପତ୍ତି ନେଇଛି ଏବଂ ଏହି ପ୍ରତିମା ବାଣ୍ଟିବା ପରେ ଅନ୍ ଲାଇନ୍‌ରେ ପୂଜା କରାଯିବ।

ପୁଣେରେ ଅନ୍‌ଲାଇନ୍‌ରେ ପୂଜା ପାଇଁ ରେଜିଷ୍ଟ୍ରେଶନ୍ ଆରମ୍ଭ ହୋଇସାରିଛି। ଅନ୍‌ଲାଇନ୍ ପୂଜା ପାଇଁ ହଜାର ହଜାର ଲୋକ ରେଜିଷ୍ଟ୍ରେଶନ୍ ବି କରାଇ ସାରିଲେଣି। ଏଥର ଗଣେଶ ପୂଜାରେ କରୋନା ଯୋଦ୍ଧାଙ୍କୁ ସମ୍ମାନ ଜଣାଇ ଗଣେଶ ମୂର୍ତ୍ତି ପ୍ରଦାନ କରାଯିବ। କୋଭିଡ୍ ଯୋଦ୍ଧାଙ୍କ ମଧ୍ୟରେ ଡାକ୍ତର, ପୋଲିସ୍ ଏବଂ ନର୍ସ ତଥା ସଫେଇ କର୍ମଚାରୀଙ୍କୁ ଗଣେଶ ମୂର୍ତ୍ତି ଦେଇ ସମ୍ମାନିତ କରାଯିବ। ପ୍ରତିବର୍ଷ ଭଳି ଏ ବର୍ଷ ମୁମ୍ବାଇରେ ଗଣେଶ ପୂଜାକୁ ବିଭିନ୍ନ ମଣ୍ଡପରେ ଧୁମ୍‌ଧାମ୍‌ରେ ପାଳନ କରି ହେବନି। ସେଥିପାଇଁ କସ୍‌ବା ଗଣପତି ମଣ୍ଡଳ ଅନ୍‌ଲାଇନ୍‌ରେ ପୂଜା କରି କରୋନା ଦୂର ପାଇଁ ପ୍ରାର୍ଥନା କରିବେ ବୋଲି କହିଛନ୍ତି। ମଣ୍ଡଳ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ମଣ୍ଡପକୁ ନ ଆସି ଘରେ ରହି ବର୍ତ୍ତମାନ ସମୟକୁ ସମ୍ମାନ ଦେବା ସହ କରୋନାକୁ ହରାଇବାକୁ ଆହ୍ୱାନ ଦିଆଯାଇଛି। ତେବେ ଅନ୍‌ଲାଇନ୍‌ରେ ପୂଜା କରିବା ପାଇଁ ବିଭିନ୍ନ ସ୍ଥାନରୁ ଲୋକେ ନାମ ରେଜିଷ୍ଟ୍ରେଶନ କରିଥିଲେ ବି ଶେଷରେ ଲକି ଡ୍ର ମାଧ୍ୟମରେ ଶ୍ରଦ୍ଧାଳୁଙ୍କୁ ଚୟନ କରି ସେମାନଙ୍କର ପୂଜା କରାଯିବ। ପୂଜା ସମୟରେ ଏଥର କୌଣସି ପ୍ରକାରର ଉତ୍ସବ ବା ଶୋଭାଯାତ୍ରା କରାଯିବ ନାହିଁ। ସରକାରଙ୍କ ଗାଇଡ୍ ଲାଇନ୍‌କୁ ମାନି ଏଥର ଏଭଳି ସମସ୍ତେ ଅନ୍‌ଲାଇନ୍ ପୂଜା କରିବା ନେଇ ଚିନ୍ତା କରିବା ଉଚିତ ବୋଲି ମତ ପ୍ରକାଶ ପାଇଛି।

# ପାର୍ଲରରେ ପ୍ରିୟା

**ମୁମ୍ବାଇ:** ପ୍ରିୟା ପ୍ରକାଶ ୱାରିୟର। ଆଖି ମାରିବା ପାଇଁ ସେ ବେଶ୍ ଚର୍ଚ୍ଚିତ। ନିଜ ଆଖିର ଯାଦୁରେ ରାତାରାତି ଷ୍ଟାର ପାଲଟି ଯାଇଥିଲେ ପ୍ରିୟା। ଏବେ ଏହି ଅଭିନେତ୍ରୀ ଜାତୀୟ ସ୍ତରରେ ବେଶ୍ ପରିଚିତ। ସେଦିନର ସେହି ଆଖିମରା ଭିଡିଓ ଆଜିବି ଦର୍ଶକଙ୍କ ମନରେ ରହିଯାଇଛି। ଏହାପରେ ପ୍ରିୟା ସମୟ ସମୟରେ ସୋସିଆଲ ମିଡିଆରେ ତାଙ୍କ ପ୍ରଶଂସକଙ୍କ ପାଇଁ କିଛି ଭିଡିଓ ଅପ୍‌ଲୋଡ କରିଥାଆନ୍ତି। ଯେଉଁଥିରେ ତାଙ୍କ ଡ୍ୟାନ୍ସ ଓ ଏକ୍ସପ୍ରେଶନକୁ ଖୁବ୍ ପ୍ରଶଂସା କରାଯାଏ। ନିକଟରେ ସେ ନିଜ ଇନଷ୍ଟାଗ୍ରାମରେ ଏକ ଭିଡିଓ ଶେୟାର କରିଛନ୍ତି। ଯାହା ପୁଣିଥରେ ଚର୍ଚ୍ଚାକୁ ଆସିଛି। ଏହି ଭିଡିଓରେ ସେ ଏକ ପାର୍ଲରରେ ବସିଥିବା ଦେଖାଯାଇଛି। ଆଉ ସେଠାରେ ସେ ତାଙ୍କ ଆଖିର ଯାଦୁ ଦେଖାଉଛନ୍ତି। ସେଠାରେ ସେ କେଶ କାଟିବାକୁ ବସିଥିବା ବେଳେ ବୋର୍ ହୋଇଯାଇ ସେ ତାଙ୍କର ଆଖିର ଯାଦୁ ଦେଖାଇ ଏହାର ଭିଡିଓ ପ୍ରସ୍ତୁତ କରୁଛନ୍ତି। ତେବେ କାରୋନା ଭାଇରସ ସଂକ୍ରମଣକୁ ଦୃଷ୍ଟିରେ ରଖି ସେ ପିପିଇ କିଟ୍ ପିନ୍ଧି ବସିଥିବା ଦେଖାଯାଇଛି। ଆଉ ପ୍ରିୟାଙ୍କର ଏଭଳି ଅନ୍ଦାଜ ତାଙ୍କ ପ୍ରଶଂସକଙ୍କୁ ବେଶ୍ ପସନ୍ଦ ଆସିଛି।



ପ୍ରିୟା ପ୍ରକାଶ ୱାରିୟର

# ସେଲ୍ସମ୍ୟାନ ସାଜିଲା କୁକୁର




**ବ୍ରାସିଲିଆ:** ମଣିଷ ପରି କୁକୁର ଏବେ ସେଲ୍ସ ମ୍ୟାନ ସାଜିଛି। ତାହାପୁଣି ଏକ ପ୍ରତିଷ୍ଠିତ କାର କମ୍ପାନୀରେ। ଶୁଣିବାକୁ ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। କୁକୁର ବେକରେ ଆଇଡି କାର୍ଡ ମଧ୍ୟ ଝୁଲୁଛି। ଏଥିପାଇଁ କୁକୁରଟି ଏବେ ଷ୍ଟାର ପାଲଟିଯାଇଥିବା ବେଳେ ସୋସିଆଲ ମିଡିଆରେ ତା’ର ଅନେକ ଫଟୋ ଭାଇରାଲ ହେବାରେ ଲାଗିଛି।

ବ୍ରାଜିଲର ହ୍ୟୁଣ୍ଡାଇ ଶୋ’ ରୁମ ସମ୍ମୁଖରେ ଏହି କୁକୁରଟି ପ୍ରତିଦିନ ବୁଲୁଥିଲା। ଧୀରେ ଧୀରେ ସେ ଶୋ’ରୁମ୍‌ର କର୍ମଚାରୀଙ୍କ ସହ ମିଶିଗଲା। କର୍ମଚାରୀମାନେ ତା’ର ନାମ ରଖିଲେ ଟକ୍ସନ। ପରେ ଟକ୍ସନ ଶୋ’ ରୁମ୍‌ର ଅନ୍ୟ କର୍ମଚାରୀଙ୍କ ପରି କାମ କରିବାକୁ ଲାଗିଛି। ଏଥିପାଇଁ ତା’ର ଏକ ଆଇଡି କାର୍ଡ ମଧ୍ୟ ତିଆରି କରାଗଲା। ପ୍ରତିଦିନ କାର୍ଡଟି ତା’ର ବେକରେ ଝୁଲିଥାଏ। ଗ୍ରାମର ନାଜି ନାମକ ଜଣେ ବ୍ୟକ୍ତି ନିଜ ଟୁଇଟର ଆକାଉଣ୍ଟରେ ଟକ୍ସନ ସହ ଅନ୍ୟ କର୍ମଚାରୀଙ୍କ ଫଟୋ ଶେୟାର କରିଛନ୍ତି।

# ପ୍ରକୃତ ସୌନ୍ଦର୍ଯ୍ୟ ହୃଦୟରୁ ଦେଖାଯାଏ

**ମୁମ୍ବାଇ:** ଶେହେନାଜ୍ ଗିଲ୍ ନିଜ ଫ୍ୟାନ୍‌ମାନଙ୍କୁ ବହୁତ ଭଲ ପାଇବା ସହିତ ସେମାନଙ୍କୁ ସରପ୍ରାଇଜ୍ ଦେବା ଲାଗି ଗୋଟିଏ ବି ସୁଯୋଗ ମିସ୍ କରନ୍ତିନି। ସେ ଫ୍ୟାନ୍‌ମାନଙ୍କ ସହିତ ପ୍ରାୟ ସମୟ ଲାଇଭ୍ ଚାଟ୍ କରିଥାନ୍ତି। ନିକଟରେ ଇନ୍‌ଷ୍ଟାଗ୍ରାମରେ ତାଙ୍କର ଫଲୋଅର୍ସଙ୍କ ସଂଖ୍ୟା ୫ ମିଲିୟନରେ ପହଞ୍ଚିଛି। ଯେଉଁଥିପାଇଁ ସେ ଖୁସି ହୋଇ ଧନ୍ୟବାଦ ଜଣାଇବା ସହ ଏକ ସ୍ପେଶିଆଲ ଭିଡିଓ ମଧ୍ୟ ଶେୟାର କରିଥିଲେ। ନିକଟରେ ସେ କରିଥିବା ଫଟୋଶୁଟ୍ ଇନ୍‌ଷ୍ଟାରେ ଅପ୍‌ଲୋଡ୍ କରିଥିଲେ। ଏହି ଫଟୋଗୁଡ଼ିକ ପାଇଁ ଶେହେନାଜ୍ ଏବେ ଚର୍ଚ୍ଚାରେ। ଏଥିରେ ସେ ଖୁବ୍ ସୁନ୍ଦର ମଧ୍ୟ ଦିଶୁଛନ୍ତି। ଫଟୋ ସହିତ ସେ ଏକ କ୍ୟାପସନ୍ ଲେଖିଛନ୍ତି। ଯାହା ଅତ୍ୟନ୍ତ ହୃଦୟସ୍ପର୍ଶୀ। ସେ ଲେଖିଛନ୍ତି ଯେ, ମଣିଷର ପ୍ରକୃତର ସୌନ୍ଦର୍ଯ୍ୟ କେବଳ ହୃଦୟରୁ ହିଁ ଦେଖାଯାଏ। କାହାକୁ ନିଜର ସୌନ୍ଦର୍ଯ୍ୟତା ଦେଖାଇବା ଦରକାର ନାହିଁ, ଯିଏ ତୁମର ହୋଇଥିବ ତମେ ତା’ ପାଖରେ ସବୁବେଳେ ସୁନ୍ଦର ଦିଶିବ। ସୁନ୍ଦରତା ଦେଖାଇବା ପାଇଁ ସମ୍ପୂର୍ଣ୍ଣ ଡ୍ରେସ କିମ୍ବା ସର୍ଟ ଡ୍ରେସ୍ ପିନ୍ଧିବାର ଆବଶ୍ୟକତା ନାହିଁ। ସମସ୍ତେ ସୁନ୍ଦର। ନିଜ ଭିତରେ ଥିବା ଆତ୍ମବିଶ୍ୱାସକୁ ଦୃଢ଼ କରିବା ଦରକାର। ନିଜ ରଙ୍ଗ, ସଂସ୍କୃତିକୁ ଚିହ୍ନିବା ଦରକାର। ତାକୁ ହିଁ ନିଜର ଷ୍ଟାଇଲ ବନାନ୍ତୁ। ତାଙ୍କର ସବୁ ଫଟୋ ଗୁଡ଼ିକୁ ଫ୍ୟାନମାନେ ଭୂରି ଭୂରି ପ୍ରଶଂସା କରିଛନ୍ତି। କେହି କେହି ତାଙ୍କୁ କମେଣ୍ଟରେ କୁଇନ୍ ବୋଲି ଲେଖିଛନ୍ତି। କେହି ହଟ୍ ତ ଆଉ କେହି ସେକ୍ସି ଏବଂ ଷ୍ଟାଇଲିଶ ଲେଖିଛନ୍ତି। କେତେ ୟୁଜର୍ସ ତାଙ୍କୁ ଲେଖିଛନ୍ତି ଭଗବାନ ଆପଣଙ୍କୁ ଖରାପ ନଜରରୁ ରକ୍ଷା କରନ୍ତୁ। ତେବେ ପ୍ରଫେଶନାଲ ଫ୍ରଣ୍ଟ କଥା କହିଲେ ସେ ଫିଲହାଲ ସେ କୌଣସି ବଡ଼ ପ୍ରୋଜେକ୍ଟରେ କାମ କରିନାହାନ୍ତି। ବିଗବସ୍-୧୩ ପରେ ଅଭିନେତା ଶିଦ୍ଧାର୍ଥ ଶୁକ୍ଳାଙ୍କ ସହିତ ଶେହେନାଜ୍ ଏକ ମ୍ୟୁଜିକ୍ ଭିଡିଓରେ ନଜର୍ ଆସିଥିଲେ। ଲୋକେ ଖୁବ୍ ପସନ୍ଦ ମଧ୍ୟ କରିଥିଲେ।



ଶେହେନାଜ୍ ଗିଲ୍

## ବିଲାତି ବାଲା, ବେଳ ଆସିଲାଣି ବାନ୍ଧ ପେଡ଼ିପୁଟୁଳା...


ସହଦେବ ବେହେରା

ସ୍ୱାଧୀନତା ସଂଗ୍ରାମୀ ସହଦେବ ବେହେରା (ଗୋରା)। ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ଛାମୁସାହି ପାଟଣାରେ ତାଙ୍କର ଜନ୍ମ। ପରିକ୍ଷିତ ବେହେରା ଓ ଜହ୍ନ ବେହେରାଙ୍କ ପୁତ୍ର ଗୋରା ଭାରତଛାଡ଼ ଆନ୍ଦୋଳନର ସ୍ମୃତି ମନେପକାଇ କୁହନ୍ତି, ସେତେବେଳକୁ ମୋର ବୟସ ୧୯। ମହାତ୍ମା ଗାନ୍ଧୀଙ୍କ ଡାକରାରେ ଆନ୍ଦୋଳନ ପ୍ରସ୍ତୁତି ଚାଲିଥାଏ। ମୋରାରଜୀ ଦେଶାଇଙ୍କ ନେତୃତ୍ୱରେ କଟକର ସ୍ୱରାଜ୍ୟ ଆଶ୍ରମରେ ଏକ ବୈଠକ ବସି ଆନ୍ଦୋଳନକୁ କିପରି ସଫଳ କରାଯିବ ସେ ନେଇ ଆଲୋଚନା ହେଲା। ପରେ ଆନ୍ଦୋଳନରେ ନିଜକୁ ସାମିଲ କରିଥିଲି। ଏଥିପାଇଁ ମାଡ଼ ଖାଇଛି। ଜେଲ ବି ଯିବାକୁ ପଡିଛି। ଆନ୍ଦୋଳନ ସମୟରେ ମୁଁ ଏକ ଗୀତ ଗାଉଥିଲି। ଥରେ ମନଦେଇ ଶୁଣ କଥା ବିଲାତି ବାଲା, ବେଳ ଆସିଲାଣି ବାନ୍ଧ ପେଡିପୁଟୁଳା..। ସେଦିନର କଥା ମନେପଡିଲେ ଏବେ ଲୋମ ଟାଙ୍କୁରି ଉଠେ।

## ‘କର ବା ମର’ ଆହ୍ୱାନ ଉନ୍ମାଦିତ କରିଥିଲା


ବିଶ୍ୱନାଥ ଦାଶ

ସଂଗ୍ରାମୀ ବିଶ୍ୱନାଥ ଦାଶ। ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅରିଲୋ ପଞ୍ଚାୟତ ଅନ୍ତର୍ଗତ ଭଗବାନ ସିଣ୍ଡୋଳ ଗ୍ରାମରେ ୧୯୧୮ ଜୁନ୍ ୧୭ରେ ତାଙ୍କର ଜନ୍ମ। ପିତା ସ୍ୱର୍ଗତ ଘନଶ୍ୟାମ ଦାଶ ଏବଂ ମାତାଙ୍କ ନାମ ସ୍ୱର୍ଗତ ବେଲ ଦେଈ। ୧୬ ବର୍ଷ ବୟସରେ ମହାତ୍ମା ଗାନ୍ଧୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ। ସେତେବେଳେ ବିଭିନ୍ନ ସମୟରେ ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ରମା ଦେଈ, ଗୌରୀଶଙ୍କର ନାୟକ, ବୀର କିଶୋର ଦାସ ଓ ପ୍ରିୟନାଥ ଦେ ପ୍ରମୁଖଙ୍କ ସହ ସାମିଲ ହୋଇଥିଲେ। ଭାରତଛାଡ ଆନ୍ଦୋଳନର ନାରା ଥିଲା କର ବା ମର। ଏହି ଆହ୍ୱାନ ତାଙ୍କୁ ଉନ୍ମାଦିତ କରିଥିଲା । ଏରସମା ଥାନା ପୋଡିରେ ମଧ ତାଙ୍କର ପ୍ରମୁଖ ଭୂମିକା ଥିଲା। ବର୍ଷେ ଜେଲ ଯାଇଥିଲେ ବି ଲକ୍ଷ୍ୟ ପଥରୁ କେବେ ଓହରି ନଥିଲେ।


**ଗ୍ୱାଲିୟା ଟ୍ୟାଙ୍କ ମଇଦାନରେ ଗାନ୍ଧିଜୀ କହିଥିଲେ- ‘ଏକ ଛୋଟ ମନ୍ତ୍ର ମୁଁ ଆପଣଙ୍କୁ ଦେଉଛି। ଏହାକୁ ଆପଣମାନେ ହୃଦୟରେ ସ୍ଥାନ ଦିଅନ୍ତୁ ଏବଂ ଆପଣଙ୍କ ପ୍ରତିଟି ଶ୍ୱାସରେ ଏହାକୁ ଅଭିବ୍ୟକ୍ତ କରନ୍ତୁ। ଏହି ମନ୍ତ୍ର ହେଲା ‘କର ବା ମର’।**

### ମୁକ୍ତି ସଂଗ୍ରାମକୁ ତେଜୀୟାନ କରିଥିଲା
# କର ବା ମର



ଭାରତଛାଡ଼ ଆନ୍ଦୋଳନ ‘ଅଗଷ୍ଟ କ୍ରାନ୍ତି’ନାମରେ ବେଶ୍ ଜଣାଶୁଣା। ଭାରତରେ ବ୍ରିଟିଶ ଶାସନ ଶେଷ କରିବା ଏହି ଆନ୍ଦୋଳନର ଲକ୍ଷ୍ୟ ଥିଲା। ୧୯୩୯ ମସିହା ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବ୍ରିଟିଶ ସରକାର ଭାରତୀୟଙ୍କ ସହଯୋଗ ଲୋଡ଼ିଥିଲେ। ସେତେବେଳେ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ଏକ ପ୍ରସ୍ତାବ ରଖାଯାଇଥିଲା। ଯୁଦ୍ଧରେ ସହଯୋଗ କରିବା ବଦଳରେ ଭାରତର ସମ୍ପୂର୍ଣ୍ଣ ସ୍ୱାଧୀନତା ମାଗିଥିଲେ ଗାନ୍ଧିଜୀ। ହେଲେ ଏହି ପ୍ରସ୍ତାବକୁ ପୂରଣ କରିବାର ମିଛ ପ୍ରତିଶ୍ରୁତି ଦେଇ ବ୍ରିଟିଶ ସରକାର ଭାରତୀୟମାନଙ୍କୁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସାମିଲ କରାଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ବ୍ରିଟିଶ ସରକାର ଦେଇଥିବା କଥାକୁ ଭୁଲି ଦେଶରେ ନିଜର ରାଜୁତି ଜାରି ରଖିଲେ। ଭାରତକୁ ସ୍ୱାଧୀନ କରିବାର ପ୍ରତିଶ୍ରୁତିକୁ ପୂରଣ କରିବା ପରିବର୍ତ୍ତେ ଯୁଦ୍ଧରେ ସହଯୋଗ କଲେ ବ୍ରିଟିଶ ସରକାର ଭାରତୀୟମାନଙ୍କୁ କିଛି ସ୍ୱତନ୍ତ୍ର ଅଧିକାର ଦେବେ। ଏହି ପ୍ରସ୍ତାବ ନେଇ ଭାରତ ଆସିଥିଲେ କ୍ରିପ୍ସ। ମାତ୍ର ଏହି ଆଲୋଚନା ସଫଳ ହୋଇ ନ ଥିଲା। ଭାରତୀୟଙ୍କ ଦାବି ଥିଲା ସମ୍ପୂର୍ଣ୍ଣ ସ୍ୱରାଜ, କିନ୍ତୁ ବ୍ରିଟିଶ ସରକାର ତାହା ଦେବାକୁ ରାଜି ନ ଥିଲା। ଭାରତର ସୁରକ୍ଷା ତା’ ହାତରେ ରଖିବା ପାଇଁ ଚାହିଁଥିଲା ଏବଂ ଗଭର୍ନର ଜେନେରାଲଙ୍କ ଭିଟୋ ପକ୍ଷରେ ବି ଥିଲା। ଭାରତୀୟ ପକ୍ଷ କ୍ରିପ୍ସ ମିଶନଙ୍କ ପ୍ରସ୍ତାବକୁ ଖାରଜ କରିଦେଇଥିଲେ। ଏଥିନେଇ ୧୪ ଜୁଲାଇ, ୧୯୪୨ରେ ୱାର୍ଦ୍ଧାରେ କଂଗ୍ରେସର କାର୍ଯ୍ୟକାରିଣୀ ସମିତି ବୈଠକ ବସିଥିଲା। ଭାରତ ନିଜ ସୁରକ୍ଷା ନିଜେ କରିବ, ସାମ୍ରାଜ୍ୟବାଦ ତଥା ଫାସିବାଦକୁ ବି ବିରୋଧ କରିବ ବୋଲି ଏଠାରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହାପରେ ଭାରତଛାଡ ଆନ୍ଦୋଳନ ପ୍ରସ୍ତାବ ଅଣାଯାଇଥିଲା। ତେବେ ଅଗଷ୍ଟ ୮, ୧୯୪୨ରେ ଏହି ପ୍ରସ୍ତାବକୁ ସ୍ୱୀକାର କରାଯିବା ସହ ବମ୍ବେର ଗ୍ୱାଲିୟା ଟ୍ୟାଙ୍କ ମଇଦାନରେ ଗାନ୍ଧିଜୀ କହିଥିଲେ-‘ଏହା ଏକ ଛୋଟ ମନ୍ତ୍ର, ଯାହା ମୁଁ ଆପଣଙ୍କୁ ଦେଉଛି। ଏହାକୁ ଆପଣମାନେ ଆପଣଙ୍କ ହୃଦୟରେ ସ୍ଥାନ ଦିଅନ୍ତୁ ଏବଂ ଆପଣଙ୍କ ପ୍ରତିଟି ଶ୍ୱାସରେ ଏହାକୁ ଅଭିବ୍ୟକ୍ତ କରନ୍ତୁ। ଏହି ମନ୍ତ୍ର ହେଉଛି ‘କର ବା ମର’। ଆପଣମାନଙ୍କ ଏହି ପ୍ରୟାସରେ ଆମେ ସ୍ୱାଧୀନତା ପାଇବା ନଚେତ ଜୀବନ ଦେଇଦେବା। ତେବେ ଭାରତ ଛାଡ଼ ଆନ୍ଦୋଳନ ସମୟରେ ସଂଗ୍ରାମୀଙ୍କ ‘ଇଂରେଜ ଭାରତଛାଡ’ ଏବଂ ‘କର ବା ମର’ ସ୍ଲୋଗାନ୍‌ରେ ପ୍ରତିଟି ପ୍ରାନ୍ତ ପ୍ରକମ୍ପିତ ହୋଇ ଉଠିଥିଲା। ଇଂରେଜ ସରକାର ଦ୍ୱାରା ରାତି ୧୨ଟାରେ ଅପରେଶନ ଜିରୋ ଆୱାରରେ ସବୁ ବଡ ନେତାଙ୍କୁ ଗିରଫ କରି ନିଆଗଲା। ସେମାନଙ୍କୁ ଦେଶର ଅଲଗା ଅଲଗା ସ୍ଥାନରେ ରଖାଗଲା। ଗାନ୍ଧିଜୀଙ୍କୁ ପୁଣେର ଆଗା ଖାଁ ପ୍ୟାଲେସରେ ରଖାଯାଇଥିଲା ଓ ଅନ୍ୟ ନେତାମାନଙ୍କୁ ଅହମ୍ମଦ ନଗର ଦୁର୍ଗରେ ରଖାଯାଇଥିଲା। ପରେ କଂଗ୍ରେସଙ୍କୁ ଅଣ ସାମ୍ବିଧାନିକ ସଂସ୍ଥା ଘୋଷଣା କରି ଏହା ଉପରେ ପ୍ରତିବନ୍ଧକ ଲଗାଯାଇଥିଲା। କ୍ରମେ ଇଂରେଜଙ୍କ ବିରୋଧରେ ଦେଶର ପ୍ରତ୍ୟେକ ସ୍ଥାନରେ ପ୍ରତିବାଦର ସ୍ୱର ଶାଣିତ ହେବାରେ ଲାଗିଲା। ନେତାମାନେ ଜେଲରେ ରହିଲେ ବି ଆନ୍ଦୋଳନର ନେତୃତ୍ୱ ନିଜେ ଲୋକମାନେ ନେବାକୁ ଆଗେଇ ଆସିଲେ। ଫଳରେ ଭାରତ ଛାଡ଼ ଆନ୍ଦୋଳନର ଆହ୍ୱାନ ‘କର ବା ମର’ ସାରା ଦେଶରେ ପ୍ରତିଧ୍ୱନିତ ହେବାରେ ଲାଗିଲା।

## ଦେଶସେବା ଲାଗି ମନ ବ୍ୟାକୁଳ ହେଉଥିଲା


ନୀଳମଣି ସାମଲ

ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲ। ୧୯୨୩ ଫେବୃୟାରୀ ୨୩ରେ ବର୍ତ୍ତମାନର ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିପଡ଼ିଆ ଗ୍ରାମରେ ତାଙ୍କର ଜନ୍ମ। ପିତା ଶ୍ରୀଧର ସାମଲ ଓ ମାତା ମଲ୍ଲି ଦେବୀଙ୍କର ଜ୍ୟେଷ୍ଠପୁତ୍ର ସେ। ଦେଶସେବା ଲାଗି ପିଲାଟି ଦିନରୁ ତାଙ୍କ ମନ ବ୍ୟାକୁଳ ହେଉଥିଲା। ତେବେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ତାଙ୍କ ଗୁରୁ କୃଷ୍ଣ ମୋହନ ରାଉତରାୟ ଓ ବଡ଼ଚଣା ଗାନ୍ଧୀ ବୃନ୍ଦାବନ ତ୍ରିପାଠୀଙ୍କ ଡାକରାରେ ସେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଲେ। ୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନରେ ସେ ବେଶ୍ ସକ୍ରିୟ ହୋଇଉଠିଥିଲେ। ତାଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ପୋଷ୍ଟ ଅଫିସ, କଚେରି ଓ ରାଜସ୍ୱ ବିଭାଗର କେତେକ କାର୍ଯ୍ୟାଳୟ ପୋଡ଼ିଥିବା ପ୍ରକାଶ କରନ୍ତି ସେ। ଏଥପାଇଁ ୩ ବର୍ଷ ୬ ମାସ କାରାବରଣ କରିବାକୁ ପଡିଥିଲା। ଆଉ ଏହି ସମୟର ଠିକଣା ହୋଇଯାଇଥିଲା କଟକ ଜେଲର ୧୪ ନମ୍ବର ୱାର୍ଡ।

## ଜେଲରେ ବିତିଥିଲା ୨ବର୍ଷ ୨ମାସ ୨୨ଦିନ


ବିଚ୍ଛନ୍ଦ ଚରଣ ପ୍ରଧାନ

ଅନୁଗୋଳ ଜିଲା କଣିହାଁ ବ୍ଲକ କଂସମୁଣ୍ଡା ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ବିଚ୍ଛନ୍ଦ ଚରଣ ପ୍ରଧାନ। ପିତା ସୁଦର୍ଶନ ପ୍ରଧାନ ଓ ମାତା କଦଳୀ ଦେବୀଙ୍କ ଏହି ସୁପୁତ୍ର ୧୯୧୮ ଫେବୃୟାରୀ ୨୦ରେ ଜନ୍ମଗ୍ରହଣ କରିଥିଲେ। ତାଳଚେର ଯୁବରାଜ ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ୍ ଶେଷ ପରେ ଡ. ହରେକୃଷ୍ଣ ମହତାବ, ଯୁବରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଙ୍କର ତ୍ରିପାଠୀ ଏବଂ ଶିକ୍ଷକ ତଥା ପରବର୍ତ୍ତୀ ସମୟର ବିପ୍ଳବୀ ନେତା ପବିତ୍ର ମୋହନ ପ୍ରଧାନଙ୍କ ଆହ୍ୱାନରେ ସେ ତାଳଚେର ପ୍ରଜାମଣ୍ଡଳ ଆନ୍ଦୋଳନରେ ଯୋଗଦେଇଥିଲେ। ୧୯୩୮ରେ ସେ ପ୍ରତ୍ୟକ୍ଷ ଭାବେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ। ଗାନ୍ଧିଜୀଙ୍କ ପକ୍ଷରୁ ତାଙ୍କୁ ଏକ ବୈଷୟିକ ତାଲିମ ପାଇଁ ବରୀ ପଠାଯାଇଥିଲା। ଭାରତଛାଡ଼ ଆନ୍ଦୋଳନ ବେଳେ ସେ ସ୍ଥାନୀୟ ଅଞ୍ଚଳରେ ନେତୃତ୍ୱ ନେଇଥିଲେ। କୋଶଳାସ୍ଥିତ ଏକ କ୍ୟାମ୍ପରେ ରହି ସେ ଦେଶର ବିଭିନ୍ନ ସ୍ଥାନରୁ ଆସୁଥିବା ବିଶିଷ୍ଟ ସଂଗ୍ରାମୀଙ୍କୁ ସହାୟତା କରିଥିଲେ। ବ୍ରିଟିଶ ଶାସକଙ୍କୁ ସହାୟତା କରୁଥିବା ରାଜାଙ୍କ ବିରୋଧରେ ସଂଗ୍ରାମ ଯୋଗୁ ତାଙ୍କୁ ଗିରଫ କରାଯାଇଥିଲା। ଦୀର୍ଘ ୨ବର୍ଷ ୨ମାସ ୨୨ ଦିନ ସେ ଜେଲରେ ବିତାଇଥିବା କଥା ସ୍ମରଣ କରନ୍ତି।

## ୫୦ ଟଙ୍କା ଦେଇ ନ ପାରିବାରୁ ୩ ମାସ ଅଧିକ ଜେଲ ଭୋଗିଥିଲି


ଦେବାନନ ଗୁପ୍ତା

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ମୁରା ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ଦେବାନନ ଗୁପ୍ତା। ଭାରତ ଛାଡ ଆନ୍ଦୋଳନ ସମ୍ପର୍କରେ ୯୫ ବର୍ଷ ବୟସ୍କ ଏହି ସଂଗ୍ରାମୀ ସ୍ମରଣ କରି କୁହନ୍ତି ୧୯୪୨ ଅଗଷ୍ଟ ୮ ଦିନ ମହାତ୍ମା ଗାନ୍ଧୀ ବମ୍ବେଠାରେ ଆନ୍ଦୋଳନର ଡାକରା ଦେଇଥିଲେ। ଏକଥା ଦେଶର ସବୁଆଡେ ବ୍ୟାପିଯାଇଥିଲା । ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ହରେକୃଷ୍ଣ ମହତାବଙ୍କୁ ମହମଦ ନଗର ଦୁର୍ଗଠାରେ ଅଟକ ରଖାଗଲା। ରାଜ୍ୟରେ ମଧ୍ୟ ବଛା ବଛା ସଂଗ୍ରାମୀଙ୍କୁ ଜେଲରେ ପୂରାଇ ଦିଆଗଲା । ଏହାକୁ ନେଇ ପୁରପଲ୍ଲୀରେ ବିଦ୍ରୋହ ଆରମ୍ଭ ହୋଇଗଲା । ସହଯୋଗୀ ଅର୍ଜୁନ ଗୁପ୍ତା, ଚିନ୍ତାମଣି ଗୁପ୍ତା, ବଂଶୀଧର ପୃଷ୍ଟିଙ୍କ ସହ ମିଶି ଆମ ଅଞ୍ଚଳରେ ଆନ୍ଦୋଳନ ପାଇଁ ଲୋକମାନଙ୍କୁ ଏକଜୁଟ କରିବା ଆରମ୍ଭ କରିଥିଲୁ। ଏହି ସମୟରେ ଲପଙ୍ଗାଠାରୁ ଆମକୁ ପୋଲିସ ଗିରଫ କରି ଝାରସୁଗୁଡ଼ାକୁ ନେଇଯାଇଥିଲା । ପରେ ସମ୍ବଲପୁର କୋର୍ଟରେ ହାଜର କରାଯାଇଥିଲା । କୋର୍ଟରେ ୯ ମାସ ଜେଲ ସହ ୫୦ ଟଙ୍କା ଜରିମାନା ହୋଇଥିଲା। ସେ ସମୟରେ ଜରିମାନା ଟଙ୍କା ଦେଇ ନ ପାରିବାରୁ ଅଧିକ ୩ ମାସ ଜେଲରେ ଦଣ୍ଡ କାଟିବାକୁ ପଡିଥିଲା।

## ଥାନାପୋଡ଼ି ପାଇଁ ଯାଇଥିଲି ଜେଲ


ବ୍ରଜ କିଶୋର ରାଉତ

ଭଦ୍ରକ ଜିଲା ଧାମନଗର ବ୍ଲକ ବୟାଙ୍ଗଡିହି ପଞ୍ଚାୟତ କମାରବନ୍ଧ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ବ୍ରଜ କିଶୋର ରାଉତ। ୧୯୨୭ ମସିହା ଫେବୃୟାରୀ ୧୨ରେ ତାଙ୍କର ଜନ୍ମ। ମହାତ୍ମା ଗାନ୍ଧୀଙ୍କ ଭାରତଛାଡ ଆନ୍ଦୋଳନ ଡାକରା ସମୟରେ ଜଣେ ମେଧାବୀ ଛାତ୍ର ଭାବେ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରିବାକୁ ମନ ବଳାଇଥିଲେ। ମାତ୍ର ୧୫ ବର୍ଷ ବୟସରେ ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସହିତ ଭଣ୍ଡାରିପୋଖରୀ ଥାନା ପୋଡିରେ ସାମିଲ ହୋଇଥିଲେ। କହରା ପୋଖରୀଠାରୁ ବିଶାଳ ମଶାଲ ଶୋଭାଯାତ୍ରାରେ ମଶାଲ ଧରି ଅଗଷ୍ଟ ୧୭ ତାରିଖରେ ଭଣ୍ଡାରିପୋଖରୀ ଥାନାକୁ ପୋଡିଦିଆଯାଇଥିବା ସେ ସୂଚନା ଦିଅନ୍ତି। ଏହାପରେ ତାଙ୍କୁ ବ୍ରିଟିଶ ପୋଲିସ ଗିରଫ କରି ପ୍ରଥମେ ଭଦ୍ରକର ମହତାବ କୋଠିରେ ୧୫ ଦିନ ରଖିବା ପରେ ବାଲେଶ୍ୱର ଜେଲକୁ ପଠାଇ ଦେଇଥିଲେ। ଦୀର୍ଘ ୮ ମାସ ଜେଲରେ ରହିବା ପରେ ସେ ମୁକୁଳିଥିଲେ। ତା’ପରେ ‘ଧୂଷୁରୀ ସ୍ୱାଧୀନ’ ଡାକରାରେ ସାମିଲ ହେବା ସହିତ ଯୁବକମାନଙ୍କୁ ସଂଗ୍ରାମ ଧାରାରେ ସାମିଲ ପାଇଁ ପ୍ରେରଣା ଦେଉଥିଲେ। ଧୂଷୁରୀ ଅଞ୍ଚଳରେ ବ୍ରିଟିଶ ସରକାରଙ୍କ ଦ୍ୱାରା ବ୍ୟାପକ ଭାବେ ଗଞ୍ଜେଇ ଏବଂ ଅଫିମ ବ୍ୟବସାୟକୁ ଦୃଢ ବିରୋଧ ସହ ବନ୍ଦ କରିବାକୁ ଉଦ୍ୟମ କରିଥିଲେ।

## ପ୍ରେରଣା ଦେଇଥିଲା ଗାନ୍ଧିଜୀଙ୍କ ପଦଯାତ୍ରା


ଦଧୀଚି ସାହୁ

ସ୍ୱାଧୀନତା ସଂଗ୍ରାମୀ ଦଧୀଚି ସାହୁ ୧୯୨୪ ଅକ୍ଟୋବର ୮ରେ ଏବେର ଯାଜପୁର ଜିଲା ବରୀ ବ୍ଲକ କଳାମାଟିଆ ପଞ୍ଚାୟତର ଉପରକାଇପଡ଼ା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ୧୯୩୪ ରେ ବରୀ ଅଞ୍ଚଳକୁ ପଦଯାତ୍ରାରେ ଆସିଥାନ୍ତି ମହାତ୍ମା ଗାନ୍ଧୀ। ତାହାହିଁ ଦେଶସେବା ଲାଗି ସେହି କଅଁଳ ବୟସରେ ତାଙ୍କୁ ପ୍ରେରଣା ଦେଇଥିଲା। ଏହାପରେ ୧୯୪୨ ଭାରତ ଛାଡ଼ ଆନ୍ଦୋଳନରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିବର୍ଷ ଗହ୍ମାପୂର୍ଣ୍ଣିମା ଦିନ ଦଧୀଚିଙ୍କ ୪ ସହଯୋଗୀ ରକ୍ତପୀଠ କଳାମାଟିଆଠାରେ ତାଙ୍କ ଆଖିଆଗରେ ଇଂରେଜ ଗୁଳିରେ ପ୍ରାଣ ହରାଇଥିଲେ। ଏହି ଲୋମଟାଙ୍କୁରା ଦୃଶ୍ୟ ତାଙ୍କ ମନକୁ ଆହୁରି ଆନ୍ଦୋଳିତ କରିଥିଲା। ଦେଶକୁ ଇଂରେଜ କବଳରୁ ମୁକ୍ତି ଦେବା ପାଇଁ ସେ ଜୀବନକୁ ବାଜି ଲଗାଇବାକୁ ଦୃଢ଼ ନିଷ୍ପତ୍ତି ନେଇଥିଲେ। ଏହାପରେ ସେ କଟକସ୍ଥିତ ‘ସ୍ୱରାଜ ଆଶ୍ରମ’ରେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମ ପାଇଁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେବା ସହ କାରାଦଣ୍ଡ ଭୋଗିଥିଲେ। ସେଦିନର ଘଟଣା ସମ୍ପର୍କରେ ପଚାରିବାରୁ ସେ ସ୍ୟାଲୁଟ୍ ମାରିବା ସହ ଲୁହ ଛଳ ଛଳ ଆଖି ଓ ଅସ୍ପଷ୍ଟ କଣ୍ଠରେ ‘ବନ୍ଦେ ମାତରମ୍’, ‘ଭାରତ ମାତା କି ଜୟ’, ‘ଜୟ ଯବାନ ଜୟ କିଷାନ’ ବୋଲି କହିଥିଲେ।

## ପୋଲିସଠାରୁ ମାଡ଼ ଖାଇଲି, ଜେଲ ଗଲି


ମକରଧ୍ୱଜ ଦାସ

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ହାଟବାଣପୁର ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ମକରଧ୍ୱଜ ଦାସ। ୧୯୨୪ ମେ ୧୧ରେ ତାଙ୍କର ଜନ୍ମ। ମହାତ୍ମା ଗାନ୍ଧୀଙ୍କ ଡାକରାରେ ୧୯୪୨ ‘ଭାରତ ଛାଡ଼’ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ବର୍ଷ ସେପ୍ଟେମ୍ବର ୧୧ରେ ମାର୍ଶାଘାଇ ବ୍ଲକ ଅଙ୍ଗୁଳେଇ ପୋଷ୍ଟଅଫିସ ପୋଡିରେ ସେ ସମ୍ପୃକ୍ତ ଥିଲେ। ଏହି ଘଟଣାରେ ପୋଲିସଠାରୁ ମାଡ଼ ଖାଇ କେନ୍ଦ୍ରାପଡ଼ାରେ ଚିକିତ୍ସିତ ହୋଇଥିଲେ। ୧୨ ତାରିଖରେ ପୋଲିସ ତାଙ୍କୁ ଗିରଫ କରି କେନ୍ଦ୍ରାପଡ଼ା ଜେଲରେ ରଖିଥିଲେ। ଏହାପରେ କଟକ ଓ ବ୍ରହ୍ମପୁର ଜେଲରେ ବନ୍ଦୀଜୀବନ ବିତାଇଥିଲେ ସେ।

# ଭାରତଛାଡ଼ ଆନ୍ଦୋଳନରେ ଓଡ଼ିଶା

ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ

୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନରେ ଓଡ଼ିଶା ଏକ ଗୌରବମୟ ଭୂମିକା ଗ୍ରହଣ କରିଥିଲା। ଅଗଷ୍ଟ ୯ ତାରିଖ ରାତିରେ ବମ୍ବେଠାରେ ଭାରତୀୟ ଜାତୀୟ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଭ୍ୟ ହରେକୃଷ୍ଣ ମହତାବଙ୍କ ସମେତ ତୁଙ୍ଗନେତାଙ୍କୁ ମଧ ଗିରଫ କରାଯାଇଥିଲା। ଏଥିସହ ଓଡ଼ିଶାର ସବୁ ଜିଲା କଂଗ୍ରେସ କମିଟି, ଥାନା କଂଗ୍ରେସ କମିଟି ଓ କଂଗ୍ରେସ ଆଶ୍ରମକୁ ବେଆଇନ ଘୋଷଣା କରି ସେଥିରେ ତାଲା ପକାଇ ଦିଆଯାଇଥିଲା। ଅପରପକ୍ଷରେ ଅଗଷ୍ଟ ୧୧ରେ ସୁରେନ୍ଦ୍ର ନାଥ ଦ୍ୱିବେଦୀ ଓ ତା’ ପରଦିନ ମାଳତି ଚୌଧୁରୀ ବମ୍ବେରୁ ଫେରି ଆସିଥିଲେ। ତା’ପରେ ଓଡ଼ିଶାର ରାଜନୈତିକ ବାତାବରଣ ଉଷ୍ମ ହୋଇଥିଲା। ସେତେବେଳକୁ ସବୁ ତୁଙ୍ଗ ନେତା କାରାଗାରରେ ଥିବାରୁ ଆନ୍ଦୋଳନ ଏକ ଭିନ୍ନ ମୋଡ଼ ନେଇଥିଲା। ପୁରପଲ୍ଲୀରେ ଥିବା କଂଗ୍ରେସ କର୍ମୀମାନେ ଦଳ ବା ଅନ୍ୟ କୌଣସି ନେତାଙ୍କଠାରୁ ନିର୍ଦ୍ଦେଶ ନ ପାଇବା ଫଳରେ ନିଜ ଅଞ୍ଚଳରେ ସେମାନେ ଜଣେ ଜଣେ ନେତା ହୋଇ ପରିସ୍ଥିତି ଅନୁସାରେ ହିଂସାତ୍ମକ କାର୍ଯ୍ୟରେ ଆଶ୍ରୟ ନେଇଥିଲେ। ସେମାନେ ପୋଷ୍ଟ ଅଫିସ, ଥାନା, ସରକାରୀ ଅଫିସ ପୋଡିବା ସମେତ ସେଥିରେ ଥିବା ଆସବାବପତ୍ର ଲୁଟ କରିନେଇଥିଲେ। କେତେକ ସ୍ଥାନରେ ଏହା ଏପରି ଭୟାବହ ରୂପ ଧାରଣ କରିଥିଲା ଯେ, ପୋଲିସ ଗୁଳିରେ କେତେକ ସତ୍ୟାଗ୍ରହୀ ଟଳି ପଡିଥିଲେ।

ଅବିଭକ୍ତ ବାଲେଶ୍ୱର ଜିଲାରେ ପୋଲିସ ତିନୋଟି ସ୍ଥାନରେ ଗୁଳିଚାଳନା କରିବାରୁ ଓଡିଶାରେ ସର୍ବାଧିକ ସତ୍ୟାଗ୍ରହୀଙ୍କର ମୃତ୍ୟୁ ଘଟିଥିଲା। ଜଣେ ମହିଳା ସମେତ ୪୨ ଜଣ ମୃତ୍ୟୁବରଣ କରି ଶହୀଦ ହୋଇଥିଲେ।

ବର୍ତ୍ତମାନର ଭଦ୍ରକ ଜିଲା ଅନ୍ତର୍ଗତ ଭଣ୍ଡାରିପୋଖରୀ ଥାନା ପୋଡ଼ି ଥିଲା ଓଡ଼ିଶାରେ ଭାରତଛାଡ଼ ଆନ୍ଦୋଳନ ସମୟରେ ପ୍ରଥମ ହିଂସାତ୍ମକ କାର୍ଯ୍ୟ। ଏହା ଥିଲା ୧୯୪୨ ଅଗଷ୍ଟ ୧୭ ତାରିଖର ଘଟଣା। ସେହିପରି ଧାମନଗର ଥାନା ଅନ୍ତର୍ଗତ ଲୁଣିଆ କଟ ସାହି ଗ୍ରାମ ନିକଟରେ ଏକ ପଡିଆରେ ସେପ୍ଟେମ୍ବର ୨୨ ତାରିଖ ଦିନ ପୋଲିସ ଗୁଳିରେ ୯ ଜଣ ମୃତ୍ୟୁ ବରଣ କରିଥିଲେ। ବାଲେଶ୍ୱର ଜିଲାର ଖଇରା ଥାନା ଅନ୍ତର୍ଗତ ତୁଡିଗଡିଆ ଓ ଖଇରାଡିହି ଗ୍ରାମରେ ସେପ୍ଟେମ୍ବର ୨୮ ରେ ତିନିଜଣ ସତ୍ୟାଗ୍ରହୀ ପୋଲିସ ଗୁଳିରେ ମୃତ୍ୟୁବରଣ କରିଥିଲେ। ୧୯୪୨ ମସିହା ସେପ୍ଟେମ୍ବର ୨୮ରେ ଅଧୁନା ଭଦ୍ରକ ଜିଲାର ବାସୁଦେବପୁର ଥାନା ଅନ୍ତର୍ଗତ ଇରମରେ ଏକ ଲୋମହର୍ଷଣକାରୀ ଘଟଣା ସଂଗଠିତ ହୋଇଥିଲା। ପୋଲିସ ଫୌଜ ଗୁଳିଚାଳନା କରି ୨୯ ଜଣଙ୍କର ପ୍ରାଣ ନେବା ସଙ୍ଗେ ସଙ୍ଗେ ୫୬ ଜଣଙ୍କୁ ଆହତ କରିଥିଲେ।

ଅବିଭକ୍ତ କଟକ ଜିଲାରେ ଭାରତ ଛାଡ ଆନ୍ଦୋଳନ ଭୟଙ୍କର ରୂପ ନେଇଥିଲା।


ରକ୍ତତୀର୍ଥ ଇରମ୍

**୧୯୪୨ ମସିହା ସେପ୍ଟେମ୍ବର ୨୮, ଅଧୁନା ଭଦ୍ରକ ଜିଲାର ବାସୁଦେବପୁର ଥାନା ଅନ୍ତର୍ଗତ ଇରମରେ ସଂଘଟିତ ହୋଇଥିଲା ଏକ ଲୋମହର୍ଷଣକାରୀ ଘଟଣା। ପୋଲିସର ବର୍ବର ଗୁଳିକାଣ୍ଡରେ ରକ୍ତରଞ୍ଜିତ ହୋଇଥିଲା ଏହି ଭୂମି। ଏଥିପାଇଁ ଏହା ରକ୍ତତୀର୍ଥ ଭାବେ ପରିଚିତ...**

ଏହି ଜିଲାରେ ପୋଲିସ ଗୁଳିରେ କେତେଜଣ ଶହୀଦ ହୋଇଥିଲେ। ସେତେବେଳର ଯାଜପୁର ସବ୍‌ଡିଭିଜନ ଅଧୁନା ଯାଜପୁର ଜିଲାର ବିଞ୍ଝାରପୁର ଥାନା ଅନ୍ତର୍ଗତ କାଇପଡା କଳାମାଟିଆଠାରେ ଅଗଷ୍ଟ ୨୬ ତାରିଖ ଦିନ ପୋଲିସ ଅମାନୁଷିକଭାବେ ଗୁଳିଚାଳନା କରି ୪ ଜଣ ସତ୍ୟାଗ୍ରହୀଙ୍କୁ ମାରିଦେବା ସଙ୍ଗେ ସଙ୍ଗେ ୧୯ ଜଣଙ୍କୁ ଆହତ କରିଥିଲେ। ଅବିଭକ୍ତ କୋରାପୁଟ ଜିଲାରେ ଭାରତଛାଡ ଆନ୍ଦୋଳନର ଜୁଆର ନିଜର ସରହଦ ଅତିକ୍ରମ କରିଥିଲା। ଏହି ଜିଲାରେ ଜଣଙ୍କୁ ଫାଶୀ ଦିଆଯିବା ସହ ପୋଲିସ ଗୁଳିରେ ୨୫ ଜଣ ମୃତ୍ୟୁବରଣ କରିଥିଲେ। ଫାଶୀ ପାଇଥିବା ଲକ୍ଷ୍ମଣ ନାୟକ ଥିଲେ ସେହି ଆନ୍ଦୋଳନର ଏକ ଶାଣିତ ସ୍ୱର। ସେହିପରି ୧୯୪୨ ଅଗଷ୍ଟ ୨୪ରେ ଅବିଭକ୍ତ କୋରାପୁଟ ଜିଲା ନବରଙ୍ଗପୁର ସବ୍‌ଡିଭିଜନ୍‌ର ପାପଡ଼ାହାଣ୍ଡିଠାରେ ପୋଲିସ ଫୌଜ ଗୁଳିରେ ୧୯ଜଣ ସତ୍ୟାଗ୍ରହୀ ମୃତ୍ୟୁବରଣ କରିବା ସଙ୍ଗେ ସଙ୍ଗେ ୧୭ଜଣ ଆହତ ହୋଇଥିଲେ।

ପୁରୀ ଜିଲାର କେତେଜଣ ସତ୍ୟାଗ୍ରହୀ ୧୯୪୨ ସେପ୍ଟେମ୍ବର ୧୬ରେ ନିମାପଡ଼ା ଥାନା ପୋଡ଼ିବା ପାଇଁ ଉଦ୍ୟମ କରୁଥିବା ସମୟରେ ପୋଲିସ ଗୁଳି କରି ଜଣଙ୍କର ପ୍ରାଣ ନେଇଥିଲେ। ଆଉ କେତେଜଣ ମଧ ଆହତ ହୋଇଥିଲେ। ସମ୍ବଲପୁର ଜିଲା ଆନ୍ଦୋଳନ ତୀବ୍ର ହୋଇଥିବାବେଳେ ଏଠାରେ ତିନି ଜଣ ନାରୀନେତ୍ରୀ ସେମାନଙ୍କର ଦୁଃସାହସିକ ପଦକ୍ଷେପ ପାଇଁ ସ୍ୱାଧୀନତା ସଂଗ୍ରାମରେ ସ୍ମରଣୀୟ ହୋଇ ରହିଛନ୍ତି। ସେମାନେ ହେଲେ ଜମ୍ବୁବତୀ ଦେବୀ, ପ୍ରଭାବତୀ ଦେବୀ ଓ ପାର୍ବତୀ ଗିରି। ସେହିପରି ଗଞ୍ଜାମ ଜିଲାରେ ସତ୍ୟାଗ୍ରହୀମାନେ ସରକାରୀ ଅଫିସଗୁଡିକୁ ପୋଡ଼ି ଦେଇଥିଲେ। ଓଡ଼ିଶାରେ ଥିବା ୨୬ଟି ଗଡ଼ଜାତ ରାଜ୍ୟ ଊଣା ଅଧିକେ ଭାରତଛାଡ଼ ଆନ୍ଦୋଳନର ରଙ୍ଗଭୂମି ହୋଇଥିଲା। ଢେଙ୍କାନାଳ, ତାଳଚେର ଓ ନୟାଗଡ଼ ରାଜ୍ୟରେ ଏହି ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା। କେତେଜଣ ସତ୍ୟାଗ୍ରହୀ ପୋଲିସ ଗୁଳିରେ ମୃତ୍ୟୁବରଣ କରିଥିଲେ। ଏହାଥିଲା ଭାରତଛାଡ଼ ଆନ୍ଦୋଳନକୁ ଓଡ଼ିଶାର ଲୋମହର୍ଷଣକାରୀ ଗୁରୁତ୍ୱପୂର୍ଣ୍ଣ ଅବଦାନ।

**ମୋ-୯୮୬୧୦୬୪୯୫୦**

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ରବିବାର, ଅଗଷ୍ଟ ୯/୨୦୨୦ Sunday, August 9/2020

## ସଂକ୍ଷେପରେ

### ଆର୍ଥିକ ସଙ୍କଟରେ ସ୍ୱସ୍ତିକା



**କୋଲକାତା, ୮।୮ (ପି.ଟି.):** କରୋନା ଭାଇରସ୍ ଯୋଗୁ ଲକ୍‌ଡାଉନ୍ ଚାଲିଥିବାରୁ ବିଶ୍ୱର ୫ ନମ୍ବର ମାନ୍ୟତାପ୍ରାପ୍ତ ଜୁନିୟର ଟେବୁଲ ଟେନିସ (ଟିଟି) ଖେଳାଳି ସ୍ୱସ୍ତିକା ଘୋଷ ଆର୍ଥିକ ସଙ୍କଟରେ ପଡ଼ିଛନ୍ତି। ମୁମ୍ବାଇରେ ଘର ଭଡ଼ା ଦେଇ ରହିବା ତାଙ୍କ ପରିବାର ପକ୍ଷେ ଆଉ ସମ୍ଭବପର ନୁହେଁ। ତେଣୁ ତାଙ୍କ ପରିବାର କୋଲକାତା ଉପକଣ୍ଠସ୍ଥିତ ତାଙ୍କ ଜନ୍ମସ୍ଥାନ ଅନ୍ଦୁଲକୁ ଫେରିଯିବା ଲାଗି ବିଚାର କରୁଛନ୍ତି। ସ୍ୱସ୍ତିକାଙ୍କ ପିତା ସନ୍ଦୀପ ହେଉଛନ୍ତି ତାଙ୍କର କୋଚ୍ ଏବଂ ଟ୍ରେନିଂ ପାର୍ଟନର। ସେ ୪ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଚାକିରି ହରାଇଛନ୍ତି। ଫଳରେ ନବି ମୁମ୍ବାଇରେ ଘରଭଡ଼ା ଦେଇ ରହିବା କଷ୍ଟକର ହୋଇପଡ଼ିଛି। ସନ୍ଦୀପ ନେରୁଲଠାରେ ଥିବା ଏକ ଡିଏଭି ପବ୍ଲିକ ସ୍କୁଲରେ ଜଣେ ଟେବୁଲ ଟେନିସ୍ କୋଚ୍। ଲକ୍‌ଡାଉନ୍ ପରଠାରୁ ସେ 'ନୋ ୱାର୍କ, ନୋ ପେ' ନୀତିର ଶିକାର ହୋଇଛନ୍ତି। ସେ ତାଙ୍କ ସଞ୍ଚିତ ପ୍ରୋଭିଡେଣ୍ଟ ଫଣ୍ଡ୍‌କୁ ଟଙ୍କା ଆଣି ଖର୍ଚ୍ଚ କରିବାକୁ ବାଧ ହେଉଛନ୍ତି। ସ୍ୱସ୍ତିକା ଦୈନିକ ୬ଘଣ୍ଟା ଟ୍ରେନିଂ ନେଇଥାନ୍ତି। ଖାଦ୍ୟପେୟ ବାବଦରେ ତାଙ୍କୁ ୧୨୦୦ ଟଙ୍କା ଖର୍ଚ୍ଚ କରିବାକୁ ହୋଇଥାଏ। ମାତ୍ର ବର୍ତ୍ତମାନ ସେ ସବୁ ବନ୍ଦ ହୋଇଯାଇଛି।

# ଇଂଲଣ୍ଡର ଲଢୁଆ ବିଜୟ

**ମାଞ୍ଚେଷ୍ଟର,୮।୮(ପି.ଟି.)**

ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚ୍‌ରେ ଇଂଲଣ୍ଡ ଭ୍ରମଣକାରୀ ପାକିସ୍ତାନ ବିପକ୍ଷରେ ୩ ଉଇକେଟରେ ରୋମାଞ୍ଚକ ବିଜୟ ହାସଲ କରିଛି। ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଇଂଲଣ୍ଡ ୧-୦ରେ ଅଗ୍ରଣୀ ଲାଭ କରିଛି। ପାକିସ୍ତାନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୦୯.୩ ଓଭରରେ ସମ୍ମାନଜନକ ୩୨୬ ରନ ସଂଗ୍ରହ

### ପ୍ରଥମ ଟେଷ୍ଟ

କରିଥିଲା। ଜବାବରେ ଇଂଲଣ୍ଡ ପ୍ରଥମ ଇନିଂସରେ ୭୦.୩ ଓଭରରେ ୨୧୯ ରନ କରି ଅଲଆଉଟ ହୋଇଥିଲା। ଫଳରେ ପାକିସ୍ତାନ ୧୦୭ ରନର ଅଗ୍ରଣୀ ହାସଲ କରିଥିଲା। ଏହା ପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ପାକିସ୍ତାନ ୪୬.୪ ଓଭରରେ ୧୬୯ ରନ କରି ଆଉଟ ହୋଇଥିଲା। ଏଥିସହ ଇଂଲଣ୍ଡ ସମ୍ମୁଖରେ ୨୭୭ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା।

ଜବାବରେ ଶନିବାର ଚତୁର୍ଥ ଦିବସରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଇଂଲଣ୍ଡ ୮୨.୧ ଓଭରରେ ୭ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ୮୪ ରନ୍‌ର ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା କ୍ରିସ୍ ୱୋକ୍ସ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଦ୍ୱିତୀୟ ଟେଷ୍ଟ ୧୩ ତାରିଖରୁ ସାଉଥାମ୍ପଟନରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

ଇନିଂସ ଆରମ୍ଭରୁ ଓପନର ରୋରି ବର୍ନ୍ସ ମାତ୍ର ୧୦ ରନ କରି ମହମ୍ମଦ ଆବାସଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏହାପରେ ଡୋମିନିକ୍ ସିବ୍‌ଲି ୩୬, ଅଧିନାୟକ ଜୋ ରୁଟ୍ ୪୨, ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ୯, ଓଲି ପୋପ୍ ୭ ରନକରି ଆଉଟ ହୋଇଥିଲେ। ୧୧୭ ରନରେ ୫ ଉଇକେଟ ହରାଇ ଇଂଲଣ୍ଡ ବିପଦରେ ପଡିଥିବା ବେଳେ ଷଷ୍ଠ ଉଇକେଟରେ



ମିଡ୍ ଉଇକେଟ ଅଞ୍ଚଳକୁ ପୁଲ୍ ଶଟ୍ ଖେଳୁଛନ୍ତି ଜୋସ୍ ବଟଲର।

#### ସଂକ୍ଷିପ୍ତ ସ୍କୋର

- ପାକିସ୍ତାନ ପ୍ରଥମ ଇନିଂସ- ୧୦୯.୩ ଓଭରରେ ୩୨୬
- ଇଂଲଣ୍ଡ ପ୍ରଥମ ଇନିଂସ- ୭୦.୩ ଓଭରରେ ୨୧୯
- ପାକିସ୍ତାନ ଦ୍ୱିତୀୟ ଇନିଂସ- ୪୬.୪ ଓଭରରେ ୧୬୯।
- ଇଂଲଣ୍ଡ ଦ୍ୱିତୀୟ ଇନିଂସ- ୮୨.୧ ଓଭରରେ ୨୭୭/୭ (ୱୋକ୍ସ- ୮୪*, ବଟଲର- ୭୫, ୟାସିର- ୪/୯୯)।

ଜୋସ ବଟଲର ଓ କ୍ରିସ୍ ୱୋକ୍ସ ୧୩୯ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିଥିଲେ। ବଟଲର ୭୫, ଷ୍ଟୁଆର୍ଟ ବ୍ରଡ୍ ୭ ରନ କରି ଆଉଟ ହୋଇଥିଲେ। ୱୋକ୍ସ ୮୪ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ବୋଲିଂରେ ପାକିସ୍ତାନ ତରଫରୁ ୟାସିର ଶାହ ସର୍ବାଧିକ ୪ ଉଇକେଟ ଅକ୍ତିଆର କରିଥିଲେ।

ତୃତୀୟ ଦିବସର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୩୭/୮ରୁ ଖେଳ ଆରମ୍ଭ କରି ପାକିସ୍ତାନ ଶନିବାର ଅଲ୍ ଆଉଟ୍ ହୋଇଥିଲା। ବୋଲିଂରେ ଇଂଲଣ୍ଡ ତରଫରୁ ବ୍ରଡ ସର୍ବାଧିକ ୩, କ୍ରିସ୍ ୱୋକ୍ସ ଓ ବେନ୍ ଷ୍ଟୋକ୍ସ ୨ଟି ଲେଖାଏ, ଆର୍ଚର ଓ ଡୋମିନିକ ବେସ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

# ଧନଶ୍ରୀ-ଚହଲ ନିର୍ବନ୍ଧ

**ନୂଆଦିଲ୍ଲୀ, ୮।୮:** ୟୁ ଟ୍ୟୁବର ତଥା କୋରିଓଗ୍ରାଫର ଧନଶ୍ରୀ ବର୍ମାଙ୍କ ସହ ଭାରତୀୟ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କ ନିର୍ବନ୍ଧ ହୋଇଛି। ଶନିବାର ୩୦ ବର୍ଷୀୟ ଚହଲ ନିଜ ଅଫିସିଆଲ ଟୁଇଟର ହ୍ୟାଣ୍ଡଲରେ ଧନଶ୍ରୀଙ୍କ ସହ ନିଜର ଏକ ସୁନ୍ଦର ଫଟୋ ଶେୟାର କରିଛନ୍ତି। ସେ ମଧ୍ୟ ଠିକ ଏହି ଫଟୋକୁ ଇନ୍‌ଷ୍ଟାଗ୍ରାମ୍ ଏକାଉଣ୍ଟରେ ଶେୟାର କରିଛନ୍ତି। ରୋକା ସେରିମନି ବା ନିର୍ବନ୍ଧ ଉତ୍ସବର ଏହି ଫଟୋକୁ ସୋସିଆଲ ମିଡିଆରେ ପ୍ରଶଂସକମାନେ ବେଶ୍ ପସନ୍ଦ କରିଛନ୍ତି। ଏହି ଫଟୋ ତଥା ନିର୍ବନ୍ଧ ଖବରକୁ ଶେୟାର କରିବା ପରେ ଚହଲଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିଛି। ଅଧିନାୟକ ବିରାଟ କୋହଲି ଓ ଅନ୍ୟ ଦଳୀୟ ସାଥୀମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉଭୟଙ୍କୁ ଅଭିନନ୍ଦନ ବୋଲି କୋହଲି କମେଣ୍ଟ କରି ଲେଖିଛନ୍ତି। ସେହିପରି ବୋଲିଂ କୋଚ୍ ଆର. ଶ୍ରୀଧର ମଧ୍ୟ ସମାନ କଥା ଲେଖି ଶୁଭେଚ୍ଛା ଜଣାଇଛନ୍ତି। ଭାରତୀୟ ତାରକା ଓପନର ରୋହିତ ଶର୍ମାଙ୍କ ସ୍ତ୍ରୀ ରିତିକା ସଜ୍‌ଦେ ଦୁହିଁଙ୍କୁ ଅଭିନନ୍ଦନ ଜଣାଇ କମେଣ୍ଟ କରିଛନ୍ତି। ସେହିପରି ଭାରତୀୟ କ୍ରିକେଟର ମନଦୀପ ସିଂ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି। ଧନଶ୍ରୀ ଇନ୍‌ଷ୍ଟାଗ୍ରାମ୍ ପ୍ରୋଫାଇଲ ଅନୁସାରେ ସେ ଜଣେ ଡାକ୍ତର, ୟୁ ଟ୍ୟୁବର ଓ ପେସାରେ ଜଣେ କୋରିଓଗ୍ରାଫର ବୋଲି ଜଣାପଡିଛି। ଚହଲ ମଧ୍ୟ ନିଜ ସ୍ପିନ୍ ଯାଦୁରେ ଭାରତକୁ ଏକାଧିକ ମ୍ୟାଚ୍‌ରେ ଜିତାଇଛନ୍ତି।



ଧନଶ୍ରୀ ବର୍ମାଙ୍କ ସହ ଯୁଜବେନ୍ଦ୍ର ଚହଲ।

ଟିକ୍‌ଟକ ଆପ୍ ବ୍ୟାନ ହେବା ପୂର୍ବରୁ ସେ ଏଥିରେ ବେଶ୍ ସକ୍ରିୟ ରହିଥିଲେ। ଚହଲ ଏପର୍ଯ୍ୟନ୍ତ ୫୨ଟି ଦିନିକିଆ, ୪୨ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳିଛନ୍ତି। ଆଗକୁ ୟୁନାଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଆୟୋଜନ ହେବାକୁ ଯାଉଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୧୩ତମ ସଂସ୍କରଣରେ ଚହଲ କୋହଲିଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ତରଫରୁ ପ୍ରତିନିଧିତ୍ୱ କରିବେ।

# ଟିମ୍ ଇଣ୍ଡିଆ ପ୍ରାୟୋଜକ ଦୌଡ଼ରେ ପୁମା ସର୍ବାଗ୍ରେ

**ନୂଆଦିଲ୍ଲୀ,୮।୮(ପି.ଟି.):** ଭାରତୀୟ କ୍ରିକେଟ ଦଳର କିଟ୍ ପ୍ରାୟୋଜକ ଦୌଡ଼ରେ ବିଶ୍ୱର ଦୁଇ କ୍ରୀଡ଼ା ପୋଷାକ ଉତ୍ପାଦନକାରୀ କମ୍ପାନୀ ପୁମା ଓ ଆଡିଡାସ ସାମିଲ ହୋଇଛନ୍ତି। ଜର୍ମାନୀ କମ୍ପାନୀ ପୁମା କିନ୍ତୁ ଏହି ଦୌଡ଼ରେ ସମସ୍ତଙ୍କଠାରୁ ଆଗରେ ରହିଛି। ଆଡିଡାସ୍ ମଧ୍ୟ ଏହି ଦୌଡ଼ରେ ସାମିଲ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ତେବେ ଅନ୍ୟତମ କ୍ରୀଡ଼ା ପୋଷାକ ଉତ୍ପାଦନକାରୀ କମ୍ପାନୀ ନାଇକ୍ ଏହି ଦୌଡ଼ରେ ସାମିଲ ହୋଇଛି କି ନା ତାହା ଜଣାପଡିନାହିଁ। ୨୦୧୬ରୁ ୨୦୨୦ ପର୍ଯ୍ୟନ୍ତ ନାଇକ୍ ଭାରତୀୟ କ୍ରିକେଟ କେଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସହ ଚୁକ୍ତି କରିଥିଲା ଓ ୩୭୦ କୋଟି ଟଙ୍କା ଦେଇଥିଲା। ତେବେ ବିସିସିଆଇ ଅପେକ୍ଷାକୃତ କମ୍ ବିଡ୍ ଲଗାଇବା ନେଇ ପ୍ରସ୍ତାବ ରଖିବା ପରେ ନାଇକ୍ ଏଥିରେ ସହମତି ପ୍ରକାଶ କରି ନ ଥିଲା ଓ ଏହାକୁ ପ୍ରତ୍ୟାଖାନ କରିଥିଲା। ତେବେ ପୁମା ଇତିମଧ୍ୟରେ ବିଡ୍ ଡକ୍ୟୁମେଣ୍ଟ ବା ଆଇଟିଟି (ଇନ୍‌ଭାଇଟେଶନ ସହ ଟେଣ୍ଡର) ଦସ୍ତାବିଜ୍ ୧ ଲକ୍ଷ ଟଙ୍କା ବିନିମୟରେ କ୍ରୟ କରିଛି। ବିଡ୍ ଦାଖଲ କରିବାକୁ ପୁମା ସ୍ୱତନ୍ତ୍ର ଭାବେ ଉତ୍ସାହିତ ଅଛି ବୋଲି ନିଜ ନାମ ଗୋପନ ରଖି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଆଡିଡାସ୍ ମଧ୍ୟ ଏଥିରେ ସାମିଲ ହେବାକୁ ଇଚ୍ଛା ଜାହିର କରିଛି। ସାରା ବିଶ୍ୱରେ ପୁମାର ୩୫୦ଟି ସ୍ୱତନ୍ତ୍ର ଷ୍ଟୋର ଓ ଆଡିଡାସ୍‌ର ୪୫୦ରୁ ଊର୍ଦ୍ଧ୍ୱ ଆଉଟ୍‌ଲେଟ ରହିଛି। ଭାରତୀୟ ଅଧିନାୟକ ବିରାଟ କୋହଲି ଓ ଓପନର ଲୋକେଶ ରାହୁଲ ଏବେ ପୁମାର ବ୍ରାଣ୍ଡ ଆମ୍ବାସାଡର ରହିଛନ୍ତି।

# ୟୁଏସ୍ ଓପନରୁ ଓହରିଲେ ସ୍ୱିତୋଲିନା, ବର୍ଟେନ୍ସ



ଏଲିନା ସ୍ୱିତୋଲିନା



କିକି ବର୍ଟେନ୍ସ

**ନ୍ୟୁୟର୍କ,୮।୮ (ଏପି):** କରୋନା ଭାଇରସ ଆଶଙ୍କାରେ ଆଉ ଦୁଇଜଣ ଟପ୍ ମହିଳା ଟେନିସ ଖେଳାଳି ଏଲିନା ସ୍ୱିତୋଲିନା ଓ କିକି ବର୍ଟେନ୍ସ ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାରୁ ଓହରିଯାଇଛନ୍ତି। ପୂର୍ବରୁ ନମ୍ବର ୱାନ ର୍‍ୟାଙ୍କିଂପ୍ରାପ୍ତ ଆଶଲେ ବାର୍ଟି ଇଭେଣ୍ଟରୁ ଓହରିଯାଇ ସାରିଛନ୍ତି। ଶୁକ୍ରବାର ବାରବୋରା କ୍ରେଜ୍‌ସିକୋଭା ଓହରିଯାଇଥିବା ୟୁଏସ୍ ଟେନିସ ଆସୋସିଏଶନ ଘୋଷଣା କରିଥିଲା। ସେ ଡବଲ୍ସରେ ୮ମ ଏବଂ ସିଙ୍ଗଲ୍ସରେ ୧୧୫ତମ ର୍‍ୟାଙ୍କିଂପ୍ରାପ୍ତ ଖେଳାଳି। ୫ମ ର୍‍ୟାଙ୍କିଂପ୍ରାପ୍ତ ତଥା ୟୁକ୍ରେନ୍‌ର ସ୍ୱିତୋଲିନା ବର୍ଷକ ପୂର୍ବେ ଫ୍ଲସିଂ ମିଡୋଜ୍‌ଠାରେ ସେମିଫାଇନାଲ ପର୍ଯ୍ୟନ୍ତ ଯାଇ ପାରିଥିଲେ। ଶୁକ୍ରବାର ସେ ସୋସିଆଲ ମିଡିଆରେ ପୋଷ୍ଟ କରି କହିଛନ୍ତି ୟୁଏସ୍ ଗସ୍ତ କରି ସେ ତାଙ୍କ ଟିମ୍ କୌଣସି ରିସ୍କ ନେବାକୁ ଚାହାନ୍ତି ନାହିଁ। ସେହିପରି ୭ନମ୍ବର ମାନ୍ୟତାପ୍ରାପ୍ତ ବର୍ଟେନ୍ସ ଇନ୍‌ଷ୍ଟାଗ୍ରାମ୍‌ରେ ଉଲ୍ଲେଖ କରିଛନ୍ତି ଯେ, ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୧୩ ପର୍ଯ୍ୟନ୍ତ ୟୁଏସ୍ ଓପନ୍ ପରେ ୟୁରୋପକୁ ଫେରିବା ବେଳେ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ। ଟୁର୍ନାମେଣ୍ଟ ବେଳେ କୌଣସି ଦର୍ଶକ ଉପସ୍ଥିତ ରହିବେ ନାହିଁ। ଅନ୍ୟପକ୍ଷରେ ଫ୍ରେଞ୍ଚ ଓପନ୍ ସେପ୍ଟେମ୍ବର ୨୭ରୁ ଖେଳାଯିବ। ଏହି ଟୁର୍ନାମେଣ୍ଟର ୨୦୧୬ ସଂସ୍କରଣରେ ବର୍ଟେନ୍ସ ସେମିଫାଇନାଲରେ ପ୍ରବେଶ କରିପାରିଥିଲେ।

# ବକ୍ସିଂ ଡେ ଟେଷ୍ଟ ମେଲବୋର୍ନରେ ଖେଳାଯିବ

**ମେଲବୋର୍ନ, ୮।୮ (ପି.ଟି.):** ଯଦି ଦର୍ଶକଙ୍କୁ ଷ୍ଟାଡିୟମ ଭିତରକୁ ଯିବାକୁ ଅନୁମତି ଦିଆଯାଏ ତା'ହେଲେ ବକ୍ସିଂ ଡେ ଟେଷ୍ଟ ମେଲବୋର୍ନରେ ଆୟୋଜନ ହେବ ବୋଲି କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ମଧ୍ୟବର୍ତ୍ତିକାଳୀନ କାର୍ଯ୍ୟ ନିର୍ବାହୀ ନିକ୍ ହୋକ୍‌ଲି କହିଛନ୍ତି। ଭାରତ ଅଷ୍ଟ୍ରେଲିଆ ଗସ୍ତରେ ଯିବାର କାର୍ଯ୍ୟକ୍ରମ ଥିବା ବେଳେ ବକ୍ସିଂ ଡେ ଟେଷ୍ଟକୁ ଆଡିଲେଡ୍‌କୁ ସ୍ଥାନାନ୍ତର କରିବାକୁ ଅନୁମାନ କରାଯାଉଥିଲା। ଭିକ୍ଟୋରିଆ ରାଜ୍ୟରେ କରୋନ ଭାଇରସ୍ ସଂକ୍ରମଣ ବୃଦ୍ଧି ପାଉଥିବାରୁ ଏ ନେଇ ଚର୍ଚ୍ଚା ହେଉଥିଲା। କିନ୍ତୁ ଯଦି ଦର୍ଶକଙ୍କୁ ମ୍ୟାଚ୍ ଦେଖିବାକୁ ଷ୍ଟାଡିୟମ ଭିତରକୁ ଛଡ଼ା ଯାଏ ତା'ହେଲେ ଏହି ଟେଷ୍ଟ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଖେଳାଯିବ ବୋଲି ହୋକ୍‌ଲି ସ୍ପଷ୍ଟ କରିଛନ୍ତି। ସେତେବେଳକୁ ପରିସ୍ଥିତିରେ ସୁଧାର ଆସିଥିବ। ଅଷ୍ଟ୍ରେଲୀୟ କ୍ରୀଡ଼ା କ୍ୟାଲେଣ୍ଡରରେ ବକ୍ସିଂ ଡେ ଟେଷ୍ଟକୁ ବେଶ୍ ମର୍ଯ୍ୟାଦା ଓ ଗୁରୁତ୍ୱ ଦିଆଯାଇଥାଏ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ସରକାର ସହ ଆମେ ଆଲୋଚନା କରିଛୁ। ସେତେବେଳକୁ ଯାତ୍ରା କଟକଣା ଉଠାଇବାକୁ ଆମେ ସରକାରଙ୍କୁ ଅବଗତ କରାଇଛୁ ବୋଲି ସେ ସ୍ପଷ୍ଟ କରିଛନ୍ତି।

# କ୍ରୀଡ଼ା ସଙ୍ଗଠକମାନଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**କଟକ ଅଫିସ,୮।୮**

ସ୍ପୋର୍ଟ୍ସ ହଷ୍ଟେଲକୁ ବାଦ ଦେଲେ ରାଜ୍ୟ କ୍ରୀଡ଼ାର ସ୍ଥିତି ନାହିଁ। ଏଠାରୁ ରାଜ୍ୟର ଅନେକ ପ୍ରତିଭାବାନ ଖେଳାଳି ସୃଷ୍ଟି ହୋଇଛନ୍ତି। ରାଜ୍ୟର ଅନ୍ତର୍ଜାତୀୟ ଖେଳାଳିଙ୍କ ତାଲିକାକୁ ନଜର ଦେଲେ, ସେମାନେ ମଧ୍ୟ ସ୍ପୋର୍ଟ୍ସ ହଷ୍ଟେଲର ଅନ୍ତେବାସୀ ବୋଲି ଜଣାପଡ଼େ। ଏଣୁ ସ୍ପୋର୍ଟ୍ସ ହଷ୍ଟେଲକୁ ନବୀକରଣ କରାଯିବା ଉଦ୍ଦେଶ୍ୟରେ ହୋଇଥିବା ନିଷ୍ପତ୍ତିକୁ ପୁନର୍ବିଚାର କରାଯାଉ ବୋଲି ଦାବି କରିଛନ୍ତି ରାଜ୍ୟର ବିଭିନ୍ନ କ୍ରୀଡ଼ା ସଙ୍ଗଠକ। ବରିଷ୍ଠ କ୍ରୀଡ଼ା ସଙ୍ଗଠକ ମାନେ ମିଳିତ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଶନିବାର ଏକ ଦାବି ପତ୍ର ପ୍ରଦାନ କରିଛନ୍ତି।

ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦ୍ୱାରା ୧୬ଟି ଆବାସିକ ସ୍ପୋର୍ଟ୍ସ ହଷ୍ଟେଲର ପୁନର୍ଗଠନ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଉଛି। ଏହି ପ୍ରକ୍ରିୟାକୁ ପୁନର୍ବିଚାର କରାଯାଉ ବୋଲି ଦାବି କରି ପ୍ରମୁଖ କ୍ରୀଡ଼ା ସଙ୍ଗଠକ ଏକଜୁଟ ହୋଇଛନ୍ତି। ନବୀକରଣ ପ୍ରକ୍ରିୟାରେ ୧୮ବର୍ଷରୁ ଊର୍ଦ୍ଧ୍ୱ ବୟସ ଖେଳାଳିଙ୍କୁ ହଷ୍ଟେଲରୁ ବାଦ ଦିଆଯିବ। ଯାହା ରାଜ୍ୟ କ୍ରୀଡ଼ାର ମୂଳଦୁଆ ପ୍ରତି ଆଞ୍ଚ ଆଣିବ ବୋଲି କ୍ରୀଡ଼ା ସଙ୍ଗଠକମାନେ କହିଛନ୍ତି। ରାଜ୍ୟ ସରକାର ବିଭିନ୍ନ ଅନ୍ତର୍ଜାତୀୟ

### ସ୍ପୋର୍ଟ୍ସ ହଷ୍ଟେଲ ପୁନର୍ଗଠନ ପ୍ରସଙ୍ଗ

ଟୁର୍ନାମେଣ୍ଟ ଆୟୋଜନ କରି ଯେଉଁ ଖ୍ୟାତି ହାସଲ କରିଛନ୍ତି ତାହା ପ୍ରଶଂସନୀୟ। ଏଣୁ କ୍ରୀଡ଼ାର ବିକାଶକୁ ଦୃଷ୍ଟିରେ ରଖି ନୂତନ ସ୍ପୋର୍ଟ୍ସ ହଷ୍ଟେଲ ଗଠନ କରାଯିବା ସହ ଦକ୍ଷ ପ୍ରଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବା ଦିଗରେ ଗୁରୁତ୍ୱ ଦିଆଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସମ୍ପାଦକ(ଇନଚାର୍ଜ) ଅଭିଜିତ ପାଲ, ଓଡ଼ିଶା ଜିମ୍ନାଷ୍ଟିକ ଆସୋସିଏଶନ ସମ୍ପାଦକ ଅଶୋକ କୁମାର ସାହୁ, ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ଆସୋସିଏଶନ ସମ୍ପାଦକ ବୀରେନ୍ଦ୍ର କୁମାର ବେହେରା, ହକି ଓଡ଼ିଶା ସମ୍ପାଦକ ପ୍ରତାପ ଶତପଥୀ, ଓଡ଼ିଶା ରୋଇଂ ଆସୋସିଏଶନ ସଭାପତି ବିନୋଦ ଦାଶ, ଓଡ଼ିଶା ତୀରନ୍ଦାଜୀ ଆସୋସିଏଶନ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ, ଓଡ଼ିଶା ଟିଟି ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା, ଓଡ଼ିଶା ଭଲିବଲ ଆସୋସିଏଶନ ସମ୍ପାଦକ ଗଗନେନ୍ଦୁ ଦାସଙ୍କ ସମେତ ଅନ୍ୟ ସମସ୍ତ କ୍ରୀଡ଼ା ସଂଘର ସମ୍ପାଦକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବି ପତ୍ର କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ, କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ବିଶାଲ କୁମାର ଦେବ, ୫ଟି ସଚିବ ଭି.କେ. ପାଣ୍ଡିଆନ, କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ଆର୍. ଭିନିଲକ୍ରିଷ୍ଣାଙ୍କୁ ମଧ୍ୟ ଦିଆଯାଇଛି ।











3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ